

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୯୧ ● ୨୯ ଅପ୍ରେଲ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-91 ● 29th April 2025, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ

# ପ୍ରଥମ ଦିନରେ ୧୧୭ ଜମାକାରୀଙ୍କ ୨.୮୦ କୋଟି ଟଙ୍କା ଫେରସ୍ତ

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ



ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସୋମବାର ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି।

ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରତୀକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନ କରି ଅର୍ଥ ଫେରସ୍ତ କରିଥିଲେ।

ସୂଚନାଯୋଗ୍ୟ ଯେ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁଁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା। ୨୦୧୫ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧,୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତି ମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇ ପାରିନଥିଲେ। ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀମାନଙ୍କର ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ।


ଏହା ସହିତ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ ଟି ବ୍ୟାଙ୍କର ୧୭, ୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ।

ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନେକ ଅବିସ୍ମରଣୀୟ ଅବଦାନ ମଧ୍ୟରୁ ଏକ ପ୍ରମୁଖ ଅବଦାନ ଥିଲା ଓଡ଼ିଶାରେ ସମବାୟ ଆନ୍ଦୋଳନ।

ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ (ପୃଷ୍ଠା ୭ରେ)

# ରାଷ୍ଟ୍ରପତି ଭବନରେ ପଦ୍ମ ପୁରସ୍କାର ପ୍ରଦାନ

ନୂଆଦିଲ୍ଲୀ, ୨୮।୪




ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ପଦ୍ମ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ପୁରସ୍କାର ପାଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଜନସେବା, ଚିକିତ୍ସା, ଶିକ୍ଷା, କଳା, ବିଜ୍ଞାନ, ଚଳଚ୍ଚିତ୍ର-ମନୋରଞ୍ଜନ ଆଦି ବିଭିନ୍ନ ଜଗତର ଅନେକ ପ୍ରତିଭାବାନ ବ୍ୟକ୍ତିତ୍ୱ ରହିଛନ୍ତି। ଏଥିରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶେଖର କପୁରଙ୍କଠାରୁ ଆରମ୍ଭ କରି ଗାୟକ ଅରିଜିତ ସିଂହଙ୍କ ପର୍ଯ୍ୟନ୍ତ ନାମ ରହିଛି । ସେହିପରି ବିଜେତାଙ୍କ ମଧ୍ୟରେ ୪ ବିଶିଷ୍ଟ ଓଡ଼ିଆ ବ୍ୟକ୍ତିତ୍ୱ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଦ୍ୱୈତ ଚରଣ ଗଡ଼ନାୟକ (କଳା), ପ୍ରଫେସର (ଡ. ଅଶୋକ କୁମାର ମହାପାତ୍ର (ଚିକିତ୍ସା ବିଜ୍ଞାନ), ଡ. ପ୍ରତିଭା ଶତପଥୀ (ସାହିତ୍ୟ ଓ ଶିକ୍ଷା) ଏବଂ ଦୁର୍ଗା ଚରଣ ରଣବୀର (କଳା)। ଅନୁରୂପ ଭାବେ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରବୀଣ ଗାୟକ ପଙ୍କଜ ଉଦାସଙ୍କୁ ମରଣୋତ୍ତର ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ପତ୍ନୀ ଫରିଦା ପଙ୍କଜ ଉଦାସ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ସୋମବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୯ଟି ବର୍ଗରେ ୧୩୯ ପଦ୍ମ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

ମନୋରଞ୍ଜନ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ନନ୍ଦମୁରୀ ବାଳକୃଷ୍ଣ, ଅଜିତ କୁମାର ଏବଂ ଅରିଜିତ ସିଂହଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅଭିନେତା ଅଜିତ କୁମାର-ପଦ୍ମ ଭୂଷଣ, ଚଳଚ୍ଚିତ୍ର ନିର୍ମାତା ଶେଖର କାପୁର-ପଦ୍ମ ଭୂଷଣ, ଅଭିନେତା ଅଶୋକ ଲକ୍ଷ୍ମଣ ସରଫ- ପଦ୍ମଶ୍ରୀ, କାର୍ଯ୍ୟକାରୀ ପ୍ରଶିକ୍ଷକ, ଥିଏଟର ନିର୍ଦ୍ଦେଶକ ବରୀ ଗଡଫ୍ରେ ଜନ୍-ପଦ୍ମଶ୍ରୀ, ଗାୟକ ଜସପିନ୍ଦର ନରୁଲା-ପଦ୍ମଶ୍ରୀ, କଣ୍ଠଶିଳ୍ପୀ (ପୃଷ୍ଠା ୭ରେ)

# ୨୬ ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କିଣା ସଂକ୍ରାନ୍ତ ବୁଝାମଣା ପତ୍ର ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୨୮।୪



ଭାରତ-ଫ୍ରାନ୍ସ ମଧ୍ୟରେ ୨୬ ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କିଣିବା ପାଇଁ ସୋମବାର ୬୩ ହଜାର କୋଟିର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ଭାରତ ଓ ଫ୍ରାନ୍ସର ରାଷ୍ଟ୍ରଦୂତଙ୍କ ମଧ୍ୟରେ ହୋଇଥିବା ଏହି ବୁଝାମଣା ପତ୍ର ଅନୁଯାୟୀ ଭାରତୀୟ ନୌସେନାର ଯୁଦ୍ଧ ଶକ୍ତି ଆହୁରି ଅଧିକ ସୁଦୃଢ ହେବ । ଭାରତୀୟ ପକ୍ଷରୁ ପ୍ରତିନିଧିତ୍ୱ ରକ୍ଷା ସଚିବ ରାଜେଶ କୁମାର ସିଂହ କରିଥିବା ବେଳେ ନୌସେନାର ଉପମୁଖ୍ୟ ଭାଇସ ଆଡମିରାଲ କେ.ସ୍ୱାମୀନାଥନ ଉପସ୍ଥିତ ଥିଲେ।

ଭାରତ ଓ ଫ୍ରାନ୍ସ ସୋମବାର ୨୬ ରାଫେଲ ମରିନ ବିମାନ କିଣିବା ପାଇଁ ୬୩ ହଜାର କୋଟି ଟଙ୍କାର ବଡ ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତା ବିଶିଷ୍ଟ ସୁରକ୍ଷା ମାମଲାର କେନ୍ଦ୍ର କ୍ୟାବିନେଟ୍ କମିଟି ଚଳିତ ମାସ ଏପ୍ରିଲ ୯ରେ ଫ୍ରାନ୍ସରୁ ୨୬ ରାଫେଲ ମରିନ ଯୁଦ୍ଧ ବିମାନ କିଣିବା ପାଇଁ ମେଗା ଡିଲକୁ ମଞ୍ଜୁରୀ ଦେଇଥିଲେ । ଏହି ବୁଝାମଣା ଅଧୀନ ଭାରତୀୟ ନୌସେନାକୁ ୨୨ ସିଙ୍ଗଲ-ସିଟର ଓ ୪ଟି ଟ୍ୱିନ ସିଟର ବିମାନ ମିଳିବ । ଏହାଦ୍ୱାରା ଭାରତୀୟ ନୌସେନାର ଯୁଦ୍ଧ ଶକ୍ତି ଆହୁରି ଅଧିକ ମଜଭୂତ ହେବ । ଫ୍ରାନ୍ସକୁ ଏମଓୟୁ ଅନ୍ତର୍ଗତ ବୁଝାମଣାରେ ସ୍ୱାକ୍ଷର କରିବା ଦିନରୁ ୩୭ମାସ ଭିତରେ ପ୍ରଥମ ରାଫେଲ ମରିନ ବିମାନ ଦେବାର ବାଧ୍ୟତା ହେବ ।

## ପ୍ରଶ୍ନପତ୍ର ବିଭ୍ରାଟରେ ସଂପୃକ୍ତ ଦୋଷୀଙ୍କୁ ଛଡ଼ା ଯିବନାହିଁ

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ

ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ପ୍ରଶ୍ନପତ୍ର ବିଭ୍ରାଟରେ ଯେଉଁ ବିଭାଗ ସଂଶ୍ଳିଷ୍ଟ ଅଛି ତଦନ୍ତ କରାଯିବ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ । ସେ ପ୍ରକାଶ କରିଛନ୍ତି ଯେ ଯେଉଁମାନେ ପ୍ରଶ୍ନପତ୍ର ପ୍ରଘଟରେ ସଂପୃକ୍ତ ଅଛନ୍ତି ସେମାନଙ୍କୁ କୌଣସି ପ୍ରକାରେ ଛଡାଯିବ ନାହିଁ। ପ୍ରଶ୍ନପତ୍ର ବିଭ୍ରାଟ (ପୃଷ୍ଠା ୭ରେ)

# ପାକିସ୍ତାନୀ, ବାଂଲାଦେଶୀଙ୍କ ରାସନ କାର୍ଡ କଟିବ

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ



ଓଡ଼ିଶାରେ ରାସନ କାର୍ଡ ହାତେଇଥିବା ପାକିସ୍ଥାନୀ, ବାଂଲାଦେଶୀ, ମିଆଁମାରର ନାଗରିକମାନଙ୍କ ରାସନ କାର୍ଡ ଓ ଆଧାର କାର୍ଡକୁ ଟିକିନିକି ଯାଞ୍ଚ କରାଯିବ ଏବଂ ଏହା ପରେ ସେମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ରାସନ କାର୍ଡ କଟାଯିବ। ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ବିଦେଶୀ ନାଗରିକ ବିଶେଷ କରି ପାକିସ୍ତାନୀ, ବାଂଲାଦେଶୀ ଓ ମିଆଁ ମାରର ବହୁ ସଂଖ୍ୟାରେ ଲୋକେ ବିଭିନ୍ନ ସ୍ଥାନରେ ରହି ଭୋଟ କାର୍ଡ, ଆଧାର କାର୍ଡ କରିଛନ୍ତି। ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚ ପରେ ସେମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ତ୍ରୀ କହିଛନ୍ତି ଯେଉଁମାନଙ୍କର ଏଠାରେ ଭୋଟର କାର୍ଡ ଏବଂ ଆଧାର କାର୍ଡ ରହିଛି ତାହାର ମଧ୍ୟ ଯାଞ୍ଚ କରାଯାଇ ସେମାନଙ୍କୁ ଖୁବଶୀଘ୍ର ଚିହ୍ନଟ କରାଯିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥି ସହିତ ଏସବୁ ବିଦେଶୀ ନାଗରିକଙ୍କ ରାସନ କାର୍ଡ କଟାଯିବ ବୋଲି ଶ୍ରୀ ପାତ୍ର ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ନୂଆ ରାସନ କାର୍ଡ ବାଣ୍ଟିବା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ମେଗା କାର୍ଯ୍ୟକ୍ରମ ଆରମ୍ଭ କରିବେ (ପୃଷ୍ଠା ୭ରେ)

## ଜଣେ ପାକିସ୍ତାନୀ ନାଗରିକ ଓଡ଼ିଶା ଛାଡିସାରିଛନ୍ତି: ପୁଲିସ ଡିଜି

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ

ଜଣେ ପାକିସ୍ତାନୀ ନାଗରିକ ଓଡ଼ିଶା ଛାଡ଼ିସାରିଛନ୍ତି ବୋଲି ପୁଲିସ ଡିଜି ୱାଇ ବି ଖୁରାନିଆ କହିଛନ୍ତି। ଓଡ଼ିଶାର ୧୨ ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡ଼ିବା ପ୍ରସଙ୍ଗରେ ସେ କହିଛନ୍ତି, ଯେଉଁମାନେ ଦୀର୍ଘମିଆଦି ଭିସା ପାଇଛନ୍ତି ବା ସେଥିଲାଗି ଆବେଦନ କରିଛନ୍ତି, ସେମାନଙ୍କ ଆବେଦନ ଉପରେ ଆମେ ଦେଖୁଛୁ ଏନେଇ ପରବର୍ତ୍ତୀ ନିର୍ଦ୍ଦେଶନାମାକୁ ଅପେକ୍ଷା କରାଯାଇଛି ।

ଓଡ଼ିଶାରେ ଆଉ ପାକିସ୍ତାନୀ ନାଗରିକ ରହିପାରିବେ ନାହିଁ । ସେମାନଙ୍କୁ ରାଜ୍ୟରୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । (ପୃଷ୍ଠା ୭ରେ)

## ଲୋକଙ୍କ ସମର୍ଥନରେ ହିଁ ଆତଙ୍କବାଦକୁ ପରାସ୍ତ କରାଯାଇପାରିବ: ଓମାର ଅବଦୁଲ୍ଲା

ଜମ୍ମୁ : ୨୮।୪

ଜମ୍ମୁ ଏବଂ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋମବାର କହିଛନ୍ତି ଯେ ତାଙ୍କ ସରକାର ଆତଙ୍କବାଦ ବିରୋଧରେ ଜନ ଅଭିଯାନକୁ ମଜଭୂତ କରିବ। କାରଣ ଏହାକୁ କେବଳ ଲୋକଙ୍କ ସମର୍ଥନରେ ପରାସ୍ତ କରାଯାଇପାରିବ। ତଥାପି ଅବଦୁଲ୍ଲା ସତର୍କ କରାଇ ଦେଇଛନ୍ତି ଯେ ସରକାର ଏପରି କୌଣସି ପଦକ୍ଷେପ ନେବାରୁ ଦୂରେଇ ରହିବା ଉଚିତ, ଯାହା ଜନସାଧାରଣଙ୍କୁ ଦୂରେଇ ଦେବ।

ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ପାଇଁ ଆହୂତ ଏକ ସ୍ୱତନ୍ତ୍ର ଅଧିବେଶନରେ ପ୍ରସ୍ତାବ ଉପରେ ଆଲୋଚନା ଶେଷ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଲୋକମାନେ ଆମ ସହିତ ରହିବେ, ସେତେବେଳେ ଆତଙ୍କବାଦ କିମ୍ବା ଆତଙ୍କବାଦୀତା ଶେଷ ହେବ। ଯଦି ଆମେ ଆତଙ୍କବାଦ ବିରୁଦ୍ଧରେ ଲୋକଙ୍କ କ୍ରୋଧକୁ ଦୃଷ୍ଟିରେ ରଖି ଉପଯୁକ୍ତ ପଦକ୍ଷେପ ନେବା, ତେବେ ଏହାର ଶେଷର ଆରମ୍ଭ ହେବ। ସେ କହିଥିଲେ ଯେ ଆମେ ଏପରି କୌଣସି ପଦକ୍ଷେପ ନେବା ଉଚିତ୍ ନୁହେଁ ଯାହା ଲୋକଙ୍କୁ ଅଲଗା କରିବ। ଆମେ ବନ୍ଧୁକ ସାହାଯ୍ୟରେ ଆତଙ୍କବାଦୀଙ୍କୁ ନିୟନ୍ତ୍ରଣ କରିପାରିବୁ ନାହିଁ, (ପୃଷ୍ଠା ୭ରେ)

# ଭୁବନେଶ୍ୱର ରେଳ ଷ୍ଟେସନରେ ହାଇ ଆଲର୍ଟ

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ



ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସାରା ଭାରତରେ ହାଇ ଆଲର୍ଟ ଜାରି କରାଯାଇଛି ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଦିଲ୍ଲୀ, କୋଲକାତା ଏବଂ ଚେନ୍ନାଇ ସମେତ ଦେଶର ପ୍ରମୁଖ ସହରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି, ବିଶେଷ କରି ରେଳ ଷ୍ଟେସନ ଭଳି ପ୍ରମୁଖ ସାର୍ବଜନୀନ ସ୍ଥାନଗୁଡ଼ିକ ଉପରେ ଧ୍ୟାନ ଦିଆଯାଇଛି।

ଭୁବନେଶ୍ୱରରେ ରେଳ ସୁରକ୍ଷା ବାହିନୀ (ଆରପିଏଫ) ଜନସାଧାରଣଙ୍କୁ ସଚେତନତା ଏବଂ ସତର୍କତା ସୁନିଶ୍ଚିତ କରିବା ପାଇଁ ରେଳ ଷ୍ଟେସନରେ ଏକ ଫ୍ଲାଗ ମାର୍ଚ୍ଚ କରିଥିଲା। କର୍ତ୍ତୃପକ୍ଷ ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି ଯେ, ଯେକୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ବସ୍ତୁ ଦେଖିଲେ ତୁରନ୍ତ ସରକାରୀ ରେଳ ପୁଲିସ (ଜିଆରପି) କିମ୍ବା ଆରପିଏଫକୁ ରିପୋର୍ଟ କରନ୍ତୁ । ଆରପିଏଫ ଜନସାଧାରଣଙ୍କୁ ବିଳମ୍ବ ନକରି ଯେକୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ବିଷୟରେ ସୂଚନା ଦେବାକୁ ପରାମର୍ଶ ଦେଇଛି।

ଭୁବନେଶ୍ୱର ରେଳ ଷ୍ଟେସନରେ, ଆରପିଏଫ କର୍ମଚାରୀମାନେ (ପୃଷ୍ଠା ୭ରେ)

## ଆକ୍ରମଣ ପଛର ଷଡ଼ଯନ୍ତ୍ର ଖୋଜୁଛି ଏନ୍‌ଆଇଏ ଟିମ୍

ନୂଆଦିଲ୍ଲୀ, ୨୮।୪

ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଅନୁଷ୍ଠାନିକ ଭାବେ ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାର ତଦନ୍ତ ଭାର ଗ୍ରହଣ କରିବା ସହ ତଥ୍ୟପ୍ରମାଣ ଯୋଗାଡ଼ ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉକୁ ଜୋରଦାର କରିଛି । ଆକ୍ରମଣ ପଛର ଷଡ଼ଯନ୍ତ୍ର ଦିଗକୁ ଖୋଜି ବାହାର କରିବା ଲାଗି ଏନ୍‌ଆଇଏ ସାକ୍ଷୀମାନଙ୍କୁ ପଚରାଉଚରା କରୁଥିବା ଜଣେ ଅଧିକାରୀ କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ନିର୍ଦ୍ଦେଶ ମିଳିବା ପରେ ଏନ୍‌ଆଇଏ ଜମ୍ମୁରେ ଏକ ମାମଲା ରୁଜୁ କରିଛି। ଏହାର ଏକାଧିକ ଟିମ ତଦନ୍ତରେ ସାମିଲ ହୋଇଛନ୍ତି। ଗତ ମଙ୍ଗଳବାର ପହଲଗାମ୍‌ରେ ଆତଙ୍କବାଦୀଙ୍କ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଦେଶ ଯେତେବେଳେ ଏକ ହେବା କଥା
ଅଛନ୍ତି ବହୁତ ଗଧ
କହନ୍ତି ପାକ୍ ପୂରା ଉଦ୍ରଲୋକ
ଚାହୁଁନାହିଁ ଜମା ଯୁଦ୍ଧ
ପାକ୍‌ପ୍ରେମର ଚଢ଼ିଛି ମେଦ
ବେଲଜ୍ୟାଙ୍କୁ ଖାଲି ନାମ ଦରକାର
ଏଗୁଡା ଶବଖିଆ ଗୁଧ।

# ଲଞ୍ଚ୍ ପ୍ୟାଡ ଚିହ୍ନଟ କଲା ଭାରତ : ଆତଙ୍କବାଦୀଙ୍କୁ ବଙ୍କରରେ ଲୁଚଉଛି ପାକିସ୍ତାନ



ନୂଆଦିଲ୍ଲୀ, ୨୮।୪

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଲଞ୍ଚ ପ୍ୟାଡ ଉପରେ ଭାରତୀୟ ସୁରକ୍ଷା ବାହିନୀ ତୀକ୍ଷ୍ଣ ନଜର ରଖିଛି । ଗୋଇନ୍ଦା ରିପୋର୍ଟ ଅନୁଯାୟୀ, ପାକିସ୍ତାନ ନିୟନ୍ତ୍ରିତ ଅଞ୍ଚଳରେ ଆତଙ୍କବାଦୀମାନେ ବଙ୍କରରେ ଲୁଚି ଭାରତ ବିରୋଧରେ ଆକ୍ରମଣର ଯୋଜନା କରୁଛନ୍ତି।

ଏହି ସମୟରେ ଭାରତୀୟ ସେନା ପିଓକେରେ ଥିବା ୪୨ଟି ଆତଙ୍କବାଦୀ ଲଞ୍ଚ ପ୍ୟାଡ ଚିହ୍ନଟ କରି ସେଗୁଡ଼ିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ବିଶେଷତଃ ନିକଟରେ ପାହାଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଓ ଭାରତ ମଧ୍ୟରେ ଉତ୍ତେଜନା ଆହୁରି ବଢିଯାଇଛି।

ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକର ରିପୋର୍ଟ ଅନୁଯାୟୀ, ପିଓକେରେ ୪୨ଟି ଆତଙ୍କବାଦୀ ଲଞ୍ଚ ପ୍ୟାଡ ସକ୍ରିୟ ରହିଛି, ଯେଉଁଠାରେ ପ୍ରାୟ ୧୩୦ ଜଣ ଆତଙ୍କବାଦୀ ଭାରତ ବିରୋଧରେ ଆକ୍ରମଣର ଯୋଜନା କରୁଛନ୍ତି । ଏହି ଶିବିରଗୁଡ଼ିକ ପାକିସ୍ତାନ ସେନା ଏବଂ ଆଇଏସଆଇ (ଇଣ୍ଟର-ସର୍ଭିସେସ ଇଣ୍ଟେଲିଜେନ୍ସ) ଦ୍ୱାରା ସମର୍ଥିତ ବୋଲି ଅଭିଯୋଗ ହୋଇଛି।

ରିପୋର୍ଟରେ ଦାବି କରାଯାଇଛି ଯେ ଲସ୍କର-ଏ-ତୋଇବା (ଏଲଇଟି), ଜୈଶ-ଏ-ମହମ୍ମଦ (ଜେଇଏମ) (ପୃଷ୍ଠା ୭ରେ)

# ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ



ଓଡ଼ିଶା ଉପକୂଳରେ ଆସନ୍ତା ମଇ ୨ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହା ଦ୍ୱାରା ତାତିରୁ ସାମୟିକ ନିସ୍ତାର ମିଳିବ ବୋଲି ପୂର୍ବାନୁମାନ କରାଯାଇଛି । ସୋମବାର ଦିନ ଉତ୍ତର ଓଡ଼ିଶା ଉପକୂଳରେ ଏବଂ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ଉପକୂଳ ଅଞ୍ଚଳରେ ୪୫ ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହିତ ଝଡ଼ତୋଫାନ ସହ ପାଗ ଖରାପ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ଓଡ଼ିଶା ଉପକୂଳ ଏବଂ ଏହାର ବାହାରେ ସମୁଦ୍ର ଭିତରକୁ ନଯିବାକୁ ପରାମର୍ଶ ଦିଆଯାଇଛି।

ପାଣିପାଗ ବିଭାଗ ପକ୍ଷରୁ ମେ୨ ପର୍ଯ୍ୟନ୍ତ ଘଡ଼ଘଡ଼ି ସହିତ ବର୍ଷା ଏବଂ (ପୃଷ୍ଠା ୭ରେ)





# ରିଏଲ ଏଷ୍ଟେଟ ଏବଂ ମହାଦଳିତ ପରିସଂଘ ପକ୍ଷରୁ ବିକ୍ଷୋଭ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସହରର ସମସ୍ତ ରିଏଲ ଏଷ୍ଟେଟ ଏବଂ ମହାଦଳିତ ପରିସଂଘ ପକ୍ଷରୁ ଜିଲ୍ଲାର ସମସ୍ତ ଜମି ଓ ପ୍ଲଟିଂର କିଣାବିକା ଦଲିଲକୁ ରେଜଷ୍ଟ୍ରାସନ କରିବାକୁ ଦାବି କରାଯାଇଛି । ଏଥିନେଇ ଜୟପୁର ରଜାନହାର ଛକ ଠାରୁ ଏକ ଶୋଭାଯାତ୍ରାରେ ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟ ଠାରେ ପହଞ୍ଚି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୫ ମାସ ହେବ ରେଜିଷ୍ଟ୍ରେସନ ହୋଇପାରୁନାହିଁ ଫଳରେ ସାଧାରଣ ଜନତା ହଇରାଣ ହୋଇଛନ୍ତି ଓ ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲା ଅନୁସୂଚିତ ଜନଜାତି ଓ ଜାତିର ଲୋକମାନେ ଅଧିକ ମାତ୍ରାରେ ବସବାସ କରିଥାଆନ୍ତି । କିନ୍ତୁ ଜଣେ ଜମି ମାଲିକ ତାଙ୍କ ଜମିର କିଛି ଅଂଶ ବିକ୍ରି କରିବାକୁ ଚାହିଁଲେ ଏହାକୁ ବିକ୍ରି କରିପାରିବେ ନାହିଁ ବୋଲି ସରକାର ନିୟମ କରିଛନ୍ତି । ଏହିପରି ଘରବାରି ଜମି ମଧ୍ୟ ବିକ୍ରିବଟା ରେଜିଷ୍ଟ୍ରାସନ ହୋଇପାରିବ ନାହିଁ । ଫଳରେ ପିଲାମାନଙ୍କ ପାଠପଢା, ପରିବାର ଲୋକଙ୍କ ଚିକିତ୍ସା, ବିବାହ ଏବଂ ଅନ୍ୟାନ୍ୟ ଜରୁରୀ ଟଙ୍କା ଆବଶ୍ୟକ ସମୟରେ ଜମିବାଡି ବିକ୍ରିବଟା କରିପାରୁନାହାନ୍ତି । ସେହିପରି ଜମି ଅଧିଗ୍ରହଣ ଏବଂ କିସମ ପରିବର୍ତ୍ତନ କରିବା ନେଇ ଆବେଦନ କରିଲେ ପୂର୍ବରୁ ସିଙ୍ଗଲ ୱିନଡୋ ମାଧ୍ୟମରେ ଆବେଦନ କରାଯାଇ ସ୍ୱୀକୃତ ମିଳୁଥିଲା କିନ୍ତୁ ବର୍ତ୍ତମାନ ଡବଲ ୱିନଡୋ ଯୋଗୁଁ ଏଥିରେ ବିଳମ୍ବ ହେଉଛି । ଏହିପରି ଧାନ ଫସଲ ହେଉଥିବା ଜମିର କିସମ ପରିବର୍ତ୍ତନ ହୋଇପାରୁନାହିଁ, ଫଳରେ ସହର ବିକାଶରେ ବୃଦ୍ଧି ହେଉଛି । ଏହିପରି ବଡ଼ବଡ଼ ସହର ସହିତ ସମାନ ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି କରାଯିବା ଯୋଗୁଁ ଜମିର ଦର ବୃଦ୍ଧି ପାଇବା ଫଳରେ ଏଠାର ଗରିବ ଶ୍ରେଣୀର ଲୋକଙ୍କ ଜମି କ୍ରୟ କରି ଘର ନିର୍ମାଣ କରିବା ସ୍ୱପ୍ନ ପାଲଟିଛି । ଟାଉନ ପ୍ଲାନିଂ ଏବଂ କୋରାପୁଟ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ଦ୍ୱାରା ଘରବାରୀ ଜମିର ମ୍ୟାପ୍ ପ୍ରସ୍ତୁତ ହେବା ପରେ ତୁରନ୍ତ ଏହାକୁ ଅନଲାଇନରେ ଅପଲୋଡ୍ କରିବା ସହ ପଟ୍ଟା ପ୍ରଦାନ ନେଇ ପଦକ୍ଷପ ଗ୍ରହଣ କରାଯାଉ ବୋଲି ଦାବି କରାଯାଉ ସ୍ମାରକପତ୍ର ଜିଲ୍ଲା ସବରେଜିଷ୍ଟାର ସ୍ନିଗ୍ଧାରାଣି ପୋଲେଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ପୁରୁଣା ପ୍ରଜେକ୍ଟର ପ୍ଲଟ ବିକ୍ରି ବଟା ହୋଇ ପାରୁନାହିଁ ବୋଲି ଅଭିଯୋଗ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ମହାଦଳିତ ସଂଘର ସଭାପତି ବୃନ୍ଦାବନ ଖରା, ଆଇନଜୀବୀ ରାଜେଶ ପାଣିଗ୍ରାହୀ, ମନୋଜ ପାଣି, ସୁବାଷ ରାଉତ, ପ୍ରତ୍ୟୁଷ ପଟ୍ଟନାୟକ, ରିଏଲ ଏଷ୍ଟେଟ ବ୍ୟବସାୟୀ ଅରୁଣ ଷଡଙ୍ଗୀ ପିଣ୍ଟୁ ରାଉତଙ୍କ ସମେତ ଜିଲ୍ଲା ଡମ୍ ସଂଗଠନ ଏବଂ ମିସ୍ତ୍ରୀ ସଂଘ ପକ୍ଷରୁ ସମର୍ଥନ ପ୍ରଦାନ କରାଯାଇଥିଲା ।

# ମଇ ୧୦ରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ମଇ ୧୦ ତାରିଖରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଦାଲତ ଯଥା ବଲାଙ୍ଗିର, ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏହା ସହ ପ୍ରାକ୍ ମୋକଦ୍ଦମା ସ୍ତରୀୟ ମାମଲା ଯଥା ଚେକ ବାଉନ୍ସ, ବ୍ୟାଙ୍କ ଋଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ହୋଇପାରିବ । ଲୋକ ଅଦାଲତରେ ମୋକଦ୍ଦମା, ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଅଟେ । ଦୀର୍ଘ ଦିନ ଧରି ଚାଲୁଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ ।

ଏ ସମ୍ପର୍କରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ଼, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା ଓ ମୁରିବାହାଲ ସହ ଯୋଗାଯୋଗ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଉଛି ।

## ଲୁଟ୍ ମାମଲାରେ ୪ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଲୁଟ୍ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଏନେଇ ଜୟପୁର ଟାଉନ ଥାନାରେ ଏସଡିପିଓ ପାର୍ଥ ଜଗଦିଶ କଶ୍ୟପ ଏକ ସାମ୍ବାଦିକ ସମ୍ମିଳନି କରି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ସହର ବାପୁଜି ନଗରର ହିରେନ ନାୟକ (୧୯), ବାମୁଣି ଗାଁର ଅଭିରାମ ସାହୁ (୨୭) ଓ ଅଜିତ ପୁଜାରି (୨୦), ସୁନାବେଡା ଥାନା ଭେଜାପୁଟର ଦୁର୍ଜନ କୁଳଦିପ (୫୦) । ସୂଚନା ଅନୁଯାୟୀ, ଗତ ୨୩.୩.୨୫ ତାରିଖରେ ଦାଶରଥି ସାହି ଜୟପୁର ଜି. ରାବଣାମା ଓ ଏମଜି ରୋଡ ପି. ହେମା କୁମାରି ଦୁଇ ଜଣ ମହିଳା ସକାଳ ୬ଟା ସମୟରେ ପ୍ରାତଃ ଭ୍ରମଣ କରୁଥିବା ବେଳେ ପୁରୁଣାଗଡ଼ କାଳି ମନ୍ଦିର ନିକଟରେ ମୁଖାଧାରୀ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ୨ ଜଣ ମହିଳାଙ୍କ ଠାରୁ ସୁନା ଚେନ୍ ଲୁଟ୍ କରି ଚମ୍ପଟ ମାରିଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତଦନ୍ତରେ ଜାଣି ପୋଲିସ ଲୁଟ୍ କରିଥିବା ୩ ଅଭିଯୁକ୍ତ ସହ ଚୋରି ସୁନା ସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ ଭେଜାପୁଟର ଦୁର୍ଜନ କୁଳଦିପକୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମରେ ଜୟପୁର, କୋରାପୁଟ, ମାଲକାନଗିରି, ମାଥିଲି, ବୋରିଗୁମ୍ମା ଓ ବୈପାରିଗୁଡ଼ା ଥାନାରେ ୧୦ଟି ଅପରାଧିକ ମାମଲା ରହିଛି । ଏହି ମାମଲାରେ ଜଡିତ ଅନ୍ୟ ଅଭିଯୁକ୍ତଙ୍କୁ ମଧ ଗିରଫ କରାଯିବ ବୋଲି ପୋଲିସ ତରଫରୁ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଏସଆଇ ସିଦ୍ଧାନ୍ତ ବେହେରା ଏସଆଇ ଗୋବିନ୍ଦ ହାଁସଦା ଉପସ୍ଥିତ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଚନ୍ଦନୀପାଳ ଠାରେ ନୂତନ ଜେଟି ନିର୍ମାଣକୁ ସବୁଜ ସଙ୍କେତ

# ପ୍ରଥମ ପର୍ଯ୍ୟାୟରେ ୫୦କୋଟି ବ୍ୟୟ ବରାଦ ଆକଳନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରେ ଜେଟି ନିର୍ମାଣକୁ ନେଇ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ଦାବି ସଫଳ ହୋଇଛି । ପ୍ରାପ୍ତ ଖବରରୁ ଜଣାଯାଇଛି ଅମରନଗର ମୌଜାରେ ଖାତା ନଂ ୧୧୯(ରକ୍ଷିତ), ପ୍ଲଟ ନଂ ୩୨୦ରେ ୧୨.କର ସ୍ଥାନ ଚିହ୍ନଟ ହୋଇଥିଲା । ଏହି ଜମିର କିସମ ଆଡି ହୋଇଥିବା ବେଳେ ଏହାର କିଷମ ପରିବର୍ତ୍ତନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଦାବି କରି ଆସୁଥିଲେ । ସେମାନଙ୍କ ଦାବିକୁ ସମ୍ମାନ ଦେଇ ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଚାନ୍ଦବାଲି ତହସିଲଦାର ଏହାର କିସମ ପରିବର୍ତ୍ତନ କରିଥିଲେ । ଚନ୍ଦନୀପାଳ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମତ୍ସ୍ୟଜୀବୀମାନେ ମତ୍ସ୍ୟ ବିଭାଗ ପାଖରେ ଚନ୍ଦନୀପାଳ ଠାରେ ଏହି ଜେଟୀ ନିର୍ମାଣ ହେଲେ ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମତ୍ସ୍ୟଜୀବୀମାନେ ଉପକୃତ ହୋଇପାରିବେ ବୋଲି ବିଭାଗୀୟ ଅଧିକାରୀଙ୍କ ଅବଗତ କରାଇଥିଲେ । ୨୦୨୧ ମସିହାରେ ଚେନ୍ନାଇ ଆଇଆଇଟିର ଏକ ୪ଜଣିଆ ବୈଷୟିକ ଟିମ୍ ପ୍ରକଳ୍ପ ମୁଖ୍ୟ ଆର ରଘୁଲଙ୍କ ନେତୃତ୍ୱରେ ଆସି କ୍ଷେତ୍ରୀୟ ପରିଦର୍ଶନ କରିଥିଲେ ଏବଂ ଚନ୍ଦନୀପାଳ ଏବଂ ଗଭୀର ସମୁଦ୍ରର ସ୍ଥିତିକୁ ନିରୀକ୍ଷଣ କରିବା ସହ ଏଠାରେ ୨ଦିନ ରହଣି କାଳରେ ସମୁଦ୍ରର ଜୁଆର ଭଟ୍ଟା ଦେଖିବା ସହ ଉପଗ୍ରହ ମାଧ୍ୟମରେ ସମସ୍ତ ଅନୁସନ୍ଧାନ କରି ଏହାର ଚୂଡ଼ାନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗକୁ ପ୍ରଦାନ କରିଥିଲେ । ପୁନଶ୍ଚ ଇଞ୍ଜିନିୟରିଂ ଇଣ୍ଡିଆ ଲିମିଟେଡ୍ ନାମକ ଏକ ପବ୍ଲିକ ସେକ୍ଟର ୟୁନିଟ ଆସି ଏହି ଜେଟି ନିର୍ମାଣର ଅବ୍ୟବହିତ ପୂର୍ବରୁ ସର୍ଭେ କରି ମଧ୍ୟ ଶେଷ ରିପୋର୍ଟ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଥିଲେ । ଏହି ଜମିଟି ସ୍ପେଶାଲ ଇକନୋମିକ ଜୋନ୍‌ରେ ଅର୍ନ୍ତଭୁକ୍ତ ହେଉଛିକି ନାହିଁ ତାହାର ରିପୋର୍ଟ, ବନବିଭାଗ, ପ୍ରତିରକ୍ଷା ଏବଂ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ବିଭାଗ ନିକଟରୁ ସବୁଜ ସଙ୍କେତ ମିଳି ସାରିଛି ବୋଲି ମତ୍ସ୍ୟ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଲୋକ ପାତ୍ର ମତପୋଷଣ କରିଛନ୍ତି । ଏହି ସମସ୍ତ ଆପ୍ରୁଭାଲ ମିଳି ସାରିବା ପରେ ବିଭାଗୀୟ ଅଧିକାରୀ ଏହି ଜେଟୀର ଚୂଡ଼ାନ୍ତ ପ୍ରକଳ୍ପ ରିପୋର୍ଟ ଏବଂ ଏହି ଜେଟି ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ଆର୍ଥିକ ଅନୁଦାନ ପାଇଁ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ବିଭାଗ ନିକଟକୁ ପଠାଯାଇଛି । ଖୁବ୍ ଶୀଘ୍ର ଆର୍ଥିକ ଅନୁଦାନ ଆସିବା ପରେ ଓଡ଼ିଶା ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଏହି ଜେଟୀ ନିର୍ମାଣ କରିବା ପାଇଁ ଟେଣ୍ଡର ଆହ୍ୱାନ କରିବ । ପ୍ରଥମ ପର୍ଯ୍ୟାୟରେ ଏହା ୫୦କୋଟିରେ ସୀମିତ ରହିବ ଏବଂ ପରେ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସଂପ୍ରସାରଣ ପାଇଁ ଅଧିକ ଅର୍ଥ ବ୍ୟୟ ବରାଦ କରାଯିବ ବୋଲି ମତ୍ସ୍ୟ ବିଭାଗ ନିକଟରୁ ପ୍ରକାଶ । ୨୦୨୫ ମସିହାରେ ଅଞ୍ଚଳବାସୀଙ୍କ ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରେ ସେମାନଙ୍କର ବହୁ ପ୍ରତୀକ୍ଷିତ ଚନ୍ଦନୀପାଳ ଜେଟୀର ସ୍ୱପ୍ନ ସାକାର ହେବ ।

## ୭ମ ପୋଷଣ ମାହ ଭଦ୍ରକ ରାଜ୍ୟରେ ତୃତୀୟ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ୭ମ ରାଷ୍ଟ୍ରୀୟ ପୋଷଣ ମାହ ୨୦୨୪ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ଭଦ୍ରକ ଜିଲ୍ଲା ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ମହିଳା ଶିଶୁ ବିକାଶର ସଚିବ ଏବଂ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ ପାଳନ ସମାରୋହ ଉତ୍ସବରେ ଜିଲ୍ଲାପାଳଙ୍କ ପ୍ରତିନିଧି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଭଦ୍ରକ ପୁଷ୍ପଲତା ପାତ୍ରଙ୍କୁ ପୁରସ୍କୃତ କରିଥିଲେ ।

# ବ୍ୟାଙ୍କରେ ଗ୍ରାହକ ସେବା ବିପର୍ଯ୍ୟସ୍ତ ପ୍ରତିବାଦରେ ଧାରଣା ଚେତାବନୀ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଜାରକା ସ୍ଥିତ ଷ୍ଟେଟବ୍ୟାଙ୍କର ଗ୍ରାହକ ସେବା ବିପର୍ଯ୍ୟସ୍ତ ପ୍ରତିବାଦରେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେବାକୁ ଗ୍ରାହକ ସଂଘ ଚେତାବନୀ ଦେଇଛି । ଏନେଇ ସଂଘ ପକ୍ଷରୁ ବ୍ୟାଙ୍କ ଶାଖାର ପରିଚାଳିକା ଓ ଉପରସ୍ଥ ଅଧିକାରୀମାନଙ୍କୁ ଲିଖିତ ଆକାରରେ ଜଣାଯାଇଛି । ସାମାଜିକ କର୍ମୀ ଈଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଜାରକା ଠାରେ ଧର୍ମଶାଳା ଗ୍ରାହକ ସେବା ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଜାରକା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳିକାଙ୍କ ବ୍ୟବହାର କୁ ନେଇ ଆଲୋଚନା ହୋଇଥିଲା । ଗ୍ରାହକମାନେ ବ୍ୟାଙ୍କରେ କୌଣସି ଅଭିଯୋଗ କଲେ ତାଙ୍କୁ ଉତ୍ତର ନ ଦେବା ଖରାପ ବ୍ୟବହାର କରିବା କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କ ଦ୍ୱାରା ମାଡ଼ ମାରି ଥାନାକୁ ପଠାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ବ୍ୟାଙ୍କର ଗ୍ରାହକଙ୍କ ଖାତାରୁ ବେଆଇନ ଭାବରେ ପଇସା କାଟିବା, କେୱାଇସି କରିବା ନାମରେ ଅର୍ଥ ହରିଲୁଟ୍ କରିବା, ମୁଦ୍ରା ଋଣ ସ୍କିମରେ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ପଇସା ନ ଦେଇ ସେମାନଙ୍କ ଠାରୁ ଇନସୁରାନ୍ସ ନାମରେ ବିନା ଅନୁମତିରେ ପଇସା କାଟିବା ଓ ସମୟ ପୂର୍ବରୁ ଜବର ଦସ୍ତ ପଇସା ଆଦାୟ କରିବା ଆଦି ଅନେକ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା । ବିଶେଷ କରି ଟଙ୍କା ଅଧିକ ରଖିଥିବା ଗ୍ରାହକମାନଙ୍କୁ ଇନସୁରାନ୍ସ କହିବାକୁ ବାଧ କରାଯାଉଥିବା ଗ୍ରାହକ ନ ମାନିଲେ ବିଭିନ୍ନ ଆଳ ଦେଖାଇ ଏକାଉଣ୍ଟ ଅଚଳ କରିବା ସହିତ ବିଭିନ୍ନ ହଇରାଣ ହରକତ କରାଯାଉଥିବା ନେଇ ଆଲୋଚନା କରାଯାଇଥିଲା । ଏସମ୍ପର୍କରେ ଶାଖା ପରିଚାଳିକା ଏବଂ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯାଇଥିବା ବେଳେ ୧୫ ଦିନ ମଧ୍ୟରେ ଏହାର ସମାଧାନ ପାଇଁ ଆଲୋଚନାକୁ ନଆସିଲେ ଗ୍ରାହକ ସେବା ସମିତି ପକ୍ଷରୁ ଆସନ୍ତା ୫ ତାରିଖ ରେ ଜାରକା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଗଣ ଧାରଣା ଦେବାକୁ ନିଷ୍ପତ୍ତି କରାଯାଇଛି । ଉକ୍ତ ବୈଠକରେ ନୃସିଂହ ଚରଣ ମିଶ୍ର, ଧୀରେନ୍ଦ୍ର ନାୟକ, ସମରେନ୍ଦ୍ର ବରାଳ, ପ୍ରଣବ କୁମାର ରାଉତ, ଗୋଲକ ପଲାଇ, ଗୋପାଳ କୃଷ୍ଣ ରାଉତ, ଚନ୍ଦ୍ରମଣି ପଣ୍ଡିତ , ଲୋକନାଥ ପଲାଇ, ଚିତ୍ତରଞ୍ଜନ ମହାନ୍ତି ସମେତ ବହୁ ଗ୍ରାହକ ତଥା ଖାଉଟି କଲ୍ୟାଣ କର୍ମ କର୍ମୀମାନେ ଯୋଗ ଦେଇଥିଲେ ।

## ବରପଦା ବଜାରସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ସ୍ଥାନାନ୍ତରକୁ ବିରୋଧ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ବରପଦା ବଜାରରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ସ୍ଥାନାନ୍ତରକୁ ସ୍ଥାନୀୟ ଲୋକ ବିରୋଧ କରିଛନ୍ତି । ଶହ ଶହ ସଂଖ୍ୟାରେ ବ୍ୟାଙ୍କ ଉପଭୋକ୍ତା ଭଦ୍ରକ ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଅବରୋଧ କରି ପ୍ରତିବାଦ ଜଣାଇଥିଲେ । ବରପଦା ଶାଖା ଚାଲୁଥିବା ଭଡ଼ା ଘର ଡ୍ୟାମେଜ୍ ହୋଇଯାଇଥିବାରୁ ଗତ କିଛି ଦିନ ଧରି ଉକ୍ତ ଘର ବଦଳାଇବାକୁ ଘର ମାଲିକ କହିଥିଲେ । କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଘର ବଦଳାଇ ବରପଦାରେ ଅନ୍ୟ ଭଡ଼ା ଘର ନ ନେଇ ୧୦ କିମି ଦୂର ବନ୍ତ ବଜାରକୁ ସ୍ଥାନାନ୍ତର କରି ନେଇଛନ୍ତି । ଫଳରେ ଏଠାରେ ଆଖପାଖ ୧୦ ଖଣ୍ଡ ଗ୍ରାମର ଲୋକ ଯେଉଁମାନେ ଏହି ଶାଖାରେ ଖାତା ଖୋଲିଥିଲେ । ସେମାନଙ୍କୁ ଏବେ ୧୦ କିମି ଦୂର ବନ୍ତ ଯିବାକୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ । ଏହାର ପ୍ରତିବାଦ କରି ଲୋକେ ରାସ୍ତାରୋକୋ କରିଥିଲେ । ବାରପଦାରେ ଅନ୍ୟ ଏକ ଘରେ ଶାଖା ସ୍ଥାପନ କରିବାକୁ ଦାବି କରିଛନ୍ତି । ଅପରପକ୍ଷେ ରାସ୍ତା ଅବରୋଧ ସମୟରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକିରହିଥିଲା ।


# ତପସ୍ୱିନୀ ଟ୍ରେନ୍ ରହଣି ପାଇଁ ଡିଆରଏମ୍‌ଙ୍କ ନିକଟରେ ଦାବି

**କେସିଙ୍ଗା, ନ୍ୟୁଜ୍‌ବ୍ୟୁରୋ**



ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ କାଣ୍ଟେଲ ରୋଡ୍ ରେଳ ଷ୍ଟେଶନରେ ୨ ମିନିଟ୍ ତାପସ୍ୱିନୀ ଟ୍ରେନ୍ ରହଣି ସମେତ ବିଭିନ୍ନ ସମସ୍ୟା ଉପରେ ଡିଆରଏମ୍‌ଙ୍କ ନିକଟରେ କେସିଙ୍ଗା ସିଟିଜେନ ଫୋରମ୍‌ର ସଭାପତି ତଥା କଳାହାଣ୍ଡି ରେଳଯାତ୍ରୀ ସଂଘର ମୁଖ୍ୟ ପରାମର୍ଶଦାତା, ଜେଡ୍‌ଆରୟୁ ସିସି ମେମ୍ବର ଭୁବନେଶ୍ୱର ଡା. ହେମସାଗର ସାହା ସମ୍ବଲପୁର ରେଳ ଡିଭିଜନର ନୂତନ ଡିଆରଏମ୍ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ ତାଙ୍କ ସମ୍ବଲପୁରସ୍ଥିତ କାର୍ଯ୍ୟାଳୟରେ ଗତକାଲି ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଦାବି କରିଛନ୍ତି । କେସିଙ୍ଗା ରେଲୱେ ଷ୍ଟେଶନର ବିଭିନ୍ନ ପ୍ଲାଟଫର୍ମରେ ଥିବା ସମସ୍ୟା ଦୂର କରିବା ସମେତ କାଣ୍ଟେଲ ରୋଡ଼ ରେଳ ଷ୍ଟେସନରେ ଦୁଇ ମିନଟ୍ ତପସ୍ୱିନୀ ଟ୍ରେନ୍ ରହିବା ପାଇଁ ଦାବି କରିଛନ୍ତି । ଏହି ରେଲୱେ ଷ୍ଟେସନରୁ ଭୁବନେଶ୍ୱର, କଟକ, ପୁରୀ, ବିଶାଖାପାଟଣା, ଦୁର୍ଗ, ଆଦି ଦୂର ଯାତ୍ରା କରିବାକୁ ଯାତ୍ରୀମାନେ କେସିଙ୍ଗା, ଟିଟିଲାଗଡ଼, ଭବାନୀପାଟଣା ଦୂର ରେଲୱେ ଷ୍ଟେଶନକୁ ଯାଇ ଥାଆନ୍ତି । ଖରା, ବର୍ଷା, ଶୀତ ଋତୁ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ କାଣ୍ଟେଲ ରୋଡ୍ ରେଲୱେ ଷ୍ଟେଶନ ତପସ୍ୱିନୀ ଟ୍ରେନ୍ ଦୁଇ ମିନିଟ୍ ରହଣି ପାଇଁ ବହୁ ଦିନରୁ ଦାବି ହୋଇ ଆସୁଛି । କେସିଙ୍ଗା ରେଳ ଷ୍ଟେସନ ପାର୍କିଂର ସୁବ୍ୟବସ୍ଥା, ପ୍ଲାଟ୍‌ଫର୍ମ ୨ ଓ ୩ ରେଟି ଷ୍ଟଲର ବ୍ୟବସ୍ଥା, ପ୍ଲାଟ୍‌ଫର୍ମ ୪ରେ ରାସ୍ତାର ଉନ୍ନତିକରଣ ଏବଂ କାଣ୍ଟେଲ ରୋଡ ରେଳଷ୍ଟେସନ ୧,୨,୩,୪ ପ୍ଲାଟଫର୍ମରେ ପାନୀୟଜଳ, ବିଦ୍ୟୁତ୍, ଫଙ୍ଖା, ଶୌଚାଳୟ, ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏହି ସବୁ ସମସ୍ୟାର ସମାଧାନ କରିବା ପାଇଁ ଡିଆରଏମ ଚୌଧୁରୀ ପ୍ରତିଶ୍ରୁତି ଦେଇଥିବା ଡ. ସାହା ପ୍ରକାଶ କରିଛନ୍ତି ।

## ଗୌଡ଼ ଗାଁରେ ସିରିଜ୍ ଚୋରି : ଦୁର୍ବୃତ୍ତ ଲୁଟିନେଲେ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର



**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଗୌଡ଼ ଗାଁରେ ସିରିଜ୍ ଚୋରି ହୋଇଛି । ପୌରାଣିକ ରାମାୟଣ ଥିଏଟର ନିର୍ଦ୍ଦେଶକ ବୁଲୁ ସାହୁ ପରିବାର ସହ ରାତ୍ରିଭୋଜନ କରିବା ପରେ ସମସ୍ତେ ଶୋଇବାକୁ ଯାଇଥିଲେ । ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘର ବାଡ଼ିପଟ କବାଟ ଡାଡ଼ି ଘରେ ପଶି ୨ଟି ଆଲମାରି ଭାଙ୍ଗି ସେଥିରେ ଥିବା ୧ ଲକ୍ଷ ୩୦ ହଜାର ଟଙ୍କା ଏବଂ ୧୫ ଭରି ଓଜନର ସୁନା ଗହଣା ଲୁଟି ନେଇଛନ୍ତି । ପୋଷାକ, ଶାଢ଼ି, ଆସବାବପତ୍ର ଫିଙ୍ଗି ଫେରାର ହୋଇଯାଇଛନ୍ତି । ସେହିପରି ଗ୍ରାମର ଶିବ ପ୍ରସାଦ ତ୍ରିପାଠୀଙ୍କ ଘରେ ପଶି ୬ ହଜାର ଟଙ୍କା ଓ ୨ଟି ସୁନା ମୁଦି ଦୁର୍ବୃତ୍ତମାନେ ଚୋରି କରିଛନ୍ତି । ଗଣେଶ ପାତ୍ରଙ୍କ ଘରୁ ପ୍ରାୟ ୫ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡିଛି । ଗତ ପ୍ରାୟ ୫ ବର୍ଷ ପୂର୍ବେ ବ୍ୟବସାୟୀ ଗଣେଶଙ୍କ ଘରୁ ଲକ୍ଷାଧିକ ଟଙ୍କା ଏବଂ ପ୍ରାୟ ୧୫ ଭରିରୁ ଉର୍ଦ୍ଧ୍ୱ ସୁନା ଗହଣା ଦୁର୍ବୃତ୍ତମାନେ ଚୋରି କରିଥିଲେ । ଅଦ୍ୟାବଧି ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କ ସନ୍ଧାନ ମିଳିପାରିନାହିଁ । ରାତି ପ୍ରାୟ ୧ଟାରୁ ୨ଟା ମଧ୍ୟରେ ଦୁର୍ବୃତ୍ତମାନେ ବୁଲୁଙ୍କ ଘରର ୩ଟି କବାଟ ଗେଡ଼ା, ତାଲା ଭାଙ୍ଗି ଗମ୍ଭିରି ଘର ଭିତରୁ ଏହି ଚୋରି କରିଛନ୍ତି । ବୁଲୁ ଏନେଇ କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି । ନୂଆପଡ଼ା ଫାଣ୍ଡି ଅଧିକାରୀ ଏସ୍.ଆଇ ଜଗବନ୍ଧୁ ବାର୍ଲା ସଦଳବଳ ଗୌଡ଼ ଗାଁରେ ପହଞ୍ଚି ଚୋରି ଘଟଣାର ସବିଶେଷ ତଦନ୍ତ କରି ଫେରିଛନ୍ତି ।

## ପୁରାତନ ଛାତ୍ର ସଂଘ ସମ୍ମିଳନୀ ଓ ବାର୍ଷିକ ଉତ୍ସବ 'ଶିକ୍ଷାଦୀପମ୍'

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ସ୍ନାତକୋତ୍ତର ଶିକ୍ଷା ବିଭାଗର ପୁରାତନ ଛାତ୍ର ସଂଘର ସମ୍ମିଳନୀ ଓ ବାର୍ଷିକ ଉତ୍ସବ 'ଶିକ୍ଷାଦୀପମ୍' ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର ସମ୍ମାନୀତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଏହି ଉତ୍ସବର ସଭାରେ ବିଭାଗର ପ୍ରାଧ୍ୟାପକ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ତଥା ସମ୍ମାନିତ ଅତିଥି ଭାବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗ ଦେଇଥିଲେ । ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ସାମ୍ପ୍ରତିକ ସମୟରେ ଜଣେ ପ୍ରକୃତ ଶିକ୍ଷକ ହେବା ଦିଗରେ ନିଜର ବ୍ୟକ୍ତିତ୍ୱ ଗଠନର ଆବଶ୍ୟକତା ସଂପର୍କରେ ସମ୍ମାନନୀୟ କୁଳପତି ତଥା ମୁଖ୍ୟବକ୍ତା ନିଜ ନିଜର ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିସହିତ ଆୟୋଜିତ ପୁରାତନ ଛାତ୍ର ସଂଘର ସମ୍ମିଳନୀରେ ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ତଥା ପ୍ରାଧ୍ୟାପକ ପ୍ରାଧ୍ୟାପିକା, ପୁରାତନ ଛାତ୍ର ସଂଘର ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ଉପସ୍ଥିତିରେ ସଂଘର ସଭାପତି ଚୌଧୁରୀ ସତ୍ୟବ୍ରତ ନନ୍ଦ ମୁଖ୍ୟ ଅତିଥି ଭାବେ ସଭାକାର୍ଯ୍ୟ ତୁଲାଇଥିଲେ । ଏଥିସହିତ ପୁରାତନ ଛାତ୍ର ସଂଘରେ ଅନ୍ତର୍ଭୁକ୍ତ ଶିକ୍ଷା ବିଭାଗର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ବାର୍ଷିକ ଉତ୍ସବ ଅନ୍ତର୍ଗତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମନ୍ୱିତ ବି.ଏଡ୍ – ଏମ୍.ଏଡ୍ , ତୃତୀୟ ବର୍ଷର ଛାତ୍ରୀ ସୁଲଗ୍ନା ପାଢ଼ୀ ସଭାକାର୍ଯ୍ୟ ପରିଚାଳନା କରିବା ସହିତ ସମନ୍ୱିତ ବି.ଏଡ୍ – ଏମ୍.ଏଡ୍ , ଦ୍ୱିତୀୟ ବର୍ଷର ଛାତ୍ରୀ ସାଧନା କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଣି କେରଳରୁ ଫେରିଲା ଜଣେ ଦାଦନ ଶ୍ରମିକଙ୍କ ମୃତଦେହ

**ଲାଞ୍ଜିଗଡ଼, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଦିନକୁ ଦିନ ଦାଦନ ସମସ୍ୟା ବଢ଼ିବାରେ ଲାଗିଥିବା ବେଳେ ଅନେକ ସମୟରେ ରାଜ୍ୟ ବାହାରେ ଦାଦନଙ୍କ ମୃତ୍ୟୁ ଘଟୁଛି । ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲ୍ଲା ଅନକାପାଲି ଠାରେ ଦୁଇ ମାସ ତଳେ ମାଳିଯୁବାଙ୍ଗ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପେଟ ଗାଁର ଜଣେ ନାବାଳକ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ଦୁଇମାସ ନ ପୂରୁଣୁ ପୁଣିଥରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ବରାପାଲି ଗାଁର ଯୁବକ କାଳିବାବୁ ହରିଜନ (୪୫) ପରିବାର ପ୍ରତିପୋଷଣ ପାଇଁ କେରଳର ଆଙ୍ଗାମାଳି ଜିଲ୍ଲାକୁ ଦାଦନ ଖଟିବାକୁ ଯାଇ ଥିବା ବେଳେ ବୁଧବାର ସେଠାରେ ମୃତ୍ୟୁ ଘଟିଥିଲା । ସୂଚନାନୁସାରେ କାଳିବାବୁ ହରିଜନ ଏକ ବର୍ଷ ହେଲା କେରଳର ଆଙ୍ଗାମାଳି ଜିଲ୍ଲାକୁ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ଗତ ବୁଧବାର କୌଣସି କାର୍ଯ୍ୟ ପାଇଁ ରାସ୍ତାରେ ଚାଲି ଯାଉଥିବା ସମୟରେ କୌଣସି ଅଜଣା ଗାଡ଼ି ଧକ୍କା ଦେଇଥିଲା । ଯାହା ଫଳରେ ଘଟଣାସ୍ଥଳରେ କାଳିବାବୁର ମୃତ୍ୟୁ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି ।

# ଚିଲିକା ହ୍ରଦରେ ଚାଲୁଥିବା ବୋଟ୍‌ରେ ହେବ ଇଥାନଲ ଯୁକ୍ତ ଇନ୍ଧନର ବ୍ୟବହାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପରିବେଶକୁ ସୁରକ୍ଷା ଦେବା ସହ ପ୍ରଦୂଷଣମୁକ୍ତ କରିବା ଦିଗରେ ଅଗ୍ରସର ହେଉଛନ୍ତି ଓଡ଼ିଶା ସରକାର । ରାଜ୍ୟରେ ୨ଜି ଇଥାନଲର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମିଡ଼ୱେଷ୍ଟ ଏନର୍ଜି କମ୍ପାନୀ ତରଫରୁ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇ ଥିଲା । ଓଡ଼ିଶାରେ ଇଥାନଲ ପ୍ଲାଣ୍ଟ ସ୍ଥାପନ କରି ଇନ୍ଧନ ରୂପେ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀ ପ୍ରତିନିଧି ପ୍ରଭାକର ରେଡ୍ଡୀ ପ୍ରସ୍ତାବ ଦେଇଥିଲେ । ଏହା ବ୍ୟତୀତ ଓଡ଼ିଶାର ଚିଲିକା ହ୍ରଦରେ ଚାଲୁଥିବା ବୋଟ ଗୁଡ଼ିକରେ ମଧ ଇଥାନଲ ବ୍ଲେଣ୍ଡିଂ ଇନ୍ଧନ ବ୍ୟବହାର କରିବା ବିଷୟରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ୨୦୩୦ ସୁଦ୍ଧା ଡିଜେଲରେ ୫ ପ୍ରତିଶତ ଇଥାନଲ ମିଶାଇ ବ୍ୟବହାର ଲକ୍ଷ୍ୟ ରହିଛି । ଏହି ଲକ୍ଷ୍ୟକୁ ବାସ୍ତବିକ କାର୍ଯ୍ୟରେ ରୂପାନ୍ତର କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଧାନ ଫସଲ ଅମଳ ପରେ ସାଧାରଣତଃ ନଡ଼ା ଗୁଡିକୁ ଜମିରେ ସେମିତି ଛାଡି ଦିଆଯାଏ କିମ୍ବା ନିଆଁ ଲଗାଇ ପୋଡ଼ି ଦିଅନ୍ତି । ସେହି ନଡ଼ାକୁ ବ୍ୟବହାର କରି ୨ଜି ଇଥାନଲ ପ୍ରସ୍ତୁତ କରାଯିବ । କେବଳ ଧାନ ନୁହେଁ, ଆଖୁ,ମକା,ବାଜରା, ଜହ୍ନା ଇତ୍ୟାଦିର ଅନାବଶ୍ୟକ ଅଂଶରୁ ଇଥାନଲ ପ୍ରସ୍ତୁତ ହୋଇପାରିବ । ଏହି ଅଂଶଗୁଡିକୁ ଚାଷୀଙ୍କ ଠାରୁ ସଂପୃକ୍ତ କମ୍ପାନୀ କ୍ରୟ କରି ନେଇ ଇଥାନଲ ଉତ୍ପାଦନ କରିବ ।ଏହା ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବ ଏବଂ ଚାଷୀଙ୍କୁ ପରୋକ୍ଷରେ ରୋଜଗାର ମଧ ପ୍ରଦାନ କରିବ । ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବା ସହ ଦାଦନ ଶ୍ରମିକ ସଂଖ୍ୟା ମଧ କମିବ ।

ଏହି ଉପସ୍ଥାପନା ପ୍ରଦର୍ଶନ ବେଳେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପର୍ଯ୍ୟଟନ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଏମଡି ଇପିକଲ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋକଙ୍କ ଲାଗି ଅଭିଶାପ ଓ ହିନସ୍ତାର କାରଣ ହୋଇଛି ରାଉରକେଲା ସବ୍‌ରେଜିଷ୍ଟ୍ରୀ ଅଫିସ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ରାଉରକେଲା ସହର ଏହା ଭିତରେ ସ୍ମାର୍ଟ ସିଟି ହୋଇସାରିଛି ହେଲେ ସ୍ମାର୍ଟ ସିଟିର ବିଭିନ୍ନ ଅଫିସରେ ଯାହା ଚାଲିଛି ଯେଉଁଭଳି କାମ ଚାଲିଛି ତାକୁ ତ ଅନ୍ଦେ ବହୁତେ ଲୋକେ ଜାଣିଛନ୍ତି । ରାଉରକେଲା ସହର ସମେତ ଆଖପାଖର ବହୁ ଅଞ୍ଚଳର ଲୋକେ ଜମି ଘର ଲାଗି ଭରସା କରୁଥିବା ରାଉରକେଲା ସବ୍‌ରେଜିଷ୍ଟ୍ରୀ ଅଫିସ କେବଳ ଜଣେ କିରାଣୀ, ଏକ ଠିକା ସଂସ୍ଥାର କିଛି କର୍ମଚାରୀ ଓ ଜଣେ ଦାୟିତ୍ୱରେ ଥିବା ସବ୍‌ରେଜିଷ୍ଟ୍ରାରଙ୍କୁ ନେଇ ଚାଲିଛି । ଏହାଦ୍ୱାରା ପ୍ରତିଦିନ ସକାଳୁ ଲୋକେ ଏଠାକୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରି ନୟାନ୍ତ ହେବା ସହ କାମ କରୁଥିବା କର୍ମଚାରୀ କାହାକୁ କିଛି ନକହିବା ନବତେଇବା, ସରକାରୀ ବ୍ୟବସ୍ଥା ଏଠାରେ କ'ଣ ତାହା ଲୋକଙ୍କୁ ନକହି ମୁହଁ ବୁଲାଇ ଚାଲିଯିବା ସଂପ୍ରତି ସାଧାରଣ ଲୋକଙ୍କ ଲାଗି ମୁଣ୍ଡ ବିନ୍ଧାର କାରଣ ହେବା ସହ ଏହା ଏକ ପ୍ରକାର ହିନସ୍ତା ଓ ଅଭିଶାପ ପାଲଟିଛି ସାଧାରଣ ଲୋକଙ୍କ ଲାଗି । ଏଭଳି ସ୍ଥିତି ଯୋଗୁ ଦଲାଲମାନଙ୍କ ପାଇଁ ଏହି ଅଫିସ ରୋଜଗାର ଲାଗି ଭୂସ୍ୱର୍ଗ ପାଲଟିଛି । ଲୋକେ ପ୍ରତି ମୁହୂର୍ତ୍ତରେ ଠକାମି ଶିକାର ହୋଇଚାଲିଛନ୍ତି । ରାଉରକେଲା ସହରର ଏହି ଅଫିସ ରାଉରକେଲା ପୁରୁଣା କୋର୍ଟ ପରିସରରେ ରହିଛି । ରାଜସ୍ୱ ବିଭାଗରେ କର୍ମଚାରୀ ଅଭାବରୁ ପୂର୍ବ ସରକାର ସମୟରେ ଏକ ଠିକା ସଂସ୍ଥା ଇ-ରେଜିଷ୍ଟ୍ରେସନ ନାମକ ଅନୁଷ୍ଠାନକୁ ଏହି ଅଫିସର ସମସ୍ତ କାମ କରିବାକୁ ଠିକାରେ ଦେଇଛନ୍ତି । ୨୦୧୦ରୁ ଏହି ସଂସ୍ଥା ଏଠାରେ କାମ କରୁଛି ବୋଲି କୁହାଯାଉଥିବା ବେଳେ ୨/୩ ଜଣ କିରାଣୀ ଏଠାରେ କାମ କରୁଥିବା ବେଳେ ସବରେଜିଷ୍ଟାରଙ୍କ କିରାଣୀ ଚେୟାର ଖାଲିପଡ଼ିଛି । ଜଣେ ମାତ୍ର ସରକାରୀ କିରାଣୀ ଏଠାରେ କାମ କରୁଥିବା ବେଳେ ଆଡିସିନାଲ ତହସିଲଦାର ଦାୟିତ୍ୱରେ ରହି କାମ କରୁଛନ୍ତି । ପ୍ରଥମ କଥା, ଲୋକେ ଏଠାକୁ ଆସି ନିଜ କାମ କରିବାକୁ ହେଲେ ନିଜକୁ ଓକିଲ ପରିଚୟ ଦେଉଥିବା କିଛି ଓକିଲ କିଛି ଦଲାଲଙ୍କୁ ଆଗ ଧରିବାକୁ ପଡୁଛି । ସେହି ଅଫିସରେ ପଶିବା କ୍ଷଣି ବାର୍ ଆସୋସିଏସନ ନାମରେ ୧୦୦ ଟଙ୍କା ଟିକେଟ କାଟିବା ପରେ ଓକିଲ କିମ୍ବା ଏହି ସବୁ କାମ କରୁଥିବା ଦଲାଲ ସେମାନଙ୍କର କାମ ଏହି କର୍ମଚାରୀ ମାନଙ୍କ ସହ କଥା ହୋଇ ହସଖୁସିରେ କାମ ଆଗେଇ ନେଇଥାନ୍ତି । ହେଲେ ଯିଏ ନିଜେ କାମ କରିବାକୁ ଚାହିଁଲା ତାକୁ କେଉଁ ରାସ୍ତାରେ କେମିତି ଯିବାକୁ ହେବ କେହି କିଛି କହିବାକୁ ନାରାଜ । କେବଳ ସରକାରୀ ମୁଖ୍ୟ କିରାଣୀ କିଛିଟା ରାସ୍ତା ବତେଇ ଦେଇଥାନ୍ତି, କିନ୍ତୁ ଅନ୍ୟମାନେ ସମ୍ପୂର୍ଣ୍ଣ ନିରବ ।

ଠିକା ନେଇଥିବା ଇ-ରେଜିଷ୍ଟ୍ରେସନ ସଂସ୍ଥା ଲୋକେ ମଧ୍ୟ ଏଠି ପୂରା ଚୁପ୍ । ସରକାରଙ୍କର ମେ ଆଇ ହେଲ୍ପ ୟୁ ଭଳି ଡେସ୍କ ମଧ୍ୟ ଏଠାରେ ନାହିଁ । ତେବେ ଜାଗା କିଣିବାକୁ ହେଉ, ବିକିବାକୁ ହେଉ, ରେଜିଷ୍ଟ୍ରେସନ ହେଉ, ବିବାହ ହେଉ ଏହିଭଳି ଅନେକ କାମ ଲାଗି ଏଠି କିଛି ଜାଣିନଥିବା ଲୋକେ ଦଲାଲମାନଙ୍କ ଦ୍ୱାରା ଶୀକାର ହେଉଛନ୍ତି । ଯଦି ପଇସା କାରବାର ହୋଇଛି ଆପଣଙ୍କ କାମ ଏଠି ତୁରନ୍ତ ହେବ, ନଚେତ କୁହାଯିବ ୧୦ଟା ବାଜିଲାଣି ଭୁବନେଶ୍ୱରରୁ ସବୁ ବନ୍ଦ ହୋଇଗଲାଣି, ଏଠି ଆଉ କାମ ହୋଇପାରିବ ନାହିଁ । ଯେମିତିକି ପଞ୍ଜିକରଣ ଲାଗି ହେଉ କିମ୍ବା ଅନ୍ୟ କାମ ଲାଗି ହେଉ, ଏଠାରେ ଫଟୋ ଉଠାଇବାକୁ ପଡେ, ଯଦି ଆପଣ ଏହି ଦଲାଲମାନଙ୍କ ଦ୍ୱାରା ଯାଇଛନ୍ତି ତେବେ ଆପଣଙ୍କର ପଞ୍ଜିକରଣ ସାଙ୍ଗକୁ ଫଟୋ ଉଠା ତୁରନ୍ତ ହେବ, ତେଣିକି ଅଧିକାରୀ କାଗଜ ଦେଖନ୍ତୁ ନଦେଖନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । ଠିକ୍ ସେହିଭଳି ଯଦି ହାଉସିଂ ବୋର୍ଡର ଘର ପଞ୍ଜିକରଣ ଲାଗି ଯାଇଛନ୍ତି ତେବେ ଭିତ୍ତିରି କାରବାର ହୋଇଥିଲେ ଠିକାରେ ଥିବା କିରାଣୀ ଆପଣଙ୍କ କାଗଜକୁ ହିୟରିଂ ଲାଗି ଅଧିକାରୀଙ୍କ ପାଖରେ ସିଧା ନେଇ ରଖିବେ, ନଚେତ ଆପଣ ସେମିତି ବୁଲୁଥିବେ । ଏହି ଅଫିସରେ ମାତ୍ର ଦୁଇ ଘଣ୍ଟା ରହି ଏତିକି ସୂଚନା ମିଳିଥିବା ବେଳେ ଜଣେ ନିୟମିତ ସବରେଜିଷ୍ଟାର ଏଠି ନଥିବାରୁ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ନୟାନ୍ତ ହେଉଥିବା ଦେଖାଯାଇଛି । ସକାଳୁଆ ଅଫିସ ହୋଇଥିବାରୁ ଲୋକେ ସକାଳ ୭ଟାରୁ ଏଠାକୁ ଗଲେ ବି ଅଧିକାରୀ ଆସୁଛନ୍ତି ୯ଟା ୩୦ରେ । କାରଣ ସେ ଅନ୍ୟ ଅଫିସ ଦାୟିତ୍ୱରେ ରହିଛନ୍ତି ବୋଲି କୁହାଯାଉଛି । ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଦେଉଥିବା ଏହି ଅଫିସରେ ଯଦି ଏହିଭଳି କାରବାର ଚାଲେ ଲୋକଙ୍କୁ ସରକାରୀ ସ୍ତରରେ ସେବା ଦିଆଯାଉଛି ନା ଲୁଟ୍ କରାଯାଉଛି ସେ ପୁଣି ଠିକା ସଂସ୍ଥା ମାଧ୍ୟମରେ ବୋଲି ପ୍ରଶ୍ନ ହେଉଛି । ରାଜ୍ୟ ବିଭାଗୀୟ ମନ୍ତ୍ରୀ ସୁରେଶ ପୁଝାରୀ ରାଉରକେଲା ଆସିଥିବା ବେଳେ ତାଙ୍କୁ ଏନେଇ କୁହାଯାଇଥିଲା, ପାଖରେ ଉପଜିଲ୍ଲାପାଳଙ୍କ ଅଫିସ, ହେଲେ ସେବା ନାମରେ ସରକାରୀ ଫିସ୍‌ରେ ଏହିଭଳି ଲୁଟ୍‌ପାଟ୍ ଓ ଶୋଷଣକୁ ବନ୍ଦ କରାଯାଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି ।

## ଟ୍ରେନ୍‌ରୁ ଖସି ପଡ଼ି ଯୁବକ ମୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସହଲା ଫାଟକ ନିକଟରେ ଟ୍ରେନ ନମ୍ବର ୧୮୫୨୩ ବିଶାଖାପାଟନା ବନାରସ ଏକ୍ସପ୍ରେସରେ ଆସୁଥିବା ସମୟରେ ଜଣେ ବ୍ୟକ୍ତି ଅସାବଧାନତାରୁ ଟ୍ରେନରୁ ଖସି ପଡ଼ିଥିଲେ । ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଝାଡ଼ଖଣ୍ଡ ରାଜ୍ୟ ବୋକାରେ ଜିଲ୍ଲା ଜରିଡି ଥାନା ଅରାଜୁ ଗ୍ରାମର ପରାୟଗ ସୁରେନ ବୋଲି ଜଣାପଡିଛି । ମୃତ ବ୍ୟକ୍ତି ଜଣକ ଟ୍ରେନରୁ ପଡ଼ିଯିବା ଦେଖି ଟ୍ରେନ ଭିତରେ ଥିବା ଅନ୍ୟ ଜଣେ ଯାତ୍ରୀ ତୁରନ୍ତ ରେଲୱେ ହେଲ୍ପ ଲାଇନ ନମ୍ବରକୁ ଯୋଗାଯୋଗ କରିଥିଲେ । ଜିଆରପି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଖସି ପଡିଥିବା ବ୍ୟକ୍ତିକୁ ଉଦ୍ଧାର କରି ନିକଟସ୍ଥ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ଦେଖିବା ପରେ ତାଙ୍କୁ ମୃତ ଘୋଷଣା କରିଛନ୍ତି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ମହିଳା ଏବଂ ଶିଶୁଙ୍କ ଉପରେ ବିଶେଷ ପ୍ରଭାବ ପଡୁଛି ଜଳବାୟୁ ପରିବର୍ତ୍ତନ

ଭାରତର ପ୍ରାୟ ଅଧିକାଂଶ ବ୍ୟକ୍ତି ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଛନ୍ତି ପ୍ରଭାବିତ । ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୋମ୍ୟା ସ୍ୱାମୀନାଥନ । ସେ କହିଛନ୍ତି ଯେ, ବର୍ତ୍ତମାନ ଭାରତର ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଏଭଳି ପରିସ୍ଥିତିରେ ଏହି ସମସ୍ୟାର ମୁକାବିଲା ତଥା ଦେଶରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଆନ୍ତର୍ଜାତୀୟ ସହଯୋଗର ଜରୁରୀ ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଶିଶୁ ଏବଂ ମହିଳାମାନେ ଅଧିକ ବିପଦରେ ଥିବା ବେଳେ ବର୍ତ୍ତମାନ ଭାରତର ପ୍ରାୟ ସମସ୍ତଙ୍କୁ ଏହାର ପ୍ରଭାବ ପଡୁଛି । ସୂଚନା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ପଡୁଥିବା ପ୍ରଭାବ ଦ୍ୱାରା ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି ଲୋକେ । ଏହି ସମସ୍ୟାର ମୁକାବିଲା ପାଇଁ ତୁରନ୍ତ ସହଯୋଗର ଆବଶ୍ୟକତା ଅଛି। ଏହି ସମସ୍ୟା ବିଷୟରେ ସ୍ୱାମୀନାଥନ କହିଛନ୍ତି ଯେ, ଏହା ମହିଳା ଏବଂ ଶିଶୁଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ, ବିଶେଷ କରି ଗ୍ରାମାଞ୍ଚଳରେ ମହିଳାମାନେ ରୋଷେଇ ପାଇଁ ଇନ୍ଧନ ଉପରେ ନିର୍ଭର କରିବାକୁ ପଡେ ଏବଂ ଏହି ନିର୍ଭରଶୀଳତା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତର ୮୦% ଜନସଂଖ୍ୟା ଜଳବାୟୁ ପରିବର୍ତ୍ତନର ପ୍ରଭାବର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳର କୃଷକମାନଙ୍କଠାରୁ ସହରାଞ୍ଚଳର ଜନସଂଖ୍ୟା ପର୍ଯ୍ୟନ୍ତ କେହି ସୁରକ୍ଷିତ ନୁହଁନ୍ତି । ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ବିଶ୍ୱସ୍ତରୀୟ ସମସ୍ୟା। ତେବେ ଜଳବାୟୁ ପରିବର୍ତ୍ତନ କେବଳ ଦେଶ ଉପରେ ନୁହେଁ ବରଂ ସମଗ୍ର ବିଶ୍ୱର ଲୋକମାନଙ୍କ ଉପରେ ବ୍ୟାପକ ପ୍ରଭାବ ପକାଉଥିବା ସେ କହିଛନ୍ତି।

# କାଶ୍ମୀରରେ ପୁଣି ଆତଙ୍କ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଜାମ୍ମୁ-କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଜଘନ୍ୟ ଆକ୍ରମଣ କେନ୍ଦ୍ରଶାସିତ ଅଞ୍ଚଳରେ ଶାନ୍ତି ଓ ସ୍ୱାଭାବିକ ଅବସ୍ଥାକୁ ବିଶୃଙ୍ଖଳିତ କରିବା ପାଇଁ ଏକ ହୀନ ଉଦ୍ୟମ ବୋଲି କୁହାଯାଇପାରିବ। ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୮ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ୨୦ଜଣ ଗୁରୁତ୍ୱର ଭାବେ ଆହତ ହୋଇ ହସ୍‌ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆତଙ୍କୀଙ୍କ ବର୍ବରତା ଏତେ ବିଭତ୍ସ, ଭୟଙ୍କର ଥିଲା ଯେ, ତାହା ଭାଷାରେ ପ୍ରକାଶ କରାଯାଇ ପାରିବ ନାହିଁ। ପତ୍ନୀ, ପୁଅ, ସମ୍ମୁଖରେ ଆତଙ୍କବାଦୀମାନେ ଅତି ନିକଟରୁ କେବଳ ପୁରୁଷ ଲୋକଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି କରିଥିଲେ। ଜଣକ ପରେ ଜଣେ ୨୮ଜଣ ଘଟଣା ସ୍ଥଳରେ ହିଁ ଟଳି ପଡିଥିଲେ। ଯାହାକି ୯୦ଦଶକରେ ସଂଘଠିତ ହୋଇଥିବା ନୃଶଂସ ଆତଙ୍କବାଦୀ ଘଟଣାବଳୀକୁ ସ୍ମରଣ କରାଇ ଦେଉଛି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ଥାନର ସେନାମୁଖ୍ୟ ଅସୀମ ମୁନିର ଗତ ସପ୍ତାହରେ କାଶ୍ମୀରକୁ ନେଇ ଅତି ଆକ୍ରମଣାତ୍ମକ ମନ୍ତବ୍ୟ ଦେବାର ସପ୍ତାହକ ପରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଲୋକହର୍ଷଣକାରୀ ଘଟଣା ଏକ ଯୋଜନାବଦ୍ଧ ଗଣହତ୍ୟା ଷଡଯନ୍ତ୍ର ବୋଲି ନିସନ୍ଦେହ କୁହାଯାଇପାରିବ। ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ଥାନ ଭିତିକ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଭାରତ ଶାଖା ସଂଗଠନ ଦରେଜିଷ୍ଟାନସ ଫୋର୍ସ(ଟିଆରଏଫ) ନିଜକୁ ଦାୟୀ କରିଛି। ପାକିସ୍ଥାନର ସେନା ବାହିନୀ ଏବଂ ଗୋଇନ୍ଦା ବାହିନୀ ଆଇଏସଆଇର ଛତ୍ରଛାୟା ତଳେ ଲସ୍କର-ଇ-ତୋଇବା(ଏଲଇଟି) ରହିଥିବାବେଳେ ଏହି ଆକ୍ରମଣରେ ପାକିସ୍ଥାନର ସମ୍ପୃକ୍ତିକୁ ଅଗ୍ରାହ୍ୟ କରାଯାଇନପାରେ। କାଶ୍ମୀରରୁ ସମ୍ବିଧାନର ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ କେନ୍ଦ୍ରଶାସିତ ଅଂଚଳରେ ନିର୍ବାଚିତ ସରକାର କ୍ଷମତାସୀନ ହେବା ପରେ ଏହି ଆତଙ୍କବାଦୀ ଆକ୍ରମଣ ପୁଣି ଥରେ ଭାରତର ଭୂସ୍ୱର୍ଗକୁ ଆତଙ୍କ ଓ ନୈରାଶ୍ୟର ଗାତ ମଧ୍ୟକୁ ଠେଲି ଦେଇଛି ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ ଗଣତାନ୍ତ୍ରୀକ ପ୍ରକ୍ରୀୟାରେ ନିର୍ବାଚିତ ସରକାର କ୍ଷମତାସୀନ ହେବା ପରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଏହା ହେଉଛି ଆତଙ୍କବାଦୀଙ୍କ ସବୁଠାରୁ ବଡଧରଣର ଆକ୍ରମଣ। କେବଳ ଏତିକି ନୁହେଁ, ଏହା ହେଉଛି ଆତଙ୍କବାଦୀଙ୍କ ପର୍ଯ୍ୟଟକଙ୍କ ଉପରେ ଦ୍ୱିତୀୟ ଆକ୍ରମଣ। ଗତବର୍ଷ ଜୁନ୍ ମାସରେ ବୈଷ୍ଣୋଦେବୀଙ୍କ ନିକଟସ୍ଥ ରେଆସି ନିକଟତର ଆତଙ୍କବାଦୀଙ୍କ ଗୁଳିରେ ୯ଜଣ ତୀର୍ଥଯାତ୍ରୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଉଲ୍ଲେଖ କରାଯାଇପାରେ ଯେ, ପହଲଗାମ୍ ଜାମ୍ମୁ-କାଶ୍ମୀରର ସବୁଠାରୁ ଶୋଭନୀୟ ଏବଂ ଜଣାଶୁଣା ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ। ଭାରତର ଭୂସ୍ୱର୍ଗ ଭାବେ ପରିଚିତ କାଶ୍ମୀର, ଅର୍ଥନୀତିକୁ ସମୃଦ୍ଧ କରିଆସିଥିବାବେଳେ ସ୍ଥାନୀୟ ଲୋକଙ୍କ ରୋଜଗାରର ମୁଖ୍ୟ ଉତ୍ସ ଭାବେ ରହିଆସିଛି। କେନ୍ଦ୍ରଶାସିତ ଅଂଚଳରେ ଶାନ୍ତି, ସ୍ଥିରତା ଓ ସ୍ୱାଭାବିକ ଅବସ୍ଥାର ପ୍ରତ୍ୟାବର୍ତ୍ତନ ପରେ ପର୍ଯ୍ୟଟନ କ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଥିଲା। ଚଳିତ ବର୍ଷର ପ୍ରଥମ ତିନିମାସରେ କେନ୍ଦ୍ରଶାସିତ ଅଞ୍ଚଳକୁ ୫ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଆଗମନ ଘଟିଛି, ଯାହାକି ଗତ ତିନି ଦଶନ୍ଧି ମଧ୍ୟରେ ଏକ ରେକର୍ଡ ବୋଲି ସରକାରୀ ଭାବେ କୁହାଯାଇଛି। ଏବେ କାଶ୍ମୀରରେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାବେଳେ ପର୍ଯ୍ୟଟନ କ୍ଷେତ୍ରକୁ ଆତଙ୍କବାଦୀଙ୍କ ନିଶାଣ କ୍ଷତି ପହଁଚାଇବ, ଏହା ନିସନ୍ଦେହ। କେନ୍ଦ୍ରଶାସିତ ଅଞ୍ଚଳ କୋଟି କୋଟି ଟଙ୍କାର ଆୟ ହରାଇବାରେ ଆଶଙ୍କାକୁ ଏଡାଇ ଦିଆଯାଇପାରେ। ଏହା ନିସନ୍ଦେହ ଯେ, ପହଲଗାମ୍‌ରେ ଆକ୍ରମଣ ୯୦ଦଶକର ବର୍ବର ଆତଙ୍କବାଦର ଅନ୍ଧାର ଦିବସଗୁଡିକୁ ଫେରାଇ ଆଣିବା ଲାଗି ଏହା ଏକ ସୁଚିନ୍ତିତ ଉଦ୍ୟମ। ତେବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଆମେରିକାର ଉପ-ରାଷ୍ଟ୍ରପତି ଜେ.ଡି.ଭାନ୍ସ ଭାରତ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ଘଟିଛି। ଅତୀତରେ ୨୦୦୦ ମସିହାରେ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଂଟନ ଭାରତ ଗସ୍ତ ସମୟରେ ଜାମ୍ମୁ-କାଶ୍ମୀରର ଶିଖ୍ ବହୁଳ ଅଂଚଳ ଭାବେ ପରିଚିତ ଛତିସିଂହପୁରା ଅଂଚଳରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା ବହୁ ନିରୀହ ଲୋକ ନିହତ ହୋଇଥିଲେ। ଏହି ଆତଙ୍କବାଦୀ ଘଟଣାକୁ ବିଶ୍ୱବ୍ୟାପୀ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନେ ନିନ୍ଦା କରିବା ସହ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ମିଳିତ ଲଢେଇ ଲାଗି ଆହ୍ୱାନ ଦେଇଛନ୍ତି। ଯାହାକି ଏକ ଶୁଭ ସଂକେତ। ଆତଙ୍କବାଦ ବିରୁଦ୍ଧରେ ମିଳିତ ଲଢେଇ ପାଇଁ ଭାରତ ୩ଦଶନ୍ଧୀ ଧରି ଆହ୍ୱାନ କରି ଆସୁଛି। କହିବା ବାହୁଲ୍ୟ ଯେ, ଜାମ୍ମୁ-କାଶ୍ମୀରରେ ଶାନ୍ତି, ସ୍ଥିରତା ଓ ସ୍ୱାଭାବିକ ଅବସ୍ଥା ପ୍ରତିଷ୍ଠା କ୍ଷେତ୍ରରେ ପାକିସ୍ଥାନ ହେଉଛି ସବୁଠାରୁ ବଡ ଶତ୍ରୁ। କାଶ୍ମୀରରେ ଅଶାନ୍ତି, ଅସ୍ଥିରତା, ଭୟ ଓ ନୈରାଶ୍ୟର ବାତାବରଣ ପାଇଁ ଆତଙ୍କବାଦ ଜରିଆରେ ଛାୟା ଯୁଦ୍ଧ ଜାରି ରଖିଛି। ୨୦୧୯ ଫୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ପୁଣି ଥରେ ଲାଲ ସୀମା ଟାଣି ଦେଇଛି। କାଶ୍ମୀରରେ ଶାନ୍ତି,ସ୍ଥିରତା ଓ ସ୍ୱାଭାବିକତା ବଜାୟ ରଖିବା ଲାଗି ଭାରତ ତ୍ୱରିତ ଓ ଯଥାର୍ଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶବ୍ୟାପୀ ଆଶା କରନ୍ତି। ଫୁଲଓ୍ୱାମା ଆକ୍ରମଣ ପରେ ଭାରତ ଯେଉଁଭଳି ଏୟାର ଷ୍ଟ୍ରାଇକ୍ କରି ପ୍ରତିଶୋଧ ନେଇଥିଲା, ଏବେ ତା'ର ପୁନରାବୃତିର ସମୟ ଆସିଛି। ଆମେ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରୁଛୁ। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ।

# ସେଦିନର ବୋଉ ଓ ଆଜିର ମମି




ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ
ମୋ:୯୪୩୮୦୭୦୮୪୯

ବୋଉ... ! ସତରେ କେଡେ କ୍ଷୁଦ୍ର ଶବ୍ଦଟିଏ ! କ୍ଷୁଦ୍ର ହେଲେ ମଧ୍ୟ ବ୍ୟାପକ । ଥରେ 'ବୋଉ' ବୋଲି ଡାକିଦେଲେ ମନ ବଦଳିଯାଏ, ଦୁଃଖ ହଜିଯାଏ, କଷ୍ଟ କମିଯାଏ, ଭୟ ଦୂରେଇ ଯାଇ ଯେଉଁ ଆତ୍ମୀୟତା ପ୍ରକାଶ ପାଏ ତାହା ଆଉ କେଉଁ ଶବ୍ଦରେ ନଥାଏ। 'ବୋଉ' ଶବ୍ଦରୁ ପ୍ରେମ ଓ ଭଲ ପାଇବାର ସଂଜ୍ଞା ଆରମ୍ଭ ହୋଇଥାଏ ଯାହାର ବିକଳ୍ପ ନାହିଁ କି ତୁଳନା ମଧ୍ୟ ନାହିଁ । ସେ ଚିର ବନ୍ଦନୀୟା। ତାର ପ୍ରେମ, ତ୍ୟାଗ ଓ ସମର୍ପଣକୁ ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । 'ବୋଉ' କେବଳ ଏକ ଶବ୍ଦ ନୁହେଁ ବରଂ ଏହା ଏକ ପ୍ରତିଶ୍ରୁତି, ଯାହା ନିଶବ୍ଦରେ କହୁଥାଏ ମୁଁ ଥିଲି, ଅଛି ଆଉ ରହିଥିବି ମଧ୍ୟ । ଏହିଭଳି ବୋଉ ପାଇଁ ଯେତେ କହିଲେ ବି କମ୍ ପଡ଼ିଯିବ। ମହାଭାରତର ବନ ପର୍ବରେ ବର୍ଣ୍ଣିତ ଅଛି ଯେ 'ଆକାଶହୁଁ ବଡ଼ ପିତା, ମାତା ବଡ଼ ପୃଥିବୀ ଅପେକ୍ଷା' ଅର୍ଥାତ୍ ଆକାଶ ଠାରୁ ବଡ଼ ଯଦି ପିତା ହୁଏ ତେବେ ପୃଥିବୀ ଠାରୁ ବଡ଼ ହେଉଛି 'ମା' ବା 'ବୋଉ' । ଆହୁରି ମଧ୍ୟ କୁହାଯାଇଛି ଯେ 'ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ' ଅର୍ଥାତ୍ ବୋଉ ସ୍ୱର୍ଗଠାରୁ ବଡ଼ ପୁଣି ଈଶ୍ୱରଙ୍କ ଠାରୁ ମହାନ୍ । ପରିବର୍ତ୍ତନଶୀଳ ଦୁନିଆରେ ପରିବର୍ତ୍ତନ ହିଁ ସଂସାରର ଏକ ମାତ୍ର ସ୍ଥିରତା । ସମୟର ପରିବର୍ତ୍ତନ ସହ ଆଧୁନିକତାର ସ୍ପର୍ଶରେ ସେଦିନର 'ବୋଉ' ଶବ୍ଦ ଆଜି 'ମମି','ମମ୍' ଓ 'ମାମା' ଶବ୍ଦରେ ପରିବର୍ତ୍ତନ ହୋଇଗଲାଣି । ଓଡ଼ିଆ ଜନ ମାନସରୁ ପ୍ରାୟ 'ବୋଉ' ଡାକ ହଜିଗଲାଣି । ବୋଉମାନେ 'ମାମା'ରେ ରୂପାନ୍ତରିତ ହୋଇଯିବାରୁ ସେମାନଙ୍କର କାର୍ଯ୍ୟକଳାପରେ ମଧ୍ୟ ଅନେକ କିଛି ପରିବର୍ତ୍ତନ ଦେଖାଦେଲାଣି ଯାହା ଆଜି ଆଲୋଚ୍ୟର ପ୍ରସଙ୍ଗ ।

ବୋଉ, ପ୍ରସବର ବେଦନାକୁ ସହ୍ୟ କରି ନିଜର ଛୁଆକୁ ଅନ୍ତ ଫାଡ଼ି ଜନ୍ମ ଦେଇ ସଂସାର ଦେଖାଏ । ନିଜ ବକ୍ଷରୁ ଅମୃତ ଦାନ କରି ଛୁଆକୁ ବଡ଼ କରେ କିନ୍ତୁ ମମି, ଗର୍ଭ ଯନ୍ତ୍ରଣାକୁ ସହ୍ୟ ନକରି ପାରିବା ଯୋଗୁଁ ପୋଷ୍ୟ ସନ୍ତାନ ଗ୍ରହଣ କରେ କିମ୍ବା ଗର୍ଭସ୍ଥ ଶିଶୁକୁ ଡାକ୍ତରଖାନାରେ ପ୍ରସବ କରାଇଥାଏ ଓ ନିଜର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବା ଆଳରେ ନିଜ ଶିଶୁକୁ ସ୍ତନପାନ ନକରାଇ ପପୁ ବୋତଲ ଧରେଇଥାଏ । ବୋଉ, ଦରୋଟି ଭାଷାରେ କଥା କହିବା ଶିଖାଏ, ହାତ ଧରି ଚାଲିବା ଶିଖାଏ, କବିତା ଓ ଲୋରୀ ଶୁଣାଇଥାଏ କିନ୍ତୁ ମମି ମୋବାଇଲ ଖଣ୍ଡେ ଧରେଇ ଦେଇ ନିଜର ଦାୟିତ୍ୱ ସମ୍ପନ୍ନ କରେ, କୁକୁରକୁ କାନ୍ଧରେ କାନ୍ଧେଇ ଛୁଆକୁ ଚଲେଇ ଚଲେଇ ନେଇଥାଏ । ଶୁଆଇବା ପାଇଁ କିମ୍ବା ଖାଦ୍ୟ ଖୁଆଇବା ପାଇଁ ବୋଉ, ନାନା ଗପ କୁହେ, ନାନା ବାୟା ଗୀତ ବୋଲେ, କାଖରେ କାଖେଇ ଖୋଲା ଅଗଣାରେ ଜହ୍ନ ମାମୁଁ, ପୁଷି ମାଉସୀ, ବାଘ ମାମୁଁ ଆଦି ଦେଖେଇଥାଏ କିନ୍ତୁ ମମି ସୁ-ଉଚ୍ଚ ଅଟ୍ଟାଳିକାର ବନ୍ଦ୍ କୋଠରୀ ମଧ୍ୟରେ ଆୟାର ଦାୟିତ୍ୱରେ ମତେ ଧରେଇ ଦେଇ ନିଜ କାର୍ଯ୍ୟରେ ଘରୁ ବାହାରିଯାଏ । ବୋଉ ଅତି ସରଳ, ଅପାଠୋଇ ସୁଦୁ ମଫସଲି ଗାଉଁଲି ଝିଅ କିନ୍ତୁ ମମି ବହୁତ୍ ଚାଲାକ୍, ଉଚ୍ଚ ଶିକ୍ଷିତା ଓ ସହରୀ ଝିଅ। ବୋଉ ଅକ୍ଷର ଶିଖିନି, ଗଣିତ ଜାଣିନି ତେଣୁ ଜାଣେନି ଏ ସଂସାରର ଫାନ୍ଦ ଫିକର । ଭାଗ ମାପରେ ଚାଲେ ନାହିଁ, ହିସାବ କିତାବ ରଖେ ନାହିଁ । ଜାଣିନି ଏ ସଂସାରର କୁଟିଳ ବନ୍ଧନ କିନ୍ତୁ ମମି, ହାତେ ମାପି ଚାଖଣ୍ଡେ ଚାଲେ ଓ ସବୁ କିଛିର ହିସାବ ରଖେ । ବୋଉ ଆଇନ୍‌ର ମୋଟା ବହି ନପଢ଼ି ମଧ୍ୟ ବାପାଙ୍କର ମୁଖ୍ୟ ପରାମର୍ଶଦାତା କିନ୍ତୁ ମମି, ଆଇନ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ହୋଇଥିଲେ ମଧ୍ୟ ଆଇନର ରକ୍ଷକ ହୋଇ ଭକ୍ଷକ ସାଜେ ବାପାଙ୍କୁ କୁ-ପଥରେ ଯିବା ପାଇଁ ପରାମର୍ଶ ଦିଏ । ବୋଉ କୌଣସି ବିଶ୍ୱବିଦ୍ୟାଳୟର ଛାତ୍ରୀ ନୁହେଁ କିନ୍ତୁ ବୋଉଠାରୁ ପାଇଥିବା ଶିକ୍ଷା କୌଣସି ବିଶ୍ୱବିଦ୍ୟାଳୟର ପାଠ୍ୟ ଖସଡ଼ାରେ ନଥିବ । ଅଶିକ୍ଷିତ ଅପାଠୋଇ ବୋଉର ଶିକ୍ଷା ନୀତି ନୈତିକତା ଉପରେ ଆଧାରିତ ଯାହା ସତ୍ୟ, ଧର୍ମ, ନ୍ୟାୟ ପଥରେ ପଥିକ ହେବା ପାଇଁ ଉଦ୍ଦିଷ୍ଟ ଓ ଜୀବନ ନୌକାକୁ ପାର କରିବା ଉପରେ ଗୁରୁତ୍ୱାରୋପ କରିଥାଏ, କିନ୍ତୁ ମମିର ଶିକ୍ଷା ଭବିଷ୍ୟତରେ ଡ଼ାକ୍ତର ଇଂଜିନିୟର, ନେତା ମନ୍ତ୍ରୀ ହୋଇ ପ୍ରଚୁର ଅର୍ଥ ଉପାର୍ଜନ କରିବା ପାଇଁ ଉଦ୍ଦିଷ୍ଟ। ସେଥିପାଇଁ ବୋଉର ଛୁଆ ଶ୍ରେଣୀ ଗୃହରେ ପଛରେ ବସି ଓଡ଼ିଆ କୁହେ ମାତ୍ର ମମିର ଛୁଆ ଶ୍ରେଣୀରେ ଆଗରେ ବସି ବଡ଼ ପାଟିରେ ଇଂଲିଶ କୁହେ। ବୋଉର ଛୁଆ ସରକାରୀ ବିଦ୍ୟାଳୟରେ ପଢେ କିନ୍ତୁ ମମିର ଛୁଆ ସହରର ବେସରକାରୀ ଇଂଲିଶ ମିଡ଼ିଅମ୍ ବିଦ୍ୟାଳୟରେ ପଢ଼େ । ବୋଉର ଛୁଆ ଗୁରୁଜନଙ୍କୁ ପ୍ରଣାମ କରେ ହେଲେ ମମିର ଛୁଆ ଶୁଭ ସକାଳ, ହ୍ୟାଲୋ ହାୟ ଓ ବାୟ କୁହେ। ବୋଉ ଏକ ଆଲୁରି ବାଲୁରି ବିଲୁପ୍ତ ପ୍ରାୟ ନିରୀହ ପ୍ରାଣୀ କିନ୍ତୁ ମମି ସବ ଜାନତା ପ୍ରାଣୀଟିଏ । କିଛି ନଥାଇ ମଧ୍ୟ ଖୁସି ଥାଏ ବୋଉ କିନ୍ତୁ ସବୁଥିବା ସତ୍ତ୍ୱେ ମମି ଦୁଃଖରେ କାଳାତିପାତ କରେ।

ବୋଉର ପରିବାରରେ ବାପା, ଦାଦା, ଖୁଡ଼ି, ବଡବାପା, ବଡ଼ ବୋଉ, ଜେଜେ ବାପା, ଜେଜେ ମା, ଭାଇ, ନାନୀ ଥାଆନ୍ତି କିନ୍ତୁ ମମିର ପରିବାରରେ ଡାଡି, ମମି ଆଉ ଛୁଆ । ବୋଉ ନିଜର ସ୍ନେହ ସହାନୁଭୂତି ଦ୍ୱାରା ସମସ୍ତଙ୍କୁ ନିଜର କରିପାରେ, ନିଜର ଉପସ୍ଥିତି ବୁଦ୍ଧି ଓ ଉତ୍ସର୍ଗୀକୃତ ମନୋଭାବର ସଫଳ ରୂପାୟନ କରି ପରିବାରରେ ଶାନ୍ତି ପ୍ରତିଷ୍ଠା କରିବା ସହ ଆନନ୍ଦର ବାତାବରଣ ସୃଷ୍ଟି କରିପାରେ କିନ୍ତୁ ମମି ନିଜର ସ୍ୱାର୍ଥ ଉଦ୍ଦେଶ୍ୟରେ ଅନେକ ନିଜର ଲୋକଙ୍କୁ ପର କରେ ତ ଅନେକ ପର ଲୋକଙ୍କୁ ନିଜର କରିପାରେ । ବୋଉର ସବୁ ଜିନିଷ ପ୍ରାକୃତିକ କିନ୍ତୁ ମମିର ସବୁ କୃତ୍ରିମ । ବାସ୍ତବତାରେ ବଞ୍ଚେ ବୋଉ କିନ୍ତୁ ଅଭିନୟ କରେ ମମି। ବୋଉର ରୋଷେଇ ଘରେ ପଣା, ଖିରି, ଶାଗ ଭଜା, ଚୁଲି ରନ୍ଧା ଖାଦ୍ୟ, ବଡି ଭଜା ଆଦି ପ୍ରସ୍ତୁତ ହୁଏ କିନ୍ତୁ ମମି ତାର କିଚେନରେ ବର୍ଗର, ପିଜା, ମ୍ୟାଗି, ସାଣ୍ଡଉଇଚ୍ ଓ ପେଟିସ୍ ଆଦି ପ୍ରସ୍ତୁତିରେ ବ୍ୟସ୍ତ ରୁହେ । ବୋଉର ପଣତ କାନି କୁଆଡେ ବଡ଼ ଦେଉଳର ନେତ ଯାହା ତାର ଛୁଆ ପାଇଁ ସୁରକ୍ଷା କବଚ ସାଜିଥାଏ କିନ୍ତୁ ମମିର ପଣତ କୁଆଡୁ ବା ଆସିବ ! ଆଜିର ମମିମାନେ ତ ମ୍ୟାକସି ଓ ନାଇଟ ସୁଟ ପିନ୍ଧୁଥିବା ପ୍ରାଣୀ ପାଲଟିଗଲେଣି । ସେଦିନର ବୋଉ ଲଜ୍ୟା ନିବାରଣ ପାଇଁ ସଂପୂର୍ଣ୍ଣ ଶରୀରକୁ ଆଚ୍ଛାଦିତ କରି ସୁନ୍ଦର କୁଞ୍ଚ କରି ଲୁଗା ପରିଧାନ କରିଥିବାବେଳେ ଆଜିର ମମି ମାନେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ପ୍ରଦର୍ଶନ କରିବା ନିମନ୍ତେ ବିଭିନ୍ନ ରକମର ଆଧୁନିକ ପୋଷାକ ପରିଧାନ କରୁଛନ୍ତି । ଆଜିକାଲି ମମିମାନଙ୍କ ପାଇଁ ମଦରସ ଡେ ପାଳନ କରାଯାଉଛି କିନ୍ତୁ ଏହାର ଉଦ୍ଦେଶ୍ୟ କଣ କାହାରିକୁ ସଠିକ୍ ଜଣା ନାହିଁ ହେଲେ ବୋଉ ପାଇଁ ଲୋଡା ପଡେ ନାହିଁ କେଉଁ ସ୍ୱତନ୍ତ୍ର ଦିନ, ପ୍ରତ୍ୟେକ ଦିନ ହେଉଛି ବୋଉର ଦିନ । ସମୟ ସ୍ରୋତରେ ଓଡ଼ିଆଣୀ ବୋଉ ମାନେ ଆଜି ମମି ପାଲଟି ଯିବାରୁ ତାଙ୍କର ଛୁଆମାନେ ମମିଙ୍କୁ 'ତମେ' ବୋଲି ସମ୍ବୋଧନ କରିବାର ଶୁଣିବାକୁ ମିଳୁଛି। ହଁ ,ସେଦିନର ବୋଉ ମାନେ ଅପାଠୋଇ ଥିଲେ କିନ୍ତୁ ଏବେକାର ମମିମାନେ ବେଶ୍ ଉଚ୍ଚ ଶିକ୍ଷିତା । ତାଙ୍କର ସମ୍ମାନ ଦରକାର । ତେଣୁ 'ତମେ' ବୋଲି ସମ୍ବୋଧନ ନକଲେ ତାଙ୍କର ପିତୃ ଅର୍ଜିତ ମାନ ମହତ ଚାଲିଯିବ ! ଅନ୍ୟ ପକ୍ଷରେ ଦେଖିଲେ ଆଜିକାଲି ନାରୀମାନେ ପୁରୁଷ ମାନଙ୍କ ସହ ସମକକ୍ଷ ହେଲେଣି ତେଣୁ ଯଦି ବାପାଙ୍କୁ ଯଦି ତୁମେ ବୋଲି ସମ୍ବୋଧନ ହେଉଛି ତେବେ ମମିଙ୍କୁ କାହିଁକି ନୁହେଁ! ସେ ଯାହା ହେଉନା କାହିଁକି କିନ୍ତୁ 'ତୁ' ସମ୍ବୋଧନରେ ବୋଉକୁ ମିଳେ ଅଜସ୍ର ଖୁସି ଆଉ ଆନନ୍ଦ । ବୋଉ କିଛି ନ ପଚାରିବି ମନର ସବୁ କଥା ଜାଣିପାରେ କିନ୍ତୁ ମମି ସବୁ ପଚାରି ମଧ୍ୟ ମନର କଥା କିଛି ବୁଝି ନଥାଏ । ବୋଉର ବଳକା ସମୟ ମୋ ପାଇଁ ବିଭିନ୍ନ ଉପଦେଶ ମୂଳକ ଗଳ୍ପ କହି ମୋ ମନରେ ଆନନ୍ଦ ଭରିଦିଏ କିନ୍ତୁ ମମିର ବଳକା ସମୟ କେବଳ ମୋବାଇଲ, ଟିଭି, ଆଉ ଇଣ୍ଟରନେଟରେ ବିତେ । ବୋଉର କୌଣସି କାର୍ଯ୍ୟ ଅନ୍ୟକୁ ଦେଖେଇବା ପାଇଁ ନୁହେଁ କିନ୍ତୁ ମମି ଯାହା ସବୁ କରେ ସେଥିରେ ଆଧୁନିକତାର ଛାପ ଦେଖିବାକୁ ମିଳେ। ଶସ୍ତା ଲୋକପ୍ରିୟତା ହାସଲ କରିବା ନିମନ୍ତେ ମମିର ପ୍ରତ୍ୟେକଟି କାର୍ଯ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୁଏ । ବୋଉର ଉପଦେଶ ଗୀତା ଭାଗବତ ଠାରୁ ଉର୍ଦ୍ଧ୍ୱରେ, ତାର ସ୍ନେହ ମମତା କେବେ ଦେବକୀ ଭଳି ତ କେବେ ଯଶୋଦା ଭଳି, ତାର ଦରଦୀ ମୁହଁ, ତାର ଝୋଟି ଚିତା, ତାର ଚଉରାର ସଂଜବତୀ, ତାର ଠାକୁର ଘରର ଶଙ୍ଖ ଧ୍ୱନି, ତାର ସମ୍ପର୍କର ସାଲୁକନା, ତାର ନିରୀହ ନିଃଶ୍ୱାସ, ତାର ପରୀ ରାଇଜର କାହାଣୀ, ତାର ପିନ୍ଧା ଲୁଗାର ବାସନା, ତାର ଉଷୁମ କୋଳ, ତାର ପ୍ରେରଣା ବାସ୍ତବିକ ଆଜିକାଲି ମମି ମାନଙ୍କଠାରେ ଦେଖିବାକୁ ମିଳୁ ନାହିଁ । ନହେଲେ କଣ ନିଜ ଛୁଆକୁ କେଉଁ ମା ଡାହାଣୀ ସାଜି ହତ୍ୟା କରି ପାରିଥାନ୍ତା ! ନା ଶିଶୁ କନ୍ୟାକୁ ଜନ୍ମ ଦେଇ ବାହାରେ ଫୋପାଡି ଦେଇ ପାରିଥାନ୍ତା ! ମୁଁ ଭାବେ ବୋଉ ବୋଧ ହୁଏ ସ୍ୱର୍ଗରେ ଈଶ୍ୱରଙ୍କ ଦ୍ୱାରା ତିଆରି କିନ୍ତୁ ମମି ପୃଥିବୀର କେଉଁ ଯନ୍ତ୍ରରେ ବୋଧେ ଗଢା ହୋଇଛି । ବୋଉ କୁକୁଡ଼ା ରାବ ଦେବା ପୂର୍ବରୁ ଶଯ୍ୟାତ୍ୟାଗ କରି ଖାଦ୍ୟ ପ୍ରସ୍ତୁତ ନିମନ୍ତେ ବାହାରିପଡେ କିନ୍ତୁ ମମି ସକାଳ ୯ ଟାରେ ଉଠି କଫି ପିଇ କୁକୁରକୁ ନେଇ ବୁଲିବାକୁ ବାହାରି ପଡେ । ସକାଳୁ ସଞ୍ଜ ହୁଏ, ରାତିଗାଢ଼ ହୁଏ, ନୀରବତା ବଢି ଚାଲେ ମାତ୍ର ବୋଉର କାମ ସରିନଥାଏ, ଲାଗିଥାଏ ଯେ ଲାଗିଥାଏ ଯିଏ କେବେ ବେତନ ଦାବି କରେନାହିଁ, ପଦୋନ୍ନତି ଚାହେଁ ନାହିଁ କିମ୍ବା କାର୍ଯ୍ୟରୁ ଅବସର ନିଏ ନାହିଁ । ଆଧୁନିକତାର ସ୍ପର୍ଶରେ ସବୁକିଛି ବଦଳିଯାଇଛି କିନ୍ତୁ ସେଦିନର ଗାଉଁଲି ଅପାଠୋଇ ବୋଉ ବଦଳିପାରିନି କି ପାରିବନି ମଧ୍ୟ ।

# 'ମାନବ, ମନ ଓ ଇନ୍ଦ୍ରିୟ'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ମଣିଷର ମନ ଠିକ୍ ଗୋଳିଆ ପାଣି ପରି। ଏହା ଯେତେ ବେଳେ ଗୋଳମାଳିଆ ଥାଏ, ତାହାକୁ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହଁ । ଏହି ପରିପ୍ରେକ୍ଷୀରେ ମନକୁ କିଛି ସମୟ ବିଶ୍ରାମ ଦେବା ଆବଶ୍ୟକ ଆଉ ଏହା କରିପାରିଲେ ଏହା ଆପେ ସ୍ଥିର ହେବ। ଏହାକୁ ଶାନ୍ତ କରିବା ପାଇଁ ଆଉ ଚେଷ୍ଟା କରିବାକୁ ପଡ଼ିବନାହିଁ। ମନ କେବଳ ଶାନ୍ତ ଥିବା ବେଳେ ହିଁ ଭଲ ଭାବେ ବିଚାର କରିହୁଏ ଏବଂ ଉଚିତ୍ ନିଷ୍ପତ୍ତି ନେଇହୁଏ। ଏହି ମନକୁ ନେଇ ଗୋଟେ ସୁନ୍ଦର କଥା ଅଛି ଆଉ ଏହା ଗୌତମବୁଦ୍ଧଙ୍କ ଜୀବନ ସହ ସଂପର୍କିତ ଏକ ଘଟନା। ଦଳେ ଅନୁଗାମୀଙ୍କ ସହ ଥରେ ଗୌତମବୁଦ୍ଧ ଯାତ୍ରା କରୁଥିଲେ। ପଥରେ ପଡ଼ିଲା ପୁଷ୍କରିଣୀଟିଏ ଆଉ ପଥ-ପ୍ରାନ୍ତରେ ଥିବା ତରୁର ଛାୟା ବୁଦ୍ଧଙ୍କୁ ଆକର୍ଷିତ କଲା। ସେ କିଛି କ୍ଷଣ ସେଠାରେ ବିଶ୍ରାମ ନେବାକୁ ଇଚ୍ଛା କଲେ। ପୁଷ୍କରିଣୀରୁ ପାଣି ମୁନ୍ଦିଏ ଆଣିବା ପାଇଁ ଜଣେ ଶିଷ୍ୟଙ୍କୁ କହିଲେ। ଶିଷ୍ୟ ପାଣି ପାଇଁ ପହଞ୍ଚି ଦେଖିଲେ, କିଛି ଲୋକ ସ୍ନାନରେ ବ୍ୟସ୍ତ। ପାଣିର ଅବସ୍ଥା ଦେଖି, ସେ ଖାଲି ହାତରେ ଫେରିଲେ ଏବଂ ବୁଦ୍ଧଙ୍କୁ ଜଣାଇଲେ। ବୁଦ୍ଧ କହିଲେ- ବ୍ୟସ୍ତ ହେବାରେ କ'ଣ ଅଛି ? କିଛି ସମୟ ବିଶ୍ରାମ ନିଅ ତାପରେ ଯିବ । ଘଣ୍ଟାକ ପରେ ପୁନର୍ବାର ପାଣି ପାଇଁ ଶିଷ୍ୟଙ୍କୁ ପଠାଇଲେ। ଏଥର ଶିଷ୍ୟ ନିର୍ମଳ ଜଳ ସହ ଫେରିଲେ ଏବଂ ତାହା ପାନକରି, ବୁଦ୍ଧ ତୃଷା ମେଣ୍ଟାଇଲେ। କହିଲେ- ଦେଖିଲ, ଜଳ କିପରି ଆପେ ସ୍ୱଚ୍ଛ ହୋଇଗଲା ? ତୁମକୁ କିଛି କରିବାକୁ ପଡ଼ିଲାନାହିଁ ! ଠିକ୍ ସେହି ପରି ଆନ୍ଦୋଳିତ ମନ ଆପେ ଶାନ୍ତ ହୋଇଥାଏ । ଏହାକୁ ଶାନ୍ତ କରିବା ପାଇଁ ଆଦୌ ବ୍ୟସ୍ତ ହେବା ଅନାବଶ୍ୟକ।

ତେବେ ଆସନ୍ତୁ ଜାଣିବା ଏହି ମନ ଉପରେ କେତେକ ଗୂଢ଼ ତତ୍ତ୍ୱ କଥା। ମନୁଷ୍ୟର ପାଞ୍ଚଟି ଜ୍ଞାନ ଇନ୍ଦ୍ରିୟ ଏବଂ ପାଞ୍ଚଟି କର୍ମ ଇନ୍ଦ୍ରିୟ ରହିଛି । ମନ ଏକ ଇନ୍ଦ୍ରିୟ ହୋଇଥିବାରୁ ସର୍ବଦା ଇନ୍ଦ୍ରିୟମାନଙ୍କୁ ସମର୍ଥନ କରେ । ମନ ସଞ୍ଜମ ହେଲେ ଇନ୍ଦ୍ରିୟମାନେ ଶୀତଳ ହୋଇଯାଆନ୍ତି । ଶାସ୍ତ୍ରମାନଙ୍କରେ ଇନ୍ଦ୍ରିୟ ମାନଙ୍କର ରାଜା ହେଉଛି ମନ ଏବଂ ଚିତ୍ତବୃତ୍ତି ଗୁଡିକ ହେଉଛନ୍ତି ସେମାନଙ୍କ ନେତା । ଦେଶର ରାଜା ଭଲ ବ୍ୟକ୍ତି ହୋଇଗଲେ ପ୍ରଜାମାନେ ସୁଖଶାନ୍ତିରେ ରହିବେ । ସେଥିପାଇଁ ମନୁଷ୍ୟ ମନକୁ ସଂଯମ କରିବା ନିହାତି ଦରକାର ହୋଇଥାଏ। ଯାହାଫଳରେ ସମଗ୍ର ଶରୀର ସୁସ୍ଥ ରହିଥାଏ। ମନର କାମ ହେଉଛି ତିନୋଟି ପର୍ଯ୍ୟାୟରେ ବିଭକ୍ତ। ତାହା ହେଲା ଇନ୍ଦ୍ରିୟ ଲାଳସା, କାମ ଉତ୍ତେଜନା ଓ ଧନ ସଞ୍ଚୟ ପାଇଁ ସର୍ବଦା ଲାଗିରହେ । ମନର ପ୍ରଥମ କାମ ହେଲା ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ଖାଇବା ପାଇଁ ମନ ସବୁବେଳେ ଆଗ୍ରହ ପ୍ରକାଶ କରେ । ବେଳେବେଳେ ଆବଶ୍ୟକ ଠାରୁ ଅଧିକ ଖାଇ ଶରୀରକୁ ରୋଗୀ କରି ଛଟ-ପଟ ହୁଏ । ମନର ଦ୍ୱିତୀୟ କାମ ହେଲା କାମସେବନ । ମନ କାମସେବନ ପାଇଁ ଇନ୍ଦ୍ର ଭୁବନ ତିଆରି କରେ । ମନୁଷ୍ୟ କାମୁକ ହୋଇଗଲେ ଶରୀର ଦୁର୍ବଳ ହୋଇ ରୋଗ ମାଡ଼ିବସେ । ସେଥିପାଇଁ ରାମକୃଷ୍ଣ ପରମହଂସ କହିଛନ୍ତି ଯୋଗମାର୍ଗରେ ଯାଉଥିବା ସାଧକମାନେ କାମିନୀ ଓ କାଞ୍ଚନ ଠାରୁ ଦୂରେଇ ରହିବା ଉଚିତ । ମନର ତୃତୀୟ କାମ ହେଉଛି ଅଧିକ ଧନ ସଞ୍ଚୟ କରି ବଡ଼ଲୋକିଆ ଦେଖାଇ ଗର୍ବ ଅହଂକାର କରିବା ।

ଆଜିର ପରିସ୍ଥିତିରେ ଅଧକାଂଶ ଲୋକ ମନ ମୁତାବକ କାମକରି ଦୁଃଖ-କଷ୍ଟ ଭୋଗକରି ରୋଗରେ ପଡ଼ି ଛଟପଟ ହେଉଛନ୍ତି । ମନୁଷ୍ୟ ଶରୀରକୁ ସବୁକିଛି ମନେକରି ଆତ୍ମଜ୍ଞାନ ଭୁଲି ବିପଦରେ ପଡୁଛି । ସେଥିପାଇଁ ମନୁଷ୍ୟ ସାଧନା ମାର୍ଗରେ ଯାଇ ଇନ୍ଦ୍ରିୟ ସଂଯମ କରିବା ଉଚିତ। ଜଣେ ଉତ୍ତମ ବ୍ୟକ୍ତିର ପ୍ରଥମ କାମ ହେଲା ସରଳ, ସୁପାଚ୍ୟ, ସାତ୍ତ୍ୱିକ, ପୋଷଣଯୁକ୍ତ ନିରାମିଷ ଭୋଜନ କରିବା ଉଚିତ । କାରଣ ଅନ୍ନ ଅନୁସାରେ ମନର ଗଠନ ହୋଇଥାଏ। ମନକୁ ସଂଯମ କରିବା ପାଇଁ ଜପ-ଧାନ ଓ ଆସନ-ପ୍ରାଣାୟାମ କରିବାକୁ ପଡ଼େ । ମନ ଏକାଗ୍ର ହୋଇଗଲେ ମନୁଷ୍ୟକୁ ଶାନ୍ତି ମିଳିଥାଏ । ମନ ଅଶାନ୍ତ ରହିଲେ ନର୍କକୁଣ୍ଡରେ ପକାଇ ଛଟପଟ କରିବ । ସବୁକିଛି ହେଉଛି ମନର ଖେଳ । ଦ୍ୱିତୀୟ ଇନ୍ଦ୍ରିୟ ହେଲା ବ୍ରହ୍ମଚର୍ଯ୍ୟ । ମନୁଷ୍ୟ ବ୍ରହ୍ମଚର୍ଯ୍ୟ ପାଳନ ନ କଲେ ସାଧନା ମାର୍ଗରେ ଯାଇ ବିଫଳତା ଲାଭ କରିବ । ମନୁଷ୍ୟ ଯାହା ଭୋଜନ କରେ ଶରୀର ଭିତରେ ରସ, ରକ୍ତ ଓ ହାଡ଼ମାଂସ ତିଆରି ହୋଇ ଶେଷ ୪୦ ଦିନ ପରେ ଶୁକ୍ର ବା ବ୍ରହ୍ମଚର୍ଯ୍ୟ ତିଆରି ହୁଏ । ମନୁଷ୍ୟ ବ୍ରହ୍ମଚର୍ଯ୍ୟ ହେଲେ ମାନସିକ ଶାନ୍ତି ଏବଂ ଶାରୀରିକ ସୁଖ ଅନୁଭବ କରିବ । ମୁଖମଣ୍ଡଳ ତେଜିୟାନ ଦେଖାଯିବ । ଶରୀରରୁ ରୋଗ ଚାଲିଯିବ । ଆତ୍ମବଳ ବଢ଼ି ଯେଉଁ କାମରେ ହାତ ଦେବ ତାହାକୁ ସଫଳ ହେବ ।

ବର୍ତ୍ତମାନ ସମୟରେ ଧନ-ରତ୍ନ ବହୁତ ବଢ଼ିଯାଇଛି ଏବଂ ଅଧିକାଂଶ ଲୋକ ଭଲ ରୋଜଗାର ମଧ୍ୟ କରୁଛନ୍ତି କିନ୍ତୁ ସେମାନଙ୍କୁ ସନ୍ତୋଷ ମିଳୁନାହିଁ । କାରଣ ସେମାନେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ପାଗଳାମିର ଲକ୍ଷଣ ଦେଖାଉଛନ୍ତି। ନିଜକୁ ଅସହାୟ ମନେକରି ଜୀବନ କାଟୁଛନ୍ତି । ମନୁଷ୍ୟର ମସ୍ତିଷ୍କ ହେଉଛି ସବୁଠାରୁ ଶ୍ରେଷ୍ଠ । ଆଜି କେତେକ ଲୋକ ଅପରାଧ ମନୋବୃତ୍ତି ରଖି କାମୁକ ସ୍ୱଭାବର ହୋଇ ଭୟ ଓ ନିରାଶା ଜୀବନ ବିତାଉଛନ୍ତି । ସେଥିପାଇଁ ମନ ଓ ଶରୀରକୁ ପବିତ୍ର କରିବା ଉଚିତ । ସେଥିପାଇଁ କୁହାଯାଏ ମନୁଷ୍ୟର ବୃଦ୍ଧି, ବିବେକ ଓ ଜ୍ଞାନ ଆସିଗଲେ, ସେ ଆତ୍ମସନ୍ତୋଷ ଓ ଜନ ସମ୍ମାନ ଲାଭ କରେ । ଇନ୍ଦ୍ରିୟ ରୂପୀ ଅଶ୍ୱମାନଙ୍କୁ ଯେଉଁ ଜୀବ ନିଜର ଚଞ୍ଚଳ ମନର ଲଗାମରେ ବାନ୍ଧି ପାରେନା, ସେ ଜୀବର ଜୀବନ ବିକାରଗ୍ରସ୍ତ ହୋଇ ମାୟାରେ ଛନ୍ଦି ହୁଏ। ମାୟାର ପ୍ରଭାବ ଓ ନିଜ ବିକାରଗ୍ରସ୍ତ କର୍ମ ଦ୍ୱାରା ସେ ସଂସାରରେ ଦୁଃଖ ଓ ଅଶାନ୍ତି ଭୋଗ କରେ। ନିଜକୁ କର୍ତ୍ତା ବା ଭୋକ୍ତାର ଅହଂକାର ନେଇ, ନିଜର ହିଁ କ୍ଷତି ସାଧନ କରେ, ଏ ଜଗତରେ ହୁଏ ଘୃଣ୍ୟ, କାରଣ ସେ ହୋଇଯାଏ ସ୍ୱେଚ୍ଛାଚାରୀ, ଗର୍ବୀ, ଅହଙ୍କାରୀ, ବିନାଶ ପଥର ଯାତ୍ରୀ। ସେଥିପାଇଁ ନିଜକୁ ଭୋକ୍ତା ନ କରି ଭୋଗ୍ୟ କରି ଦେବା ଉଚିତ୍ । ଏହା ହୋଇପାରିଲେ ମନରେ ବିରାଜମାନ ହେବ ଶାନ୍ତି, ନିର୍ଭିକତା, ନିସ୍ୱାର୍ଥପରତା, ନିର୍ମଳ ଭାବ ଉତ୍ତମ ବିଚାରବୁଦ୍ଧି, ସର୍ବୋପରି ଧାର୍ମିକ ଚେତନା।

# ଉତ୍କଳଗୌରବ ମଧୁସୂଦନ ଦାସ

ଡ଼ାକ୍ତର ଗୋକୁଳାନନ୍ଦ ରାଉତ
ଟ୍ରାଇଡ଼େଣ୍ଟ୍ ଆପାର୍ଟମେଣ୍ଟ,
କଳିଙ୍ଗନଗର, ଭୁବନେଶ୍ୱର
ମୋ :୯୪୩୭୦୩୧୧୩୭

ମଧୁସୂଦନ ଦାସ ଓଡ଼ିଆ ଜାତିର ଓଡ଼ିଆ ଅସ୍ମିତା(ସ୍ୱାଭିମାନ)ର ପ୍ରତୀକ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ। ୧୮୪୮ ମସିହା ଏପ୍ରିଲ ୨୮ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଉତ୍କଳ ଗୌରବ ମଧୁସୂଦନ ଦାସ ଜନ୍ମ ଗ୍ରହଣ କରିଥିଲେ। ମାତା ପାର୍ବତୀ ଦେବୀ ଓ ପିତା ଚୌଧୁରୀ ରଘୁନାଥ ଦାସଙ୍କ କୋଳ ମଣ୍ଡନ କରିଥିଲେ। ମଧୁବାବୁଙ୍କ ପ୍ରଥମ ନାମ ଥିଲା ଚୌଧୁରୀ ଗୋବିନ୍ଦ ବଲ୍ଲଭ ଦାସ। ପରେ ତାଙ୍କ ବାପା ମାଆ ତାଙ୍କ ନାମ ବଦଳାଇ ମଧୁସୁଦନ ରଖିଥିଲେ । ଗାଁ ଚାଟଶାଳୀରେ ପାଠ ଶେଷକରି ସତ୍ୟଭାମାପୁର ଗ୍ରାମରୁ କଟକ ଆସି ସ୍କୁଲ ପାଠ ଶେଷ କଲେ।

କଠିନ ପରିଶ୍ରମ କରି ମଧୁସୂଦନ ଦାସ ବି.ଏ ପାସ୍ କଲେ । ମଧୁବାବୁ ହେଉଛନ୍ତି ପ୍ରଥମ ଓଡ଼ିଆ ବି.ଏ, ପ୍ରଥମ ଓଡ଼ିଆ ଏମ୍.ଏ ଓ ପ୍ରଥମ ଓଡ଼ିଆ ବି.ଏଲଅ ଡ଼ିଗ୍ରୀ ଲାଭ କରିଥିଲେ। ମଧୁବାବୁ ବାଲେଶ୍ୱରରେ ବର୍ଷଟିଏ ଶିକ୍ଷକତା କରିଥିଲେ। ପରେ ଉଚ୍ଚ ଶିକ୍ଷା ପାଇଁ କଲିକତା ଯାଇଥିଲେ। ଉଚ୍ଚ ଶିକ୍ଷା ପରେ କଲିକତାର ଶ୍ରୀରାମପୁର କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତ ହୋଇଥିଲେ । ବି.ଏଲଅ ଡ଼ିଗ୍ରୀ ଲାଭପରେ ମଧୁବାବୁ ପ୍ରଥମେ କଲିକତାରେ ଓକିଲାତି ଆରମ୍ଭ କରିଥିଲେ । ନିଜର ଜ୍ଞାନ ଓ କୌଶଳ ଦ୍ୱାରା କଲିକତାରେ ନାମଜାଦା ଓକିଲ ହୋଇପାରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶାକୁ ଫେରିଆସିଥିଲେ । ପତ୍ନୀଙ୍କ ବିୟୋଗ ପରେ ଏକାକୀ ଜୀବନ କଟାଉଥିଲେ । ୧୮୮୧ ମସିହା ସେପ୍ଟେମ୍ବର ୧୨ ତାରିଖ ଦିନ ମଧୁବାବୁ କଟକ ଆଦାଲତରେ ଓକିଲାତି ଆରମ୍ଭ କଲେ । ଓଡ଼ିଶାରେ ବଙ୍ଗାଳୀ ଓକିଲ ମଧୁବାବୁଙ୍କୁ ବାର୍ ଆସୋସିଏସନରେ ସଭ୍ୟ ରୂପେ ଗ୍ରହଣ କରି ନ ଥିଲେ । ତତ୍‌କାଳୀନ ଜଜ୍ ସାହେବ ନିଜ ରୁମର ପାଖ ଏକ କୋଠରୀରେ ଅଫିସ କରିବାକୁ ମଧୁବାବୁଙ୍କୁ ସୁଯୋଗ ଦେଇଥିଲେ । ଓକିଲ ମହଲରେ ତାଙ୍କୁ ଅନେକ ପରିହାସର ସାମ୍ନା କରିବାକୁ ପଡ଼ିଥିଲା । କିନ୍ତୁ ଖଣ୍ଡପଡ଼ା ରାଜାଙ୍କ ମୋକଦ୍ଦମା, ଶ୍ରୀମନ୍ଦିର ପରିଚାଳନା ବିବାଦ ସମସ୍ୟାରେ ସେ ଦକ୍ଷତା ଅର୍ଜନ କରିଥିଲେ । ଓଡ଼ିଶାର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟସେବକ ଗଜପତି ଦିବ୍ୟସିଂହ ଦେବଙ୍କୁ ନିର୍ବାସନ ଦଣ୍ଡରୁ ମୁକୁଳାଇବା ପାଇଁ ମୋକଦ୍ଦମା ଲଢି ଜୟଲାଭ କରିଥିଲେ।

ମଧୁବାବୁ ଓଡ଼ିଶା ରାଜ୍ୟ ପାଇଁ ବହୁତ କିଛି କରିଛନ୍ତି । ରାଜ୍ୟରେ ଚମଡ଼ା ଶିଳ୍ପର ବିକାଶ ପାଇଁ 'ଉତ୍କଳ ଟ୍ୟାନେରୀ' ନାମକ ଯୋତା କାରଖାନା କରି ଅନେକ ନିଯୁକ୍ତି ସୃଷ୍ଟି କରିଥିଲେ। ମଧୁବାବୁ ହେଉଛନ୍ତି ଓଡ଼ିଆ ଜାତିର ନବନିର୍ମାତା । ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ନାନା ବିରୁଦ୍ଧର ସମ୍ମୁଖୀନ ହୋଇ ମଧ୍ୟ ମଧୁସୂଦନ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ଗଠନ କରିଥିଲେ। ଏହି ପ୍ରଥମ 'ଉତ୍କଳ ସମ୍ମିଳନୀ' କଟକ ଇଦ୍‌ଗା ପଡ଼ିଆରେ ୧୯୦୩ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖରେ 'ଓଡ଼ିଆ ଅସ୍ମିତାର' ପ୍ରଥମ ଅଧିବେଶନ ହୋଇଥିଲା । ଏହି ସମ୍ମିଳନୀର ପୁରୋଧା ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ଏହି ପ୍ରଥମ ସମ୍ମିଳନୀରେ ଯୋଗ ଦେଇଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମୟୁରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ, ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କର୍ମବୀର ଗୌରୀ ଶଙ୍କର ରାୟ, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଏବଂ ଏହି ଭଳି ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଓଡ଼ିଆ ପ୍ରତିନିଧିଗଣ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଉପକୂଳ ଓଡ଼ିଶା, ଗଡ଼ଜାତ ରାଜ୍ୟ ସମୂହ ଏବଂ ପଶ୍ଚିମ ଓଡ଼ିଶାକୁ ନେଇ ଏକ ମଞ୍ଚ ଗଠନ କରାଗଲା ।

ମଧୁବାବୁଙ୍କ ମାନବଧର୍ମୀ ଚିନ୍ତାଧାରା ଯୋଗୁ ଜାତିର ଜନକ ମହାତ୍ମାଗାନ୍ଧୀ ମଧୁବାବୁଙ୍କୁ ନିଜ ଜୀବନର ଜଣେ ପଥପ୍ରଦର୍ଶକ ଭାବରେ ଗ୍ରହଣ କରିଥିଲେ। ମଧୁବାବୁ ଖଣ୍ଡଖଣ୍ଡ ହୋଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ଲଢ଼ିଥିଲେ। ଓଡ଼ିଆମାନଙ୍କର ଉନ୍ନତି ପାଇଁ, ଶିକ୍ଷା, କୃଷି ଓ ଶିଳ୍ପର ବିକାଶ ଦିଗରେ ଉଦ୍ୟମ କରିଥିଲେ । ନାରୀ ଶିକ୍ଷାର ଉନ୍ନତି ଓ ପ୍ରଚାର ପାଇଁ ମଧୁବାବୁ କଟକରେ ଶୈଳବାଳା ମହିଳା କଲେଜ ସ୍ଥାପନ କରିଥିଲେ।

ମଧୁବାବୁ ଜଣେ ଆଇନଜୀବୀ, ଆଇନଜ୍ଞ, ପାର୍ଲାମେଣ୍ଟାରିଆନ, ବିଧାୟକ ତଥା ଦେଶପ୍ରେମୀ ନେତା ଥିଲେ। ସେ ଜଣେ ସମାଜ ସଂସାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପୋବାଦୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ, ଚିନ୍ତାନାୟକ, ଜନନାୟକ ଏବଂ ରାଷ୍ଟ୍ରନାୟକ ଥିଲେ। ମଧୁବାବୁ ଉତ୍କଳ ସମ୍ମିଳନୀ, ଓଡ଼ିଆ ସାହିତ୍ୟ ମଞ୍ଚ, ଉତ୍କଳ ସାହିତ୍ୟ ସମାଜ, ନିଖିଳ ଉତ୍କଳ ଛାତ୍ର ସଂଗଠନ, କୃଷକମାନଙ୍କର ସୁରକ୍ଷା ଅନୁଷ୍ଠାନ, ଉତ୍କଳ ଟ୍ୟାନେରୀ, ତାଳଗୁଡ଼ ସଂସ୍ଥା, ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ, ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର, ତାରକସୀ ଶିଳ୍ପର ଉନ୍ନୟନାଗାର, ବିହାରୀବାଗରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଆସର ସଂଗଠନ ସ୍ଥାପନ କରିଥିଲେ । ପରୋପକାର, ଦୟା, କରୁଣା, ସେବା ଓ ମାନବୀୟ ମୂଲ୍ୟବୋଧ ସନାତନ ଧର୍ମର ଶ୍ରେଷ୍ଠ ବୋଲି ସେ ବିଚାର କରୁଥିଲେ । ୧୯୩୨ ମସିହା ଡ଼ିସେମ୍ବର ମାସ ୨୪ତାରିଖ ଓଡ଼ିଶା ପ୍ରଦେଶ ଗଠନର ଐତିହାସିକ ଘୋଷଣାନାମା ପ୍ରକାଶ କରିଥିଲେ। ୧୯୩୩ ମସିହା ଜୁଲାଇ ୩ତାରିଖରେ ଲଣ୍ଡନଠାରେ ଦାବୀପତ୍ର ଉପସ୍ଥାପନ କରିଥିଲେ ।

ମଧୁବାବୁଙ୍କ 'ଜନ୍ମଦିବସ'କୁ 'ଉତ୍କଳଦିବସ' ତଥା 'ରାଷ୍ଟ୍ରଦିବସ'ରୂପେ ପାଳନ କରାଯାଏ। ମଧୁବାବୁଙ୍କ ପ୍ରଚେଷ୍ଟା ୧୯୦୩ରୁ ୧୯୩୫ପର୍ଯ୍ୟନ୍ତ ସୁଦୀର୍ଘ କାଳ ପରିବ୍ୟାପ୍ତ ରହିଥିଲା । ଓଡ଼ିଆ(ଓଡ଼ିଶା) ପ୍ରଦେଶ ଓ ଓଡ଼ିଆ ଭାଷାର ଉନ୍ନତି ପାଇଁ ତାଙ୍କର ଉଦ୍ୟମ ସର୍ବଦା ପ୍ରଶଂସନୀୟ । ସେ ଥିଲେ ଓଡ଼ିଶାର ପ୍ରଥମ ମନ୍ତ୍ରୀ, ପ୍ରଥମ ବିଲାତ ଯାତ୍ରୀ, ଦୀର୍ଘ ଦିନର ଅବ୍ୟାହତ ଯାତ୍ରା ସତ୍ତ୍ୱେ ୮୬ ବର୍ଷ ବୟସରେ ସ୍ୱତନ୍ତ୍ର ପ୍ରଦେଶର କମନୀୟ ରୂପ ଦେଖା ପୂର୍ବରୁ ୧୯୩୪ ମସିହା ଫେବୃୟାରୀ ମାସ ୪ତାରିଖ ଦିନ ମଧୁବାବୁ ଇହଧାମରୁ ବିଦାୟ ନେଇଥିଲେ। ମଧୁବାବୁଙ୍କ ପ୍ରଚେଷ୍ଟାରେ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା । ଆମେ ସେଥିପାଇଁ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପାଖରେ ଚିର ଋଣି ଏବଂ କୃତଜ୍ଞ। ଆମେ ସେଥିପାଇଁ କହୁ ମଧୁବାବୁଙ୍କ ଜୀବନ କାହାଣୀ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ । ଆମ ଓଡ଼ିଶାରେ ଯେଉଁ କେତେଜଣ ଯୋଗଜନ୍ମା ବ୍ୟକ୍ତିତ୍ୱ ଉନବିଂଶ ଶତାବ୍ଦୀରେ ଜନ୍ମ ନେଇଥିଲେ, ତା' ଭିତରୁ ଓଡ଼ିଶାର ଦୁଇ ବରପୁତ୍ର ହେଉଛନ୍ତି ଉତ୍କଳଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ମଧୁସୂଦନଙ୍କ ସହିତ ପଣ୍ଡିତ ଗୋପବନ୍ଧୁଙ୍କ ସଂପର୍କ ଥିଲା ମଣିକାଞ୍ଚନ ସଦୃଶ । ମଧୁବାବୁଙ୍କ ଚେଷ୍ଟାରେ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅଧିବାସୀ ଭାବେ ଅଧିକାର ଲାଭ କରି ଗର୍ବର ସହ ମୁଣ୍ଡଟେକି ବଞ୍ଚୁଛୁ। ଆମେ ପ୍ରତ୍ୟେକ ବର୍ଷ ଏପ୍ରିଲ ୨୮ ତାରିଖ ଦିନ 'ମଧୁବାବୁଙ୍କ ଜୟନ୍ତୀ' ପାଳନ କରୁ ଏବଂ ସହସ୍ର ପ୍ରଣାମ କରୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଅପ୍ରେଲ ୨୦୨୫ ମଙ୍ଗଳବାର





# ହିଲ୍‌ପାଟଣା ପଥର ପାହାଡ଼ ଜବରଦଖଲ:ଚାଲିଛି କୋଠା ନିର୍ମାଣ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜବରଦଖଲକୁ ଆବୋ ବରଦାସ୍ତ କରାଯିବନାହିଁ। ସରକାରୀ ଜମିକୁ ଚିହ୍ନଟ କରି ଜବରଦଖଲ ଉଚ୍ଛେଦ କରାଯାଇ ତାହାକୁ ସୁରକ୍ଷା ଦିଆଯିବ। କ୍ଷମତାକୁ ଆସିବା ପରେ ଏନେଇ ସରକାର ଘୋଷଣା କରିବା ସହ କଠୋର ଅଭିଯୋଗ ଗ୍ରହଣ କରିବା ଆରମ୍ଭ କରିଥିଲେ। ତେବେ ଏଭଳି ଅନେକ ଜବରଦଖଲ ଅଛି ଯାହା ପ୍ରଶାସନର ନଜରରେ ପଡ଼ୁନାହିଁ ଅଥବା ଅଭିଯୋଗ ହେଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ମାର ମାର ଭଣ୍ଡାରିଙ୍କୁ ମାର ନାଁରେ ରାସ୍ତାକଡ଼ରେ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ନିରିହ ଓ ଉଠାଦୋକାନୀଙ୍କ ଉପରେ ଦାଉ ସାଧୁଛନ୍ତି ଉଭୟ ସାଧାରଣ ଓ ପୋଲିସ ପ୍ରଶାସନ। ସହର ମଧ୍ୟରେ ଥିବା ବିଭିନ୍ନ ଜଳଶୟ ବା ଜଳାଶୟଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୋତି ଦେଇ ତାହା ଉପରେ କୋଠା ନିର୍ମାଣ କରାଯାଉଛି। ଯାହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ମାମଲା ମଧ୍ୟ ରୁଜୁ ହୋଇଛି। ଏଭଳି ପରିସ୍ଥିତିରେ ସହରର ମଧ୍ୟ ଭାଗରେ ଥିବା ଏକ ବହୁ ପୁରାତନ ପଥର ପାହାଡ଼କୁ ପର୍ଯ୍ୟାୟ କ୍ରମେ କାଟି କାଟି ସମତଳ କରି ତାହା ଉପରେ ଗୃହ ନିର୍ମାଣ କରାଯାଉଥିବା ଭଳି ବିଚିତ୍ର ତଥା ଜମି ହାତେଇବାକୁ ଯାଇ ବିରଳ ଚିତ୍ର ନଜରକୁ ଆସିଛି। ବ୍ରହ୍ମପୁର ତହସିଲ ଅନ୍ତର୍ଗତ ଭାପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନସ୍ଥ ବିଜିପୁର ମୌଜାର ହିଲ୍‌ପାଟଣା ଅଞ୍ଚଳ। ପୂର୍ବରୁ ଏଠାରେ ପଥର ପାହାଡ଼ ରହିଥିବାରୁ ଏହି ଅଞ୍ଚଳର ନାମକରଣ ହିଲ୍‌ପାଟଣା ରହିଥିବା ଜଣାଯାଏ। କାଳକ୍ରମେ ହିଲ୍‌ପାଟଣାର ପଥର ପାହାଡ଼ କାଟି କାଟି ଧ୍ୱଂସ ଅବସ୍ଥାକୁ ଆସିଯାଇଛି। କିଛି ଦିନ ତଳେ ଉକ୍ତ ପଥର ପାହାଡ଼ରେ ଡିନାମାଇଟ୍ ଲଗାଇ ଫୁଟାଯାଉଥିବା ଅଭିଯୋଗ ହେବାପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳ ପ୍ରଶାସନର ନଜର ଆଢୁଆଳରେ ରହିବାର ସୁଯୋଗ ନେଇ ଉକ୍ତ ପାହାଡ଼ ଉପରେ ବର୍ତ୍ତମାନ ଗୃହ ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି। ପଥର ପାହାଡ଼ ଉପରେ ଦୁଇ ମହଲା ବିଶିଷ୍ଟ କୋଠା ଘର ନିର୍ମାଣ କରାଯାଉଥିବା ବେଳେ ପାହାଡ଼ ସଂଲଗ୍ନ ଅଞ୍ଚଳରେ ମଧ୍ୟ ଗତ କିଛି ବର୍ଷ ମଧ୍ୟରେ ଏକାଧିକ ଗୃହ ନିର୍ମାଣ ହୋଇଥିବା ନଜରକୁ ଆସିଛି। ପାହାଡ଼ିଆ ଅଞ୍ଚଳରେ ସାଧାରଣତଃ ପାନୀୟ ଜଳର ଘୋର ସଙ୍କଟ ଥିବା ଜାଣି ସୁଦ୍ଧା ଏଭଳି ଜବରଦଖଲକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାହାଡ଼ ସର୍ବଦା ସରକାରଙ୍କର ବା ରାଜସ୍ୱ ବିଭାଗ ଅଧୀନରେ ଥାଏ। ଏହାକୁ ବିଭିନ୍ନ ସମୟରେ ଲିଜ୍ ସୂତ୍ରରେ ଦିଆଯିବାର ଅନେକ ନଜିର ରହିଛି। ତେବେ ସହରର ଜନବସତି ମଧ୍ୟରେ ଥିବା ଏହି ପଥର ପାହାଡ଼ର ମାଲିକାନା କାହା ନିକଟରେ ରହିଛି ଓ ଏହାର କିସମ କଣ ଅଛି ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ପଥର ପାହାଡ଼ ଉପରେ ଗୃହ ନିର୍ମାଣ କରିବାକୁ ବିଏମ୍‌ସି କିମ୍ବା ବିଡ଼ିଏ ଅନୁମୋଦନ ଦେଇନଥିବେ ଏହା ସ୍ପଷ୍ଟ। ଏଭଳି ପରିସ୍ଥିତିରେ ପଥର ପାହାଡ଼କୁ ଚିହ୍ନଟ କରି ସେଠାରୁ ଜବରଦଖଲ ମୁକ୍ତ କରିବା ସହିତ ତାହାର ସୁରକ୍ଷା କାହାର ଦାୟିତ୍ୱ ତାହା ବର୍ତ୍ତମାନ ସବୁଠାରୁ ବଡ଼ପ୍ରଶ୍ନ ପାଲଟିଛି।

# ଡ୍ରେନ୍ ନିର୍ମାଣ ନିମ୍ନମାନର ଅଭିଯୋଗ:ବିଭାଗୀୟ ଡିଜାଇନ୍ ଅନୁସାରେ ଚାଲିଛି କାମ:ଠିକାଦାର

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକର ଦୋବଲ ବସ୍‌ଷ୍ଟାଣ୍ଡ ବଜାର ଓ କାଳୀ ପଡ଼ିଆ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା କଂକ୍ରିଟ ଡ୍ରେନ୍‌ର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ଆଗାମୀ ବର୍ଷା ଋତୁ ପାର୍ କରିବ କି ନାହିଁ, ସେନେଇ ସନ୍ଦେହ ହେଉଛି। କାମଟି ଅତ୍ୟନ୍ତ ନିମ୍ନମାନର ହେଉଛି। ଡ୍ରେନ୍ ୱାଲ୍‌ରେ ରଡ୍ ବାଇଣ୍ଡି ଠିକ୍ କରାଯାଉନାହିଁ। କଂକ୍ରିଟର ଅନୁପାତ ମଧ୍ୟ କମ୍ ରହୁଛି। କାଳୀବଜାରରୁ ଦୋବଲ ବଜାର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ସହ ଡ୍ରେନ୍ ନିର୍ମାଣ ଲାଗି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ ହୋଇଥିଲା। କିଛୁ ବାଦ ବିବାଦ ପରେ ଠିକାଦାର ପ୍ରଥମେ ଡ୍ରେନ୍ ନିର୍ମାଣ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ହାଟ ବଜାରରେ ଡ୍ରେନ୍ ନିର୍ମାଣ ହୋଇଯାଇଛି। ସ୍ଥାନୀୟ ଲୋକେ ଜଗାରଖା କରିବାରୁ ଠିକାଦାର ଏଠାରେ ଭଲ କାମ କରିଛନ୍ତି। ଡ୍ରେନ୍‌ର ଦୁଇ ପାଖର ୱାଲ୍ ୮ ଇଞ୍ଚ ରହିବା କଥା। ହାଟ ବଜାର ଷ୍ଟ୍ରେଚରେ ୮ ଇଞ୍ଚ ରହିଛି। ସେଣ୍ଟ୍ରିଂ ଯୋଗୁଁ ଗାଁ ଗାଁ ୭ ଇଞ୍ଚ ହୋଇଛି। ସେହେଲେ ଡ୍ରେନ୍‌ର ୱାଲ୍‌ରେ ପ୍ରତି ୬ ଇଞ୍ଚ ବ୍ୟବଧାନରେ ମେନ୍ ବାର ଭିଡ଼ା ହେବା କଥା ଓ ପ୍ରତି ୮ ଇଞ୍ଚରେ ଡିଷ୍ଟ୍ରିବ୍ୟୁସନ୍ ବାର୍ ଦେବା କଥା। ହେଲେ ଠିକାଦାର ମନଇଚ୍ଛା ବାର୍ ବାଇଣ୍ଡି ଡିଷ୍ଟ୍ରିବ୍ୟୁସନ୍ ବା ରଡ୍ ବାଇଣ୍ଡି କରୁଛନ୍ତି। କେଉଁଠି ୧୦ ଇଞ୍ଚ ତ କେଉଁଠି ୧ ଫୁଟ୍ ଦୂରରେ ରଡ୍ ଛିଡ଼ା କରୁଛନ୍ତି। ସେମିତି ୩ ଫୁଟ୍ ଗଭୀରର ଡ୍ରେନ୍‌ରେ ମଝିରେ ମାତ୍ର ଗୋଟିଏ ରଡ୍ ଶୋଇ ଦିଆଯାଉଛି। କେବଳ ଏତିକି ନୁହେଁ, ଡ୍ରେନ୍‌ର ଡିଜାଇନ୍ ଓ ସ୍ପେସିଫିକେସନ୍ ଅନୁସାରେ ୧୨ ଏମ୍‌ଏମ୍ ମେନ୍ ବାର୍



ଓ ୮ ଏମ୍‌ଏମ୍‌ର ଡିଷ୍ଟ୍ରିବ୍ୟୁସନ୍ ବାର୍ ରହିବା କଥା। ଡ୍ରେନ୍ ୱାଲ୍‌ରେ ଡବଲ୍ ମେନ୍ ବାର୍ ରହିବା କଥା। ହେଲେ ଠିକାଦାର ଗୋଟିଏ ଲେଖାଏଁ ମେନ୍ ବାର୍ ଦେଉଛନ୍ତି। ସେହିପରି ପିସିସି, ଡ୍ରେନ୍ ରାଫ୍ଟ ଓ ଡ୍ରେନ୍ ୱାଲ୍ ପାଇଁ କଂକ୍ରିଟ ମଧ୍ୟ ନିମ୍ନମାନର ହେଉଛି। ବର୍ଷା ଦିନେ ଏଠାରେ ପାଣି ଜମି ରହେ। ଏହାକୁ ଦେଖିଲେ ଡ୍ରେନ୍‌ରେ ଜଳ ପ୍ରବାହର ଗତି କ୍ଷିପ୍ର ମଧ୍ୟ ରହିବ। ଏଣୁ ଡ୍ରେନ୍‌ର ସ୍ଥାୟୀତ୍ୱକୁ ଦେଖି ଏଠାରେ ମିକ୍ସ ଡିଜାଇନ୍ ଓ ଏମ୍ ୩୫ ଗ୍ରେଡର କଂକ୍ରିଟ ବ୍ୟବହାର ହେବା କଥା। ହେଲେ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ସିମେଣ୍ଟ, ଆଗ୍ରିଗେଟ ଓ ବାଲି ଭିତରେ ଅନୁପାତ ଠିକ୍ ରହୁନାହିଁ। ଗୋଟିଏ ସିମେଣ୍ଟରେ ୪ଟା ଚିପ୍ସ ଓ ୬ଟା ବାଲି ଦେଉଛନ୍ତି। ଫଳରେ କଂକ୍ରିଟ ଅତି ନିମ୍ନମାନର ହେଉଛି। ତା ସହିତ ନିର୍ମାଣ ପରେ ପାଣି ମଧ୍ୟ ଦିଆଯାଉନାହିଁ। ଏଣୁ ଏହା ବର୍ଷା ଦିନେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏନେଇ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ତାଙ୍କ ମୋବାଇଲ୍‌କୁ କଲ୍ କରିଥିଲୁ। ତିନିଥର ପ୍ରୟାସ ପରେ ସେ କଲ୍ ରିସିଭ କଲେନାହିଁ। ତେବେ କାମ ନେଇଥିବା ଠିକାଦାର କହିଛନ୍ତି କାମ ଠିକ୍ ହେଉଛି। ବିଭାଗ ପକ୍ଷରୁ ଯେଉଁ ଡିଜାଇନ୍ ତାଙ୍କୁ ଦିଆଯାଇଛି, ସେ ସେହି ଅନୁସାରେ କରୁଛନ୍ତି।

# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ନିମନ୍ତେ ମହାରାଜ କୃଷ୍ଣଚନ୍ଦ୍ର ନାରାୟଣ ଦେବଙ୍କ ଅବଦାନ ଅତୁଳନୀୟ

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲା ସଦର ମହକୁମା ସ୍ଥିତ ସଦ୍ଭାବନା ସଭାଗୃହରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଡ଼. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟବକ୍ତା ତଥା ବିଶିଷ୍ଟ କବି ପ୍ରଶାନ୍ତ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଥିଲା। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଭା ପ୍ରାରମ୍ଭରେ ପହଲଗାମ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ଅମର ଆତ୍ମାଙ୍କ ସଦ୍‌ଗତି ପାଇଁ ଏକ ମିନିଟ୍‌ର ନିରବ ପ୍ରାର୍ଥନା କରାଯାଇଥିଲା ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ଅନେକ ଜୀବନକୁ ସୃଜନଶୀଳ କରିବାକୁ ପ୍ରୋତ୍ସାହିତ କରି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ଆଗକୁ ବଢେଇବାରେ କର୍ଣ୍ଣଧାର ସାଜିଥିଲା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ। କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ଭାଷା ବଞ୍ଚେଇବା ପାଇଁ ଲଢେଇ କରିଥିଲେ। କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନରୁ ସାଲିଶ ବିହୀନ ମାନସିକତାକୁ ହଟେଇ ଅନ୍ୟାୟ ବିରୁଦ୍ଧରେ ମୁହଁ ଖୋଲି ଆଗକୁ ବଢିବା ଶିଖିବା ଦରକାର ବୋଲି ସେ କହିଥିଲେ। ବରପୁତ୍ରଙ୍କ ଜୀବନୀ ଜାଣିବାରେ କୁଣ୍ଠାବୋଧ ନ କରିବାକୁ ବର୍ତ୍ତମାନର ଯୁବପିଢ଼ିକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂ ଉପଦେଶ ଦେଇଥିଲେ। କୃଷ୍ଣଚନ୍ଦ୍ର ଗଜପତି ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିକରଣର ବୀଜ ବୁଣିଥିଲେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଶ୍ରୀ ଦାସ ନିଜ ବକ୍ତବ୍ୟରେ ଅତୀତକୁ ଜାଣିବା ଏବଂ ଅତୀତକୁ ମନେ ପକେଇ ଆଗକୁ ବଢ଼ିବାକୁ କହିଥିଲେ। ଅତୀତରେ ଆମ ପୂର୍ବ ପୁରୁଷଙ୍କ ବଳିଦାନ ଯୋଗୁଁ ଆମ ଭବିଷ୍ୟତ ଖୁବ୍ ସୁମଧୁର ହେଇଥିବାରୁ ସେମାନଙ୍କ ସ୍ମୃତିଚାରଣ ହେଲେ ତାଙ୍କ ତ୍ୟାଗକୁ ଆମେ ଯଥେଷ୍ଟ ସମ୍ମାନ ଦେଇପାରିବା ବୋଲି ସେ କହିଥିଲେ। ଉପଖଣ୍ଡ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

# ସର୍ପ ଦଂଶନରେ ବାଳକର ମୃତ୍ୟୁ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସିନ୍ଦ୍ରିଗାଁ ପଞ୍ଚାୟତ ଡେଙ୍ଗାର ଗାଁରେ ଘଟିଛି ଏକ ଅଘଟଣ। ବିଲ ହୁଡ଼ା ନିକଟରେ ଛୋଟ ପିଲାମାନେ ଖେଳୁଥିବା ସମୟରେ ହୁଡ଼ାରେ ଥିବା ଗର୍ତ୍ତରୁ ଏକ ବିଷଧର ସାପ ବାହାରି ଦଶ ବର୍ଷର ଛୋଟ ପିଲାଟିକୁ ଦଂଶନ କରିଥିଲା। ଚାହୁଁ ଚାହୁଁ ପିଲାଟି ତଳେ ପଡ଼ିଯାଇଥିଲା ଓ ସଙ୍ଗେ ସଙ୍ଗେ କୁନି ପିଲାଟିର ବାପା ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର କୁନି ପିଲାକୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ଡାକ୍ତରଙ୍କ ଠାରୁ ଖବରପାଇ ବାଲିଗୁଡ଼ା ଥାନା ପୋଲିସ ମେଡିକାଲ୍‌ରେ ପହଞ୍ଚି ମୃତ ଶରୀର ଜବତ କରି ୧୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଅଧିକାରୀ ଭୋଳାନାଥ ପଣ୍ଡା ଶବ ବ୍ୟବଚ୍ଛେଦ ନିମନ୍ତେ ନିର୍ଦ୍ଦେଶ ଦେବା ସହିତ କିଭଳି ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଛି ସେ ନେଇ ତଦନ୍ତ କରୁଥିବା ଜଣାପଡିଛି। ମୃତ ଶିଶୁଟିର ନାମ ରାଜୁ ମଲିକ (୧୦ ବର୍ଷ)। ପିତାଙ୍କ ନାମ ଜରଲା ମଲିକ ବୋଲି ଜଣାପଡିଛି। ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ପରିବାରକୁ କିଭଳି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଅର୍ଥ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ମିଳିବ ସେ ନେଇ ଜିଲ୍ଲାପାଳଙ୍କ ସହ କଥା ହେବେ ବୋଲି କହିଛନ୍ତି।

# କେନ୍ଦୁଝର ଜିଲ୍ଲାରେ 'ସହଯୋଗ' ଅଭିଯାନର ସଫଳତା ନେଇ ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ବ୍ୟକ୍ତିମାନଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବାବଦରେ ସଚେତନ କରିବା ସହ ଯୋଗ୍ୟତା ଭିତ୍ତିରେ ସେମାନଙ୍କୁ ସେହି ସବୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଆରମ୍ଭ ହେବାକୁ ଯାଉଥିବା "ସହଯୋଗ" ଅଭିଯାନକୁ ଜିଲ୍ଲାର ସମସ୍ତ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳରେ ସଫଳ ଭାବେ ପ୍ରଣୟନ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ବୈଠକ ଦରବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋ ଓ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଜିଲ୍ଲାର ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ସରକାରଙ୍କ ଏହି ଅଭିନବ ପଦକ୍ଷେପର ଉଦ୍ଦେଶ୍ୟ ବାବଦରେ ବିଷଦ ଆଲୋଚନା କରିଥିଲେ। ସହରାଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରେଣୀୟ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁଁ ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବାରୁ ସେମାନଙ୍କୁ ଚିହ୍ନଟ କରି ବ୍ୟାପକ ସଚେତନା ମାଧ୍ୟମରେ ଆବଶ୍ୟକସ୍ଥଳେ ହିତାଧିକାରୀ ମାନଙ୍କୁ ସେମାନଙ୍କ ଘରେ ସୁବିଧା ପହଞ୍ଚାଇବା ନିମନ୍ତେ ବ୍ୟବସ୍ଥା କରିବାକୁ ଆଲୋଚନା କରାଯାଇଥିଲା। ସହରାଞ୍ଚଳରେ ବିଶେଷ ଭାବେ ପ୍ରଚଳିତ ସରକାରଙ୍କ ମୁଖ୍ୟ ୧୩ ଗୋଟି ସୁବିଧା ତଥା ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା, ଇ-ଶ୍ରମ ପୋର୍ଟାଲ୍‌ରେ ପଞ୍ଜୀକରଣ, ପିଏମ୍ ବିଶ୍ୱକର୍ମା, ଆୟୁଷ୍ମାନ ଭାରତ, ଶ୍ରମିକ କାର୍ଡ, ଦିବ୍ୟାଙ୍ଗ ପ୍ରମାଣପତ୍ର, ସୁଭଦ୍ରା, ଖାଦ୍ୟ ନିରାପତ୍ତା, ପିଏମ ସୁରକ୍ଷା, ଗାରିମା ଓ ଉଜ୍ଜ୍ୱଳାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତିଙ୍କୁ ଯୋଡ଼ି ଗରିବ ଶ୍ରେଣୀ ଲୋକଙ୍କ ଜୀବନଧାରଣାର ମାନରେ ଉନ୍ନତି ଆଣିବା ନିମନ୍ତେ ବୈଠକରେ ଜୋର୍ ଦିଆଯାଇଥିଲା। ସୂଚନାଯୋଗ୍ୟ ଏହି ସହଯୋଗ ଅଭିଯାନ ଆସନ୍ତା ମେ ପହିଲା ଠାରୁ ପରୀକ୍ଷାମୂଳକ ଭାବେ ରାଜ୍ୟର ୧୩ ଗୋଟି ଜିଲ୍ଲାରେ ଆରମ୍ଭ କରାଯିବ।

# ବାଇକ୍ ଧକ୍କାରେ ଗୁରୁତରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଦନ୍ତାପାଲି ଛକ ନିକଟରେ ବାଇକ୍ ଧକ୍କାରେ ଗୁରୁତର ଆହତ ପଥଚାରୀଙ୍କ ବୁର୍ଲା ବିକାଶ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଶନିବାର ରାତି ୮ଟା ସମୟରେ ଜାତୀୟ ରାଜପଥ ନଂ ୫୭ର ଦନ୍ତାପାଲି ଛକ ନିକଟରେ ଏକ ବାଇକ୍ ଧକ୍କାରେ ଦନ୍ତାପାଲି ଗ୍ରାମର ପବିତ୍ର କର୍ମୀ ଚାଲି ଚାଲି ଆସୁଥିବା ବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ପବିତ୍ର ଗୁରୁତର ଆହତ ହୋଇଥିଲେ। ବାଉଁଶୁଣୀ ଅଗ୍ନିଶମ ବାହିନୀ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସୋନପୁର ଡାକ୍ତରଖାନା ଓ ପରେ ସେଠାରୁ ବୁର୍ଲା ବିକାଶ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି।

# ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମର୍ଯ୍ୟାକୁଦକୁ ଯାଇ ଇରିଗେସନ୍ ପ୍ରୋଜେକ୍ଟ ପାଇଁ ପ୍ରସ୍ତାବିତ ସ୍ଥାନକୁ ଅନୁଧ୍ୟାନ କରିଥିଲେ। ପରେ ପରେ ହରଭଙ୍ଗା ବ୍ଲକ ଖଣ୍ଡି କୁଡାସିଂଘାକୁ ଯାଇ ସେଠାରେ ମଧ୍ୟ ଇରିଗେସନ୍ ପ୍ରୋଜେକ୍ଟ ବୁଲି ଦେଖିଥିଲେ। ସେଠାରେ ଗାଁ ଲୋକଙ୍କ ଅଭିଯୋଗ ଶୁଣି ତୁରନ୍ତ ତାର ସମାଧାନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଖଣ୍ଡିଧଳପୁରରେ ମଧ୍ୟ



ଜଳସେଚନ ପାଇଁ ପ୍ରୋଜେକ୍ଟ ବୁଲି ଦେଖିଥିଲେ। ପରେ ପରେ ହରେକୃଷ୍ଣପୁର ଠାରେ ଗୋପବନ୍ଧୁ ସ୍କୁଲ୍‌ର ହଷ୍ଟେଲର ସ୍ଥିତି ଅନୁଧ୍ୟାନ କରିଥିଲେ। ବିଭିନ୍ନ ପ୍ରୋଜେକ୍ଟ ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ନିର୍ବାହୀ ଯନ୍ତ୍ରୀ ନରେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାଣୀ ଚିକିତ୍ସା ଓ ଉତ୍ପାଦନ ବୃଦ୍ଧି ନେଇ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତିଭବନ ଠାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୫ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ପାଳନ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ପଟ୍ଟନାୟକଙ୍କ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଏଲଡିଏମ୍ ମନୋଜ କୁମାର ପ୍ରଧାନି, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ମାନସ ରଂଜନ ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ଏଡିଭିଓ ଡକ୍ଟର ମୃତ୍ୟୁଞ୍ଜୟ ମହାନ୍ତି, ଡକ୍ଟର ସ୍ମୃତିରଂଜନ ରାଉତ, ଡଃ. ନିର୍ମାଲ୍ୟ କୁମାର ପତି ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୨ ମାସ ଘାସ ଚାଷ ପାଇଁ ଏକର ପିଛା ୩୫ ହଜାର ଟଙ୍କା ସହାୟତା, ଘରେ ଘରେ ସବୁଜ ଗୋ ଖାଦ୍ୟ, ଦୁଧିଆଳି ଗାଈକୁ ଦୈନିକ ୧୦ ରୁ ୧୫ କେଜି ଘାସ ଖୁଆଇବା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୁଏ। କେନ୍ଦ୍ରାପଡା ଜିଲ୍ଲାରେ ମେଣ୍ଢିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ମେଣ୍ଢି ଥରକରେ ୩ଟି ଛୁଆ ଦେବାର ଶକ୍ତି ରଖନ୍ତି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାକାଳପଡାର ଯଶୀପୁର ଗ୍ରାମର ଭ୍ରମଦିଆ ବାରିକଙ୍କୁ ଛେଳି ଚାଷ ଦୁହୁରିଆ କଷୋଟି ଗ୍ରାମର ସସ୍ମିତା ନାଥ ଶର୍ମାଙ୍କୁ ଗୋପାଳନ ପାଇଁ ମାର୍ଶାଘାଇ ହଟିଆର ସତ୍ୟଜିତ ବେହେରାଙ୍କୁ ବ୍ରଏଲର ଚାଷ ପାଇଁ ସମ୍ମାନୀତ କରାଯାଇଛି। ଏଥିସହିତ ଜିଲ୍ଲାର ଦୁଇଜଣ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ (ଏସ୍‌ଡିଭିଓ), ବିବେକାନନ୍ଦ ସାହୁ (ଏଡିଭିଓ)ଙ୍କୁ ସମ୍ମାନୀତ କରାଯାଇଛି। କାର୍ଯ୍ୟକ୍ରମରେ ଡକ୍ଟର ପ୍ରଭଞ୍ଜନ ରଞ୍ଜନ କବି ଧନ୍ୟବାଦ ଅର୍ପଣ କରିଥିବାବେଳେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ନିରୀକ୍ଷକ ଉପସ୍ଥିତ ଥିଲେ।

# ଆଦିତ୍ୟ ଆଲୁମିନା ରିଫାଇନାରୀରେ ସ୍ଥାନୀୟ ମହିଳାଙ୍କୁ ନିଯୁକ୍ତି ନେଇ ପ୍ରଶିକ୍ଷଣ

**ଟିକିରି, ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଭୁକ୍ତ ବିକାଶ ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଦିତ୍ୟ ଆଲୁମିନା ରିଫାଇନାରୀ, କଂସାରୀଗୁଡା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଏକ ଏକ ସହଯୋଗୀ ସଂସ୍ଥା, ଏପ୍ରିଲ ୨୫ ତାରିଖରେ ଫୁଲଜୋବା ଠାରେ ଏହାର ପ୍ରଥମ ବ୍ୟାଚ୍‌ର ଆପାରେଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। କଂସାରୀଗୁଡା ଗ୍ରାମରେ ରିଫାଇନାରୀ ଓ ପାୱାର ପ୍ଲାଣ୍ଟ ସହିତ ସ୍ଥାପିତ ହେଉଥିବା ଆପାରେଲ ୟୁନିଟ୍‌ର ଉଦ୍ଦେଶ୍ୟ ହେଉଛି ଆଖପାଖ ଅଞ୍ଚଳର ମହିଳା ଓ ବାଳିକାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ଏହି ପଦକ୍ଷେପ ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦୦ରୁ ଅଧିକ ମହିଳାଙ୍କ ନିଯୁକ୍ତି ସୃଷ୍ଟି କରିବ ଯାହା ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଆଦିତ୍ୟ ଆଲୁମିନା ରିଫାଇନେରୀର ୟୁନିଟ୍ ମୁଖ୍ୟ ତଥା ପ୍ରେସିଡେଣ୍ଟ ମଜହର ବେଗ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଓ ତାଙ୍କ ସହ ସରପଞ୍ଚ ନକଟିଗୁଡା, ସରପଞ୍ଚ ବାଙ୍କାମ୍, ସରପଞ୍ଚ ପୋଡ଼ାପାଡ଼ି, ସରପଞ୍ଚ ଓଡ଼ିଆପେଣ୍ଠ, ଆର୍.ପି.ଡି.ଏସି ସଦସ୍ୟ, କମ୍ୟୁନିଟି ଲିଡର ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ଆଖପାଖ ଗ୍ରାମର ୧୦୦ରୁ ଅଧିକ ମହିଳା ଓ ବାଳିକାଙ୍କୁ ନେଇ ଲିଖିତ ପରୀକ୍ଷା, ଦକ୍ଷତା ମୂଲ୍ୟାୟନ ଓ କାଉନ୍‌ସେଲିଂ ଅଧିବେଶନ ସମେତ ଏକ ଗଠନମୂଳକ ପ୍ରକ୍ରିୟା ମାଧ୍ୟମରେ ଯାତ୍ରା କରାଯାଇଛି। ଏହି ପ୍ରଶିକ୍ଷଣର୍ଥୀମାନେ ଭୁବନେଶ୍ୱର ଓ ନୂଆଦିଲ୍ଲୀ ସ୍ଥିତ ଆଦିତ୍ୟ ବିର୍ଲା ଫ୍ୟାସନ୍ ଆଣ୍ଡ ରିଟେଲ୍ ଲିମିଟେଡ୍ (ଏ.ବି.ଏଫ୍.ଆର୍. ଏଲ୍) ୟୁନିଟ୍‌ରେ ୮ ମାସର ପ୍ରଶିକ୍ଷଣ ନେବେ। ସଫଳ ହେବା ପରେ ସେମାନେ ମାଷ୍ଟର ଟ୍ରେନର, ସୁପରଭାଇଜର, ଲ୍ୟାବ ଟେକ୍ନିସିଆନ୍, ଅପରେଟର ଭାବେ ନିଜର ଯୋଗ୍ୟତା ଓ ଦକ୍ଷତା ଆଧାରରେ କାର୍ଯ୍ୟ କରିବେ। ଏହି ଆପାରେଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ ଏବଂ ପ୍ରଥମ ବ୍ୟାଚ୍‌ର ମହିଳାଙ୍କୁ ଅନବୋର୍ଡିଂ କରିବା ଆମର ଗୋଷ୍ଠୀ ବିକାଶ ପ୍ରୟାସ ପାଇଁ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତ ବୋଲି ମଜହର ବେଗ କହିଛନ୍ତି। ମହିଳାମାନଙ୍କୁ ବ୍ୟବହାରିକ ଦକ୍ଷତା ଏବଂ ବାସ୍ତବ ଦୁନିଆର ଶିକ୍ଷର ପ୍ରଦର୍ଶନରେ ସଜ୍ଜିତ କରି ଆମେ କେବଳ ନିଯୁକ୍ତି ସୁଯୋଗ ସୃଷ୍ଟି କରୁନାହୁଁ ବରଂ ସେମାନଙ୍କୁ ଏକ ସମ୍ମାନଜନକ ଏବଂ ସ୍ୱାଧୀନ ଭବିଷ୍ୟତ ଦିଗରେ ସଶକ୍ତ କରୁଛୁ ବୋଲି ଶ୍ରୀ ବେଗ୍ କହିଛନ୍ତି।

# ଆତଙ୍କବାଦୀ ଆକ୍ରମଣକୁ ହାତରେ କଳା ପଟି ବାନ୍ଧି ମୁସ୍‌ଲିମ୍‌ଙ୍କ ବିରୋଧ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜମ୍ମୁ କାଶ୍ମୀର ପହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁକୁ ନେଇ ସମଗ୍ର ଦେଶ ସ୍ତବ୍ଧ ହୋଇଯାଇଥିବା ବେଳେ ଏନେଇ ସାରା ବିଶ୍ୱରେ ପ୍ରତିବାଦ ଓ ନିନ୍ଦାର ସ୍ୱର ଉଠୁଥିବା ଦେଖିବାକୁ ମିଳିଥିବାବେଳେ ଏଥିରେ ସାମିଲ ହୋଇଛି ବୌଦ୍ଧ ଜିଲ୍ଲାର ମୁସଲ୍‌ମାନ୍ ସମ୍ପ୍ରଦାୟ। ବୌଦ୍ଧ ଜିଲ୍ଲାରେ ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ସଭାପତି ଅବ୍‌ଦୁଲ୍ କଲିମ୍ ଖାନ୍‌ଙ୍କ ନେତୃତ୍ୱରେ ଶତାଧିକ ମୁସ୍‌ଲିମ୍ ବାସିନ୍ଦା ଯୋଗଦେଇ ସ୍ଥାନୀୟ ମେଡିକାଲ୍ ଛକ ଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାରି ସ୍ଥାନୀୟ ବାଘ ଗୁମ୍ଫା ଛକ ଦେଇ ଗାନ୍ଧୀ ଛକରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପୁଣି ଶୋଭାଯାତ୍ରା ଗାନ୍ଧୀ ଛକ ଠାରୁ ବାହାରି, ଗୋପବନ୍ଧୁ ଛକ, ମାର୍କେଟ୍ ରୋଡ, ମୁସ୍‌ଲିମ୍ ପଡ଼ା, ପୁରୁଣା ବ୍ଲକ ଛକ ଦେଇ ପୁଣି ମେଡିକାଲ୍ ଛକରେ ପହଞ୍ଚି ସେଠାରେ ଏହି



ଶୋଭାଯାତ୍ରା ସମାପ୍ତ ହୋଇଥିଲା। ଭାରତର କୋଣ ଅନୁକୋଣରେ ଜାତି ଧର୍ମ ବର୍ଣ୍ଣ ଓ ରାଜନୀତି ନିର୍ବିଶେଷରେ ଏହି ନୃଶଂସତା ଏବଂ ପାକିସ୍ତାନ ଆତଙ୍କିତ ନିରୀହ ପର୍ଯ୍ୟଟକଙ୍କୁ ଆକ୍ରମଣ କରି ହତ୍ୟା କରିବାକୁ ଦୃଢ଼ ନିନ୍ଦା କରାଯିବା ସହ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ତେବେ ବୌଦ୍ଧରେ ଏକ ନିଆରା ଭାବେ ଏହି ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଛି। ବୌଦ୍ଧ ଜିଲ୍ଲାର ମୁସଲ୍‌ମାନ୍ ସଂପ୍ରଦାୟ ପକ୍ଷରୁ ଏହି ଘଟଣାକୁ ନେଇ ଆବାଳ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ନିଜ ହାତରେ କଳା କପଡ଼ା ବାନ୍ଧି ପ୍ରତିବାଦ ଓ ନିନ୍ଦା କରିଛନ୍ତି। ମୃତ ସମସ୍ତ ପରିବାରଙ୍କୁ ସମବେଦନା ଜଣେଇବା ସହ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ଶାନ୍ତି ପ୍ରାର୍ଥନା କରାଯାଇଛି। ବୌଦ୍ଧର ମୁସ୍‌ଲିମ୍ ସମ୍ପ୍ରଦାୟ ସବୁବେଳେ ଭାରତ ସହିତ ରହିଛି ଏବଂ ଭାରତୀୟ ସେନା ଏବଂ ସରକାର ଉପରେ ସମ୍ପୂର୍ଣ୍ଣ ଭରସା ରହିଛି ଏବଂ ଭାରତ ଯଥାଶୀଘ୍ର ଏହାର ବଦ୍‌ଲା ନେବା ସହିତ ମୃତକଙ୍କ ପ୍ରତି ନ୍ୟାୟ କରିବାକୁ ଦାବି କରାଯାଇଛି।

# ମନରେଗା ମହାଦୁର୍ନୀତି:ଆଳୁ ଖୋଳୁ ଖୋଳୁ ବାହାରିଲେ ମହାଦେବ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଜାଲୋଏ ଗ୍ରାମପଞ୍ଚାୟତ ଅନ୍ତର୍ଗତ କ୍ଷୀରପୁର ମନରେଗା ମହାଦୁର୍ନୀତି ଆଳୁ ଖୋଳୁ ଖୋଳୁ ବାହାରିଲେ ମହାଦେବ। ବହୁ ପ୍ରତିକ୍ଷିତ କ୍ଷୀରପୁର ମନରେଗା ମହାଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପର୍ଯ୍ୟାୟରେ କ୍ଷୀରପୁର ପୋଖରୀ ଖନନ ବାବଦକୁ ପାଖାପାଖି ୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। କିନ୍ତୁ ବଡ଼ ଦୁଃଖର ବିଷୟ ହିଡ଼ ପାର୍ଶ୍ୱ ଅଳ୍ପ ପରିମାଣର ମାଟି ଜେସିବି ସାହାଯ୍ୟରେ ଖନନ କରି ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥକୁ ଉଦ୍ଦେଶ୍ୟମୂଳକ ଭାବରେ ହରିଲୁଟ୍ କରାଯାଉଛି। ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ସୂଚନା ଫଳକ ଲଗେଇ ସରକାରୀ ଅର୍ଥ ହଡପ୍ କରାଯାଉଛି। ଏଥିରେ ସ୍ଥାନୀୟ ଠିକାଦାର ଓ ଯନ୍ତ୍ରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ସମ୍ପର୍କ ଯୋଗୁ ଜାଣି ଶୁଣି ଉଦ୍ଦେଶ୍ୟମୂଳକ ଭାବରେ କୋଟି କୋଟି ସରକାରୀ ଟଙ୍କା ହରିଲୁଟ୍ କରାଯାଇଛି। ଯାହାଫଳରେ ସ୍ଥାନୀୟ ୱାର୍ଡ ସଭ୍ୟ ଦେବରାଜ ମାଝୀ, ରବି ବଘାର ଓ ରବି ଭୋଇଙ୍କ ଅଭିଯୋଗକ୍ରମେ ଉଲୁଣ୍ଡା ତହସିଲଦାର ମମତା ମେହେର, ଜାଲୋଏ ରାଜସ୍ୱ ନିରୀକ୍ଷକ ସଦଳବଳେ ସରଜମିନ୍ ତଦନ୍ତରେ ଆସିଥିଲେ। ଏପରିକି ସରଜମିନ୍ ତଦନ୍ତ କରୁ କରୁ ଜାଣିବାକୁ ପାଇଲେ ଯେ, କ୍ଷୀରପୁର ଗ୍ରାମର କେତେକ ବ୍ୟକ୍ତି ସରକାରୀ ଗୋଚର ଜମିକୁ ଜବରଦଖଲ୍ କରି ନିଜ ନିଜ କବ୍‌ଜାରେ ରଖିଛନ୍ତି। ଖେଳପଡ଼ିଆ ଉନ୍ନତିକରଣ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରି ସେହି ଟଙ୍କାରେ ସରକାରୀ ଜମିକୁ ଜବରଦଖଲ କରି ବ୍ୟକ୍ତିଗତ ଚାଷ ଜମିରେ ପରିଣତ କରିଛନ୍ତି ଏବଂ ଜମି ଚାରିପଟେ ସରକାରୀ ଅର୍ଥରେ ଗର୍ତ୍ତ ଖୋଳି ନିଜ କବ୍‌ଜାରେ ରଖିଛନ୍ତି। ଏପରିକି ପ୍ରକୃତ ଭାବରେ ଗ୍ରାମ ଖେଳ ପଡିଆ ଭାବରେ ଉଦ୍ଦିଷ୍ଟ ଗୋଚର ଜମିକୁ ଆମ୍ବ ବଗିଚା କରି ନିଜ କବ୍‌ଜାରେ ରଖିଛନ୍ତି। ତେଣୁ ସ୍ଥାନୀୟ ୱାର୍ଡ ସଭ୍ୟ ଦେବରାଜ ମାଝୀ ଏହାର ଉଚ୍ଚ ସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଯାଉ ନଚେତ ଗ୍ରାମବାସୀ ମିଳିତ ଭାବରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଚାଷୀଙ୍କ ଧାନବିକ୍ରି ପ୍ରାପ୍ୟ ନମିଳିବା ଘଟଣା

# କଂଗ୍ରେସର ଲ୍ୟାମ୍ପ୍ସ ଘେରାଉ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟ ପ୍ରଦାନ ଦାବିରେ କଂଗ୍ରେସ ପକ୍ଷରୁ ରାଇଘର ଲ୍ୟାମ୍ପ୍ସ ଘେରାଉ ସତ୍ତ୍ୱେ ଧାନବିକ୍ରି ବାବଦ ସମସ୍ତ ତଥ୍ୟ ଚାଷୀଙ୍କୁ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କେଉଁ ମିଲରଙ୍କୁ ଧାନ ଦିଆଯାଇଛି, ସେଥିରୁ କେତେଜଣ ଚାଷୀଙ୍କ ଟ୍ରାଞ୍ଜିଟ୍ ପାସ୍ ହୋଇଛି ଏବଂ ବଳକା କେତେଜଣ ଚାଷୀଙ୍କ ହୋଇନି, ସେସବୁ ତଥ୍ୟ ୨୪ ତାରିଖ ଅର୍ଥାତ୍ ଗୁରୁବାର ଦିନ ଚାଷୀଙ୍କୁ ଦେବେ ବୋଲି ଲ୍ୟାମ୍ପ୍ସ ଏମ୍‌ଡ଼ି ଶ୍ରୀ ରାଉତ କହିଥିଲେ। ଅଥଚ ଦୁଇଦିନ ହେଲା ମଣ୍ଡିରେ ୩୪୪ ଜଣ ଚାଷୀ ଲ୍ୟାମ୍ପ୍ସ ଗତ ଫେବୃୟାରୀ ୨୨ ତାରିଖରେ ୧୪ ହଜାର ୨୦୦ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଅଥଚ ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ଧାନବିକ୍ରି ଟଙ୍କା ମିଳିନଥିବାରୁ କଂଗ୍ରେସ ପକ୍ଷରୁ ଦୁଇ ଦୁଇଥର ଲ୍ୟାମ୍ପ୍ସ ଘେରାଉ କରାଯାଇଥିଲା। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକଙ୍କୁ ପଚାରିବାରୁ କହିଛନ୍ତି, ୩୪୪ ଜଣ ଚାଷୀ ନୁହନ୍ତି। ୩୪୪ ଟୋକନ୍‌ରେ ୯୪ ଜଣ ଚାଷୀ ୧୪ ହଜାର ୨୦୦ କୁଇଣ୍ଟାଲ ଧାନ ଦୁଇଦିନ ହେଲା ଚାଷୀମାନେ ବାରମ୍ବାର ଏମ୍‌ଡି ଶ୍ରୀ ରାଉତଙ୍କ ଦେଖା ମିଳୁନି ଲ୍ୟାମ୍ପସକୁ ଯାଇ ଲ୍ୟାମ୍ପ୍ସ ଏମ୍‌ଡିଙ୍କୁ ନପାଇ ନିରାଶ ହୋଇ ଫେରୁଥିବା ଏମିତିକି ଲ୍ୟାମ୍ପ୍ସ କର୍ମଚାରୀ ମଧ୍ୟ କଂଗ୍ରେସ ନେତା ସନରାଜ ଗଣ୍ଡ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ସନରାଜ କହିଛନ୍ତି, ଦୁଇଦିନ ତଳେ ଅର୍ଥାତ୍ ଗତ ୨୩ ତାରିଖରେ ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟ ପ୍ରଦାନ ଦାବିରେ କଂଗ୍ରେସର ନେତୃତ୍ୱରେ ଶତାଧିକ ଚାଷୀ ଲ୍ୟାମ୍ପ୍ସ ଘେରାଉ କରିଥିଲେ। ଆନ୍ଦୋଳନ ସ୍ଥଳରେ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ମିଳନ କୁମାର ମାଝୀ ୭ ଦିନ ମଧ୍ୟରେ ଚାଷୀଙ୍କ ଟଙ୍କା ମିଳିଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଧାନବିକ୍ରି କରିଥିବା ଚାଷୀଙ୍କ ତାଲିକା, ନପାଇ ଚାଷୀମାନେ ନିରାଶ ହୋଇଛନ୍ତି। କିନ୍ତୁ ଧାନ ସଂଗ୍ରହ କରିବା ମେଡିକାଲ୍ ଛୁଟିରେ ଯାଇଛନ୍ତି। ତଥ୍ୟ ଆଣିବା ଲାଗି ଚାଷୀମାନେ ଲ୍ୟାମ୍ପ୍ସକୁ ବାରମ୍ବାର ଯାଉଛନ୍ତି। ଏମ୍‌ଡିଙ୍କୁ ନପାଇ ଶେଷରେ ସେମାନେ ନିରାଶ ହୋଇ ଫେରୁଛନ୍ତି। ଏମିତିକି ଶ୍ରୀ ରାଉତଙ୍କ ମୋବାଇଲ୍ ମଧ୍ୟ ସୁଇଚ୍ ଅଫ୍ ରହିଛି। ଟାର୍ଗେଟ୍ ଥିବା ମିଲରଙ୍କୁ ଚାଷୀଙ୍କ ଧାନ ନଦେଇ ଟାର୍ଗେଟ୍ ନଥିବା ମିଲରଙ୍କୁ ଧାନ ଦେଇଥିଲେ। ଗର୍ଗେଟ୍ ନଥିବାରୁ ଚାଷୀଙ୍କୁ ଟ୍ରାନ୍‌ଜିଟ୍ ପାସ୍ମ ନଥିଲା। ଟାର୍ଗେଟ୍ ପୂରଣ କରିନଥିବା ଅନେକ ମିଲର୍ ଥିବା ସତ୍ତ୍ୱେ ଟାର୍ଗେଟ୍ ନଥିବା ମିଲରଙ୍କୁ ଧାନ ଦିଆଯାଇଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଚାଷୀଙ୍କ ଧାନ ଟଙ୍କା ପ୍ରଦାନ କରିବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ପଡ୍‌କାଷ୍ଟରୁ ଆଇପିଏଲ୍-୨୦୨୫ ଭିଡିଓ ହଟିଲା



**ସିଡ୍‌ନୀ**

ବିସିସିଆଇ ପକ୍ଷରୁ ଏକ ବିନମ୍ର ଭାବେ ଆଇନଗତ ଚିଠି ଜାରି କରାଯିବା ପରେ ଏକ ଜଣାଶୁଣା ଅଷ୍ଟ୍ରେଲିଆନ ପଡ୍‌କାଷ୍ଟର ସୋସିଆଲ ମିଡିଆ ଆକାଉଣ୍ଟରୁ ଚଳିତ ଆଇପିଏଲ୍‌ର ପ୍ରତ୍ୟେକ ଭିଡିଓକୁ ବାଦ୍ ଦିଆଯାଇଛି। 'ଦି ବିଗ୍ ଆଇପିଏଲ ବ୍ରେକଫାଷ୍ଟ' ପଡ୍‌କାଷ୍ଟର ହୋଷ୍ଟ ସାମ ପେରୀ ଓ ଇଆନ ହିଗିନ୍ସଙ୍କୁ ବିସିସିଆଇ ଓ ଆଇପିଏଲ ପକ୍ଷରୁ ଆଇନଗତ ଚିଠି ପଠାଯାଇଥିଲା।

ଆପଣ ଦେଖିପାରିବେ ଯେ, ଚଳିତ ବର୍ଷ ଆଇପିଏଲ୍‌ର ପ୍ରତ୍ୟେକ ଭିଡିଓକୁ ଆମ ୟୁଟ୍ୟୁବ, ୟୁଟ୍ୟୁବ ଶର୍ଟସ, ଫେସବୁକ, ଇନଷ୍ଟାଗ୍ରାମ ଓ ଏକ୍ସ' ଆକାଉଣ୍ଟରୁ ହଟାଇ ଦିଆଯାଇଛି। ଏହି ଭିଡିଓର କଭରେଜ ଆମେ କରିଥିଲୁ ଏବଂ ଆମେ ସେହି ଭିଡିଓକୁ ହଟାଇ ଦେଇଛୁ। ଶନିବାର ସନ୍ଧ୍ୟାରେ ଚଳିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମ୍ପର୍କୀତ ଭିଡିଓ ହଟାଇବା ଲାଗି ଆମକୁ ଏକ ବିନର୍ମ ଆଇନଗତ ଚିଠି ମିଳିଥିଲା। ଏହି କାରଣରୁ ଆମେ ଭିଡିଓଗୁଡ଼ିକୁ ହଟାଇ ଦେଇଛୁ ବୋଲି ପେରୀ ସୋମବାର ପଡ୍‌କାଷ୍ଟରେ କହିଛନ୍ତି।

# ଏସିଆନ ଭଲିବଲ୍‌ରୁ ଓହରିଲା ଭାରତ

**ଲାହୋର**

ଏପ୍ରିଲ ୨୨ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଆସନ୍ତା ମାସରେ ଭାରତ ଓ ପାକିସ୍ତାନ ଇସ୍‌ଲାମାବାଦରେ ଖେଳାଯିବାକୁ ଥିବା ସେଣ୍ଟ୍ରାଲ ଏସିଆନ ଭଲିବଲ୍ ଟୁର୍ଣ୍ଣାମେଣ୍ଟରୁ ଭାରତ ଓହରି ଯାଇଛି। ପାକିସ୍ତାନ ଭଲିବଲ୍ ଫେଡେରେସନ (ପିଭିଏଫ୍) ତରଫରୁ ଏବିଷୟରେ ସୂଚନା ଦିଆଯାଇଛି। ପିଭିଏସ୍ ଅଫିସିଆଲ ଅବ୍‌ଦୁଲ ଆହଦ କହିଛନ୍ତି, ଜିନ୍ନା କମ୍ପ୍ଲେକ୍ସରେ ମେ' ୨୮ରୁ ଆରମ୍ଭ ହେବାକୁଥିବା ଏହି ଚାମ୍ପିୟନସିପ୍ ଲାଗି ଭାରତ ୨୨ଜଣ ଖେଳାଳି ସମେତ ୩୦ ଜଣିଆ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା।

ଭାରତୀୟ ଭଲିବଲ ଅଫିସିଆଲ ଖେଳର ଆଞ୍ଚଳିକ ପରିଷଦକୁ ସୂଚାଇ ଦେଇଛି ଯେ, ସରକାର ସେମାନଙ୍କୁ ଯେଉଁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଦେଇଥିଲେ ପହଲଗାମ୍ ଘଟଣା ପରେ ତାହାକୁ ବାତିଲ କରିଦେଇଛନ୍ତି।

# ଗୁଜୁରାଟଙ୍କୁ ହରାଇ ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରଖିଲା ରାଜସ୍ଥାନ



**ଜୟପୁର**

ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମରେ ଗୁଜରାଟ ଟସ୍ ହାରିବା ପରେ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲେ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ। ପୂର୍ବ ଭଳି ଦୁଇ ଓପନର ଟାଇଟନ୍ସଙ୍କୁ ଭଲ ଷ୍ଟାର୍ଟ ଦେଇଥିଲେ। ସୁଦର୍ଶନ ୩୦ ବଲରେ ୩୯ ରନ୍ କରି ଆଉଟ୍ ହୋଇଥିଲେ। ପୁନର୍ବାର ସେ ଅରେଞ୍ଜ କ୍ୟାପ୍‌କୁ ନିଜ ପାଖରେ ରଖିଛନ୍ତି। ପ୍ରଥମ ୱିକେଟରେ ଗିଲଙ୍କ ସହ ୯୩ ରନ୍‌ର ଭାଗିଦାରୀ କରିଥିଲେ। ଏହା ପରେ ଅଧିନାୟକ ଶୁବମନ ଗିଲ୍ ୫୦ ବଲ୍‌ରେ ପାଞ୍ଚ ଚୌକା ଓ ଚାରି ଛକା ସହାୟତାରେ ୮୪ ରନ୍ କରିଥିଲେ। ଏହା ପରେ, ପରେ ୱାଶିଂଟନ ସୁନ୍ଦର ୧୩ ଓ ରାହୁଲ ତେୱତିଆ ୯ ରନ୍ କରି ପାଭିଲିୟନକୁ ଫେରିଥିଲେ। ହେଲେ ଜୋଶ୍ ବଟଲର ଶେଷ ପର୍ଯ୍ୟନ୍ତ ରହିଥିଲେ। ସେ ଅପରାଜିତ ରହି ମାତ୍ର ୨୬ ବଲରେ ୫୦ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଫଳରେ ଦଳ ରାଜସ୍ଥାନ ରୟାଲ୍ସଙ୍କୁ ୨୦୯ ରନ୍‌ର ବିଶାଳ ସ୍କୋର କରିପାରିଥିଲା।

ରାଜସ୍ଥାନ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ଐତିହାସିକ ବିସ୍ଫୋରକ ଶତକ ହାସଲ କରିଥିଲେ। ୧୪ ବର୍ଷୀୟ ଏହି ବ୍ୟାଟରଙ୍କ ଧୂଆଁଧାର ବ୍ୟାଟିଂରେ ଫିକା ପଡ଼ିଲା ଗୁଜରାଟ ଟାଇଟନ୍ସର ୨୦୯ର ବିଶାଳ ସ୍କୋର। ଆଇପିଏଲ୍ ୨୦୨୫ର ୪୭ତମ ମ୍ୟାଚ୍‌ରେ ରାଜସ୍ଥାନ ୮ ୱିକେଟ୍‌ରେ ଗୁଜରାଟ ଟାଇଟନ୍ସକୁ ହରାଇ ଏକତରଫା ବିଜୟ ହାସଲ କରିଛି। ମାତ୍ର ୩୮ ବଲରୁ ୧୦୧ ରନର ଶତକୀୟ ଇନିଂସ ଖେଳି ଦଳକୁ ଜିତାଇଛନ୍ତି ବୈଭବ ସୂର୍ଯ୍ୟବଂଶୀ। ବିଜୟ ସହ ରାଜସ୍ଥାନର ପ୍ଲେ ଅଫ୍ ଆଶା ଉଜ୍ଜିବୀତ ରହିଛି। ଗୁଜରାଟ ନବମ ମ୍ୟାଚ୍‌ରୁ ତୃତୀୟ ପରାଜୟ ଭୋଗିଛି। ରାଜସ୍ଥାନ ମାତ୍ର ୧୫.୫ ଓଭରରେ ୨ ୱିକେଟ୍ ହରାଇ ମ୍ୟାଚ୍‌କୁ ଜିତି ନେଇଥିଲା। ବୈଭବଙ୍କ ଶତକ ବ୍ୟତୀତ ଯଶସ୍ୱୀ ଜୟସ୍ୱାଲ ୭୦ ରନର ଅପରାଜିତ ଇନିଂସ ଖେଳିଥିଲେ।

# ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେଲେ ରବିଚନ୍ଦ୍ରନ ଅଶ୍ୱିନ



**ନୂଆଦିଲ୍ଲୀ**

ଅବସରପ୍ରାପ୍ତ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସୋମବାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବତନ ଭାରତୀୟ କ୍ରିକେଟର ଏହି ସମ୍ମାନଜନକ ପୁରସ୍କାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ତାଙ୍କ ବାସଭବନରେ ଗ୍ରହଣ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଭବନରେ ଅଶ୍ୱିନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ପାଇବା ପାଇଁ ଅଶ୍ୱିନଙ୍କୁ ଅଭିନନ୍ଦନ ବୋଲି ବିସିସିଆଇ ପକ୍ଷରୁ ଟ୍ୱିଟ୍ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଅବସର ଘୋଷଣା କରିଥିବା ଅଶ୍ୱିନ ସର୍ବାଧିକ ଟେଷ୍ଟ ଉଇକେଟ ନେଇଥିବା ଭାରତୀୟ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦୬ ଟେଷ୍ଟ ଖେଳିଥିବା ଅଶ୍ୱିନଙ୍କ ନାମରେ ୫୩୭ ଟେଷ୍ଟ ଉଇକେଟ ରହିଛି। ୩୮ ବର୍ଷୀୟ କ୍ରିକେଟର ଭାରତ ପାଇଁ ୧୧୬ ଦିନିକିଆ ଖେଳି ୧୫୬ ଉଇକେଟ ନେଇଥିବା ବେଳେ ୬୫ ଟି୨୦ ମ୍ୟାଚ୍‌ରେ ୭୨ ଉଇକେଟ ନେଇଛନ୍ତି।

# ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସସ୍‌ପେଣ୍ଡ ହେଲା ମ୍ୟାଚ୍



**ମାଡ୍ରିଡ୍**

ସ୍ପେନ୍ ଓ ପର୍ତ୍ତୁଗାଲ୍‌ରେ ଏକ ବଡ଼ ଧରଣର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସୋମବାର ମାଡ୍ରିଡ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଖେଳକୁ ସସ୍‌ପେଣ୍ଡ କରାଯାଇଛି। ସ୍ଥାନୀୟ ସମୟ ୧୨ଟା ୩୪ ମିନିଟ ସମୟରେ ଦୁଇଟି ସିଙ୍ଗଲ୍ସ ଓ ଗୋଟିଏ ଡବଲ୍ସ ମ୍ୟାଚ୍ ଖେଳାଯାଉଥିବା ବେଳେ ବିଦ୍ୟୁତ ଲାଇନ୍ ଚାଲିଯାଇଥିଲା। ଫଳରେ ମାନୋଲୋ ସାନ୍ତାନା ଷ୍ଟାଡିୟମ କୋର୍ଟ ଭିତରେ ଲାଗିଥିବା ସ୍ପାଇଡର କ୍ୟାମେରା ଓ କଲିଂ ସିଷ୍ଟମ୍ ଅଚଳ ହୋଇପଡ଼ିଥିଲା। ସେତେବେଳେ ମୁଖ୍ୟ ଷ୍ଟାଡିୟମରେ ଖେଳାଯାଉଥିବା ଜାକବ ଫିଅର୍ନଲିଙ୍କ ବିପକ୍ଷ ଏକ ମ୍ୟାଚରେ ଗ୍ରିଗୋର ଦିମିତ୍ରି ୬-୪, ୫-୪ରେ ଆଗୁଆ ରହିଥିଲେ। ସୋମବାର ମହିଳା ମ୍ୟାଚ ମଧ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା।

# ରିଷଭ ପନ୍ତଙ୍କ ଉପରେ ବିସିସିଆଇ ଲଗାଇଲା ୨୪ ଲକ୍ଷ ଟଙ୍କାର ଜରିମାନା

**ନୂଆଦିଲ୍ଲୀ**

ୱାଙ୍ଖଡେ ଷ୍ଟାଡିୟମରେ ଲକ୍ଷ୍ମୌ ସୁପରଜାଏଣ୍ଟ୍ସ ମୁମ୍ବାଇ ଇଣ୍ଡିଆନ୍ସଠାରୁ ୫୪ ରନରେ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ପରେ ଲକ୍ଷ୍ମୌର ଅଧିନାୟକ ରିଷଭ ପନ୍ତଙ୍କୁ ଆଉ ଏକ ଝଟ୍‌କା ଲାଗିଛି। ବିସିସିଆଇ ପନ୍ତଙ୍କ ଉପରେ ୨୪ ଲକ୍ଷ ଟଙ୍କାର ଜରିମାନା ଲଗାଇଛି। ସ୍ଲୋ ଓଭର ରେଟ୍ ଯୋଗୁଁ ଲକ୍ଷ୍ମୌ ଦଳ ଉପରେ ଏହି ଜରିମାନା ଲାଗୁ କରାଯାଇଥିଲା, ଯାହା ଏହି ସିଜନରେ ତାଙ୍କ ଦଳ ଦ୍ୱାରା ଦ୍ୱିତୀୟ ଉଲ୍ଲଂଘନ ଥିଲା। ତାଙ୍କ ଦଳକୁ ୬ ଲକ୍ଷ ଟଙ୍କା କିମ୍ବା ମ୍ୟାଚ ଫି'ର ୨୫ ପ୍ରତିଶତ ଦେବାକୁ ପଡ଼ିବ। ପ୍ରକୃତରେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିଆଇ) ରବିବାର ଲକ୍ଷ୍ମୌ ସୁପରଜାଏଣ୍ଟସ ଅଧିନାୟକ ରିଷଭ ପନ୍ତଙ୍କୁ ସ୍ଲୋ ଓଭର ରେଟ ପାଇଁ ୨୪ ଲକ୍ଷ ଟଙ୍କା ଜରିମାନା କରିଛି।



ୱାଙ୍ଖଡ଼େରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ମୌ ୫୪ ରନରେ ଶୋଚନୀୟ ପରାଜୟ ବରଣ କରିଥିଲା। ଏହି ମ୍ୟାଚ ପରେ, ଲକ୍ଷ୍ମୌ ଦଳ ୧୦ଟି ମ୍ୟାଚରୁ ପାଞ୍ଚଟିରେ ବିଜୟୀ ହୋଇ -୦.୩୨୫ ନେଟ ରନ ରେଟ ସହିତ ପଏଣ୍ଟ ଟେବୁଲରେ ଷଷ୍ଠ ସ୍ଥାନରେ ରହିଛି।

ମୁମ୍ବାଇ ବିପକ୍ଷ ପରାଜୟ ପରେ, ଆଇପିଏଲ ପନ୍ତଙ୍କ ଉପରେ ଜରିମାନା ସମ୍ପର୍କରେ ସୂଚନା ଦେଇ ଏକ ବିବୃତ୍ତି ଜାରି କରିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ସ୍ଲୋ ଓଭର ରେଟ୍ ଯୋଗୁ ଷ୍ଟାର ୱିକେଟକିପର ବ୍ୟାଟ୍‌ସମ୍ୟାନଙ୍କୁ ଦ୍ୱିତୀୟ ଥର ପାଇଁ ଜରିମାନା କରାଯାଇଛି। ସେହି ସମୟରେ, ତାଙ୍କ ଦଳକୁ ୬ ଲକ୍ଷ ଟଙ୍କା କିମ୍ବା ମ୍ୟାଚ ଫି'ର ୨୫ ପ୍ରତିଶତ ଦେବାକୁ ପଡ଼ିବ।

ଆଇପିଏଲ ଏହାର ବିବୃତ୍ତିରେ ଲେଖିଛି, ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ, ଏହା ତାଙ୍କ ଦଳର ସିଜନର ଦ୍ୱିତୀୟ ଅପରାଧ ହୋଇଥିବାରୁ, ପନ୍ତଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ପ୍ରଭାବଶାଳୀ ଖେଳାଳିଙ୍କ ସମେତ ବାକି ପ୍ଲେଇଂ ଏକାଦଶକୁ ୬ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ୍ ଫିର ୨୫ ପ୍ରତିଶତ, ଯାହା କମ୍ ହେବ, ଜରିମାନା କରାଯିବ।

# ପାକିସ୍ତାନ ସୁପର ଲିଗ୍‌ରେ ସାମିଲ ଥିବା ୨୩ ଭାରତୀୟ ସ୍ୱଦେଶ ଫେରିଲେ

**କରାଚୀ**



ପାକିସ୍ତାନ ସୁପର ଲିଗ (ପିଏସ୍‌ଏଲ୍)ର ପ୍ରଡକ୍‌ଶନ ଓ ବ୍ରଡ୍‌କାଷ୍ଟ ଦଳର ଅଂଶଥିବା ୨୩ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ପହଞ୍ଚାଇବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କ ଆହୁରି ଖରାପ ହୋଇଛି। ପାକିସ୍ତାନ ସରକାର ପାକିସ୍ତାନରେ ଥିବା ଭାରତୀୟଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏସ୍‌ଏଲ୍ ମ୍ୟାଚର ପ୍ରଡକ୍‌ଶନ ଓ ବ୍ରଡକାଷ୍ଟ ଲାଗି ପାକିସ୍ତାନରେ ଥିବା ୨୩ ଭାରତୀୟଙ୍କୁ ପଠାଇ ଦିଆଯାଇଥିବା ପିସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭାରତୀୟ କର୍ମଚାରୀମାନେ ଲାହୋରରୁ ୱାଘା ସୀମା ଦେଇ ସ୍ୱଦେଶ ଫେରିବେ ବୋଲି ଜଣେ ଅଧିକାରୀ କହିଛନ୍ତି। ପିଏସ୍‌ଏଲ୍ ମ୍ୟାଚ୍‌ର ପ୍ରଡ୍ୟୁସିଂ ଓ ବ୍ରଡ୍‌କାଷ୍ଟିଂ ଦାୟିତ୍ୱରେ ଥିବା କମ୍ପାନୀ ଭାରତୀୟ କ୍ୟାମେରାମ୍ୟାନ ଓ ଟେକ୍‌ନିସିଆନ୍ସଙ୍କୁ ନିଯୁକ୍ତ କରିଥିଲା। ଭାରତୀୟମାନେ ଫେରି ଯାଇଥିବାରୁ ସେମାନଙ୍କ ସ୍ଥାନରେ ବିଦେଶୀ ଓ ସ୍ଥାନୀୟ କ୍ୟାମେରାମ୍ୟାନ ଓ ଟେକ୍‌ନିସିଆନ୍ସଙ୍କୁ ନିଯୁକ୍ତ କରାଯାଇଛି।

# ଭାରତରେ ପାକିସ୍ତାନୀ ପ୍ରଚାର ଓ ପ୍ରସାର ବନ୍ଦ ପାଇଁ ବ୍ୟାନ୍ ହେଲା ୧୬ ୟୁଟ୍ୟୁବ୍ ଚ୍ୟାନେଲ୍

**ପେଶାୱାର**



ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, କଠୋର ହେଉଛି ଭାରତ। ପାକିସ୍ତାନ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଗୃହ ମନ୍ତ୍ରଣାଳୟର ସୁପାରିସ ପରେ ଏବେ ଭାରତ ସରକାର ପାକିସ୍ତାନର ଅନେକ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟାନ୍ କରିଛନ୍ତି। ଏହି ଚ୍ୟାନେଲଗୁଡ଼ିକରେ ଅଛି ପୂର୍ବତନ କ୍ରିକେଟର ସୋଏବ ଅଖତର ଏବଂ ଆରଜୁ କାଜ୍‌ମୀ ଭଳି ଅନେକ ବଡ଼ ୟୁଟ୍ୟୁବ୍ ଚ୍ୟାନେଲ। ଆହୁରି ବି ଡନ୍ ନ୍ୟୁଜ୍, ସାମା ଟିଭି ଏବଂ ଜିଓ ନ୍ୟୁଜ୍ ଭଳି ବଡ଼ ନାମ ମଧ୍ୟ ଅନ୍ତର୍ଭୁକ୍ତ। ସରକାର ଏହି ପଦକ୍ଷେପ ନେଇଛନ୍ତି କାରଣ ଏହି ଚ୍ୟାନେଲଗୁଡ଼ିକ ଭାରତ, ଏହାର ସେନା ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ବିରୁଦ୍ଧରେ ଉତ୍ତେଜନାପୂର୍ଣ୍ଣ, ମିଥ୍ୟା ଏବଂ ଭ୍ରାମକ ସୂଚନା ପ୍ରସାର କରୁଥିଲେ। ଏହି ସୂଚନା ଜଣେ ଅଧିକାରୀ ଦେଇଛନ୍ତି। ଗତ ସପ୍ତାହରେ ୨୨ ଏପ୍ରିଲରେ ଜମ୍ମୁ ଓ କାଶ୍ମୀରରେ ପହଲଗାମ ଆତଙ୍କବାଦୀ ଘଟଣା ପରେ ଭାରତ ପାକ୍‌କୁ ପାନେ ଦେବାକୁ ଚେଷ୍ଟା ଜାରି ରଖିଛି।

# ୧୨ତମ ବାଲେଶ୍ୱର ପ୍ରିମିୟର ଲିଗ୍ : ଶିବାଜୀ ଟାଇଟନ୍ସଙ୍କୁ ହରାଇ ଡେକାନ ୱାରିୟର ଚାମ୍ପିଅନ

**ବାଲେଶ୍ୱର**

୧୨ତମ ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଯାପିତ। ସ୍ଥାନୀୟ ପରମିଟ୍ ପଡ଼ିଆରେ ଅନନ୍ତ ଅନଙ୍ଗ ଓ ରିଲାଏନ୍ସ ଟ୍ରେଣ୍ଡସ ପ୍ରାୟୋଜିତ ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି।

ଫାଇନାଲ ମୁକାବିଲାରେ ଶିବାଜୀ ଟାଇଟନ୍ସ ଓ ଡେକାନ ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଡେକାନ ୱାରିୟର ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବା ସହ ଶିବାଜୀ ଟାଇଟନ୍ସଙ୍କୁ ବୋଲି ପାଇଁ ଆମନ୍ତ୍ରଣ କରିଥିଲା। ତେବେ ଡେକାନ ୱାରିୟର ନିର୍ଦ୍ଧାରିତ ୨୦ ଓଭରରୁ ୧୯.୫ଟି ବଲ୍ ଖେଳି ସମସ୍ତ ୱିକେଟ୍ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସର୍ବେଶ୍ୱର ମହାନ୍ତି ଏବଂ ଅଭିଷେକ ଯାଦବ ୪ ଲେଖାଏଁ କରିଥିବା ବେଳେ ଶିବାଜୀ ଟାଇଟନ୍ସର ଅଧିନାୟକ ପ୍ରକାଶ ବାରିକ ୪ ଓଭର ବୋଲି କରି ୨୫ରନ୍ ଦେଇ ୩ଟି ୱିକେଟ୍ ନେଇଥିଲେ। ୧୮୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଶିବାଜୀ ଟାଇଟନ୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମଧ୍ୟକ୍ରମରେ ବ୍ୟାଟର ଗୁରୁଦିପନ ଜେନା ଓ ତାଜ୍ ଖାନ୍ ଶିବାଜୀ ଟାଇଟନ୍ସର ବିଜୟ ଆଶାକୁ ଉଜ୍ଜୀବିତ୍ କରିଥିଲେ। ମାତ୍ର ଡେକାନ ୱାରିୟରର ବୋଲର ସର୍ବେଶ୍ୱର ମହାନ୍ତିଙ୍କ ଘାତକ ବୋଲିଂକୁ ସମ୍ମୁଖୀ ହୋଇନପାରି ଶିବାଜୀ ଟାଇଟନ୍ସ ୧୬୭ ରନ୍‌ରେ ସମସ୍ତ ୱିକେଟ ହରାଇ ୧୪ ରନ୍‌ର ପରାଜୟବରଣ କରିଥିଲା। ଡେକାନ ୱାରିୟର ୧୨ ତମ ବାଲେଶ୍ୱର ପ୍ରିମିୟର ଲିଗ୍‌ର ଚାମ୍ପିଅନ୍ ହୋଇଛି। ସର୍ବେଶ୍ୱର ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ?ର ପୁରସ୍କାରରେ ବିବେଚିତ କରାଯାଇଥିବା ବେଳେ କ୍ଷମାସାଗର ବଳ ମ୍ୟାନ୍ ଅଫ୍ ଦି ସିରିଜ୍‌ରେ ବିବେଚିତ ହୋଇଛନ୍ତି।



ଶିବାଜୀ ଟାଇଟନ୍ସର ଉଦୀୟମାନ ଖେଳାଳି ରାକେଶ ଦାସ ମହାପାତ୍ରଙ୍କୁ ଶ୍ରେଷ୍ଠ ପ୍ରତିଭାବାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବୋଲ ଭାବେ ଅହିତୋଷ ଦାସଙ୍କୁ ପୁରସ୍କାର ମିଳିଥିବା ବେଳେ ଶ୍ରେଷ୍ଠ ବ୍ୟାଟର ଭାବେ କ୍ଷମାସାଗର ବଳ ପୁରସ୍କାର ହାତେଇଛନ୍ତି। ଓସିଏ ଅମ୍ପାୟର ପ୍ରତାପ କୁମାର ପାତ୍ର ଏବଂ ଅଶ୍ୱିନୀ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ ରେଫରୀ ଭାବରେ ରାଜୀବ ସେନାପତି ଦାୟିତ୍ୱ ତୁଲାଇଥିଲେ। ବିପିଏଲ୍ କମିଟିର ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପ-ବିଜେତାଙ୍କ ଟ୍ରଫି ଏବଂ ଅର୍ଥରାଶି ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ସପନ ଖିଲାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ଟୁର୍ଣ୍ଣାମେଣ୍ଟର ସଫଳ କରିଥିବାରୁ କମିଟିର ଚେୟାରମ୍ୟାନ୍ ରାଜେକ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଆଇପିଏଲ ୨୦୨୫ ପ୍ଲେଅଫ ନେଇ ଭବିଷ୍ୟବାଣୀ କଲେ ଅନିଲ କୁମ୍ବଲେ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ରେ, ଅଧିକାଂଶ ଦଳ ୯ଟି ମ୍ୟାଚ୍ ଖେଳିଛନ୍ତି। ଏବେ ପ୍ରତ୍ୟେକ ଦଳ ପାଖରେ ପ୍ରାୟ ପାଞ୍ଚରୁ ଛଅଟି ମ୍ୟାଚ୍ ଖେଳିବାକୁ ବାକି ଅଛି। ଆଇପିଏଲର ଏହି ସିଜିନ୍ ପ୍ଲେଅଫ୍ ଆଡ଼କୁ ଗତି କରୁଛି ଏବଂ ଧୀରେ ଧୀରେ ପ୍ଲେଅଫରେ ପହଞ୍ଚିବାକୁ ଥିବା ଦଳଗୁଡ଼ିକ ବାବଦରେ ମଧ୍ୟ ସ୍ପଷ୍ଟତା ଆସିବାରେ ଲାଗିଛି। ଏହି ପ୍ଲେଅଫ୍ ଦଳଗୁଡ଼ିକର ନାମ ଚୂଡ଼ାନ୍ତ ହେବା ପୂର୍ବରୁ ପୂର୍ବତନ ଭାରତୀୟ କ୍ରିକେଟର ଅନିଲ କୁମ୍ବଲେ ଏକ ଭବିଷ୍ୟବାଣୀ କରିଛନ୍ତି। ଏହି ଭବିଷ୍ୟବାଣୀରେ, ଅନିଲ କୁମ୍ବଲେ ପ୍ଲେଅଫରେ ପହଞ୍ଚିପାରୁଥିବା ଚାରୋଟି ଦଳର ନାମ ଦେଇଛନ୍ତି।

ଅନିଲ କୁମ୍ବଲେଙ୍କ ମତରେ, ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିବା ପ୍ରଥମ ଦଳ ହେଉଛି ଗୁଜରାଟ ଟାଇଟାନ୍ସ। ଜିଟି ବର୍ତ୍ତମାନ ପଏଣ୍ଟ ଟେବୁଲର ଶୀର୍ଷରେ ଅଛି। ଗୁଜରାଟ ଦଳ ୮ଟି ମ୍ୟାଚ୍‌ରୁ ୬ଟିରେ ବିଜୟୀ ହୋଇଛି, ଏହି ଦଳ କେବଳ ଦୁଇଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଛି। ପ୍ଲେଅଫ୍‌ରେ ଦ୍ୱିତୀୟ ଦଳ ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ, ଏହି ଦଳ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛି। ଡିସି ମଧ୍ୟ ୮ଟି ମ୍ୟାଚ୍‌ରୁ ୬ଟି ଜିତିଛି ଏବଂ କେବଳ ଦୁଇଟି ମ୍ୟାଚ୍ ହାରିଛି।



ଅନିଲ କୁମ୍ବଲେଙ୍କ ମତରେ, ଏହି ଆଇପିଏଲ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ସ୍ଥାନ ଅଧିକାର କରିବ, ଯେତେବେଳେ ବର୍ତ୍ତମାନ ମୁମ୍ବାଇ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ଅଛି। ଏହି ଆଇପିଏଲ ସିଜିନରେ ଏମଆଇର ଆରମ୍ଭ ବହୁତ ଖରାପ ଥିଲା, କିନ୍ତୁ ଲଗାତାର ପାଞ୍ଚଟି ବିଜୟ ସହିତ, ମୁମ୍ବାଇ ଦଳ ପ୍ଲେଅଫ୍ ଆଡ଼କୁ ଅଗ୍ରସର ହେଉଛି। ଏମଆଇ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳିଛି, ଯେଉଁଥିରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦଳ ୬ଟି ମ୍ୟାଚ୍ ଜିତିଛି, ଯେତେବେଳେ ୪ଟି ମ୍ୟାଚ୍‌ରେ ପରାଜୟର ସାମ୍ନା କରିଛି। ଅନିଲ କୁମ୍ବଲେଙ୍କ ମତରେ, ପ୍ଲେଅଫରେ ପହଞ୍ଚିବା ପାଇଁ ଚତୁର୍ଥ ଦଳ ପଞ୍ଜାବ କିଙ୍ଗସ୍ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ହୋଇପାରେ। ଆରସିବି ବର୍ତ୍ତମାନ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଅଛି। ବେଙ୍ଗାଲୁରୁ ବର୍ତ୍ତମାନ ୯ଟି ମ୍ୟାଚ୍‌ରୁ ୬ଟି ଜିତିଛି ଏବଂ ୩ଟିରେ ହାରିଛି। ଯେତେବେଳେ ପଞ୍ଜାବ ୯ଟି ମ୍ୟାଚ୍‌ରୁ ୫ଟି ଜିତିଛି ଏବଂ ୩ଟିରେ ହାରିଛି, ଗୋଟିଏ ମ୍ୟାଚ୍ ଡ୍ର' ରହିଛି।

# ଇତିହାସ ରଚିଲେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ : ମାତ୍ର ୩୮ ବଲ୍‌ରେ ହାସଲ କଲେ ଶତକ

**ଜୟପୁର**

୧୪ ବର୍ଷୀୟ ବୈଭବ ଜୟପୁରରେ ଇତିହାସରେ ରଚିଛନ୍ତି। ମାତ୍ର ୩୮ ବଲ୍‌ରେ ନିଜର ପ୍ରଥମ ଶତକ ହାସଲ କରି ଏହି ଯୁବ କ୍ରିକେଟର ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ଏକ ଚମତ୍କାର ଇନିଂସ ଖେଳି ବୈଭବ ନିଜ ନାମ ଭାରତୀୟ କ୍ରିକେଟ ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରିଛନ୍ତି। ଜୟପୁରରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ବୈଭବ ଅତ୍ୟନ୍ତ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଏକ ଲମ୍ବା ଛକା ମାରି ନିଜର ଶତକ ପୂରଣ କରିଥିଲେ। ତାଙ୍କର ଏହି ଅସାଧାରଣ ପ୍ରଦର୍ଶନ ଦେଖି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ମେଣ୍ଟର ରବି ଦ୍ରାବିଡ଼ଙ୍କ ଖୁସିର ସୀମା ନଥିଲା।

ବୈଭବଙ୍କ ଯାତ୍ରା : ବୈଭବ ସୂର୍ଯ୍ୟବଂଶୀ ବିହାରର ଜଣେ ଯୁବ କ୍ରିକେଟର, ଯିଏ ଅଣ୍ଡର-୧୪ ଏବଂ ଅଣ୍ଡର-୧୬ ସ୍ତରରେ ନିଜର ପ୍ରତିଭା



ପ୍ରଦର୍ଶନ କରି କ୍ରିକେଟ ଜଗତରେ ଧ୍ୟାନ ଆକର୍ଷଣ କରିଥିଲେ। ତାଙ୍କର ଦ୍ରୁତ ବ୍ୟାଟିଂ ଶୈଳୀ ଏବଂ ଚାପ ମଧ୍ୟରେ ଶାନ୍ତ ରହି ଖେଳିବାର କ୍ଷମତା ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଛି। ଏହି ଶତକ ତାଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍ ହୋଇଥିବା ବେଳେ ଏହା ଭାରତୀୟ କ୍ରିକେଟ ପାଇଁ ଏକ ନୂଆ ତାରକାର ଉଦୟକୁ ସୂଚାଇଛି।

କ୍ରିକେଟ ବିଶେଷଜ୍ଞମାନେ ବୈଭବଙ୍କୁ ସଚିନ ତେନ୍ଦୁଲକର ଏବଂ ବିରାଟ କୋହଲିଙ୍କ ସହ ତୁଳନା କରିଛନ୍ତି, ଯେଉଁମାନେ ଅଳ୍ପ ବୟସରେ ସମାନ ପ୍ରକାରର ପ୍ରତିଭା ପ୍ରଦର୍ଶନ କରିଥିଲେ। ଜଣେ ବିଶେଷଜ୍ଞ କହିଛନ୍ତି, "ବୈଭବଙ୍କର ବ୍ୟାଟିଂରେ ଆକ୍ରମଣାତ୍ମକତା ଏବଂ ପରିପକ୍ୱତାର ଏକ ଅଦ୍ଭୁତ ମିଶ୍ରଣ ରହିଛି। ସେ ଆଗାମୀ ଦିନରେ ଭାରତୀୟ କ୍ରିକେଟରେ ବଡ଼ ନାମ ହେବେ।"

ଦ୍ରାବିଡ଼ଙ୍କ ଭୂମିକା : ରବି ଦ୍ରାବିଡ଼, ଯିଏ ବର୍ତ୍ତମାନ ଯୁବ କ୍ରିକେଟରମାନଙ୍କୁ ମାର୍ଗଦର୍ଶନ କରୁଛନ୍ତି, ବୈଭବଙ୍କ ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଦ୍ରାବିଡ଼ଙ୍କ ମାର୍ଗଦର୍ଶନରେ ବୈଭବ ନିଜର ଦକ୍ଷତାକୁ ଆହୁରି ଉନ୍ନତ କରିଛନ୍ତି। ମ୍ୟାଚ୍ ପରେ ଦ୍ରାବିଡ଼ କହିଥିଲେ, "ବୈଭବ ଏକ ଅସାଧାରଣ ପ୍ରତିଭା। ତାଙ୍କର ଏହି ଇନିଂସ ତାଙ୍କ କଠୋର ପରିଶ୍ରମ ଏବଂ ଉତ୍ସର୍ଗର ପ୍ରମାଣ।"

# ଦ୍ରୁତତମ ୪୦୦୦ ରନ୍ ପୂରଣ କଲେ ସୂର୍ଯ୍ୟ କୁମାର ଯାଦବ



**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାର ଯାଦବ। ଆଇପିଏଲ ୨୦୨୫ରେ ବହୁତ ଭଲ ଫର୍ମରେ ଅଛନ୍ତି। ସେ ଲକ୍ଷ୍ମୌ ବିପକ୍ଷରେ ଏକ ବିସ୍ଫୋରକ ଇନିଂସ ମଧ୍ୟ ଖେଳିଥିଲେ। ସୂର୍ଯ୍ୟକୁମାର ଯାଦବ ସିଜିନର ୪୫ତମ ମ୍ୟାଚ୍‌ରେ ଲକ୍ଷ୍ମୌ ଟିମ୍ ବିପକ୍ଷରେ ୨୮ ବଲ୍‌ରେ ୫୪ ରନ୍‌ର ଇନିଂସ ଖେଳିଥିଲେ। ଏହି ସମୟରେ ସେ ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଏହି ଇନିଂସ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ତାଙ୍କ ଆଇପିଏଲ କ୍ୟାରିୟରରେ ୪୦୦୦ ରନ ମଧ୍ୟ ପୂରଣ କରିଥିଲେ। ଏହା ସହିତ ସେ ଇତିହାସ ମଧ୍ୟ ସୃଷ୍ଟି କରିଥିଲେ। ବଲ୍ ଦୃଷ୍ଟିରୁ ସୂର୍ଯ୍ୟକୁମାର ଯାଦବ ଆଇପିଏଲରେ ଦ୍ରୁତତମ ୪୦୦୦ ରନ୍ ପୂରଣ କରିଥିବା ଭାରତୀୟ ବ୍ୟାଟର ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ସୁରେଶ ରାଇନାଙ୍କ ନାଁରେ ରହିଥିଲା। ସୂର୍ଯ୍ୟକୁମାର ଯାଦବ ଏହି ମାଇଲଖୁଣ୍ଟ ହାସଲ କରିବା ପାଇଁ ୨୭୧୪ ବଲ୍ ନେଇଥିଲେ। ସେହିପରି ସୁରେଶ ରାଇନା ୨୮୮୧ ବଲରେ ୪୦୦୦ ଆଇପିଏଲ ରନ ପୂରଣ କରିଥିଲେ। ସୂର୍ଯ୍ୟକୁମାର ଯାଦବ ଚଳିତ ସିଜିନରେ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳିଛନ୍ତି ଏବଂ ସମସ୍ତ ମ୍ୟାଚ୍‌ରେ ୨୫ କିମ୍ବା ତା'ଠାରୁ ଅଧିକ ରନ୍ କରିଛନ୍ତି। ଏହା ପୂର୍ବରୁ କେବଳ ରବିନ ଉଥାପା ଆଇପିଏଲରେ ଏହି କୃତିତ୍ୱ ହାସଲ କରିପାରିଥିଲେ। ସୂର୍ଯ୍ୟକୁମାର ଯାଦବ ଚଳିତ ସିଜିନରେ ୪୨୭ ରନ କରିଛନ୍ତି। ଏହା ସହିତ ସେ ଅରେଞ୍ଜ କ୍ୟାପ୍ ଦୌଡ଼ରେ ମଧ୍ୟ ଆଗରେ ରହିଛନ୍ତି।

# ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଅହମଦୀୟା ମୁସଲିମ ସମ୍ପ୍ରଦାୟର ଦୃଢ଼ ନିନ୍ଦା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜମ୍ମୁ ଓ କାଶ୍ମୀର ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଅହମଦୀୟା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଯେଉଁଥିରେ ୨୭ ଜଣ ମୂଲ୍ୟବାନ ମାନବ ଜୀବନ ପ୍ରାଣ ହରାଇଛନ୍ତି ଏବଂ ଅନେକ ନିର୍ଦ୍ଦୋଷ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଆକ୍ରମଣ କେବଳ ମାନବାଧିକାରର ଖୋଲା ଉଲ୍ଲଙ୍ଘନ ନୁହେଁ ବରଂ ଧର୍ମ, ନୈତିକତା ଏବଂ ମାନବିକତାର ମୂଲ୍ୟବୋଧର ବିରୁଦ୍ଧ ଅଟେ। ଅହମଦୀୟା ମୁସଲିମ ସମ୍ପ୍ରଦାୟ ଏହି ଦୁଃଖଦ ଘଟଣା ଉପରେ ଗଭୀର ଦୁଃଖ ଏବଂ ଶୋକ ପ୍ରକାଶ କରୁଛି ଏବଂ ପୀଡିତ ପରିବାର ପ୍ରତି ସମବେଦନା ଜଣାଇବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ପ୍ରକାଶ ଥାଉକି ଅହମଦୀୟା ମୁସଲିମ ସମ୍ପ୍ରଦାୟ ସମସ୍ତ ପ୍ରକାରର ଆତଙ୍କବାଦ ଏବଂ ଉଗ୍ରବାଦ ବିରୁଦ୍ଧରେ ଦୃଢ଼ ଭାବରେ ଠିଆ ହୋଇଛି ଏବଂ ସବୁବେଳେ ଶାନ୍ତି, ସହନଶୀଳତା ଏବଂ ମାନବତାର ସୁରକ୍ଷା ପାଇଁ ସ୍ୱର ଉଠାଇ ଆସିଛି। ଆତଙ୍କବାଦର କୌଣସି ଧର୍ମ ନାହିଁ। ଏହାକୁ କୌଣସି ଧର୍ମ ସହିତ ଯୋଡିବା ଉଚିତ ନୁହେଁ। ବିଶ୍ୱଶାନ୍ତି ଓ ବିଶ୍ୱଭାଇଚାରା ପ୍ରତିଷ୍ଠା ପାଇଁ ଆତଙ୍କବାଦର ସମୂଳେ ବିନାଶ ଅପରିହାର୍ଯ୍ୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# କୋରାପୁଟ ଜିଲ୍ଲାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଛି

**କୋରାପୁଟ, ନ୍ୟୁଜ୍**

ବାରମ୍ବାର ପ୍ରଶ୍ନ ଉଠୁଛି ଅନୁପ୍ରବେଶକାରୀଙ୍କୁ ନେଇ ଓ ଜିଲ୍ଲାରେ ପ୍ରବେଶ କରୁଥିବା ଅପରିଚିତ ବ୍ୟକ୍ତି ବିଶେଷଙ୍କୁ ନେଇ। କିନ୍ତୁ ଜିଲ୍ଲା ପ୍ରଶାସନ କି ପୋଲିସ ପ୍ରଶାସନ କେହି ବି ଏହାକୁ ଗୁରୁତ୍ୱ ଦେଉ ନ ଥିବା ଯୋଗୁଁ ଜିଲ୍ଲାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି।

କୋରାପୁଟ ଜିଲ୍ଲାରେ ଯେ, ପାକିସ୍ତାନୀ ନାଗରିକ ନ ଥିବେ କହିହେବ ନାହିଁ। ଏହାର ବିଧିବଦ୍ଧ ତଦନ୍ତର ଆବଶ୍ୟକତା ରହିଛି। କିନ୍ତୁ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ମାତ୍ରାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଛନ୍ତି। ଏହାର ତଥ୍ୟ କାହା ପାଖରେ ନାହିଁ। କୋରାପୁଟ ସହରର ବିଭିନ୍ନ ସ୍ଥାନରେ ଘର ନିର୍ମାଣ କରି ଏବଂ କିଛି ସ୍ଥାନରେ ଭଡ଼ା ଘରେ ବାଂଲାଦେଶୀ ମୁସଲିମ୍ ରହୁଥିବା ଜଣାପଡ଼ିଛି। ଏପରିକି ଏମାନଙ୍କ ନିକଟରେ ଆଧାର କାର୍ଡ ବି ରହିଛି। ରାସନ କାର୍ଡ ବି ହାତେଇଥିବା ସନ୍ଦେହ କରାଯାଉଛି। କେବଳ କୋରାପୁଟ ନୁହେଁ, ସେମିଳିଗୁଡା, ସୁନାବେଡା, ଜୟପୁର, ଆଦି ବିଭିନ୍ନ ସହରାଞ୍ଚଳରେ ଏମାନେ ଆଡ୍ଡା ଜମେଇ ସାରିଲେଣି। କିଛି ସ୍ଥାନୀୟ ନେତା ଭୋଟ ପାଇବା ଆଶାରେ ସେମାନଙ୍କୁ ସହଯୋଗ କରୁଥିବା ସନ୍ଦେହ କରାଯାଉଛି। ଅନ୍ୟ ପକ୍ଷରେ ବିଧିବଦ୍ଧ ଭାବରେ ଯାଞ୍ଚ ନ କରି କିଛି ଲୋକଙ୍କୁ ସରକାରୀ ଜମି ପ୍ରଦାନ କରିବା ସହ ସେମାନଙ୍କୁ ଆବାସ ଯୋଜନାରେ ସାମିଲ ମଧ୍ୟ କରାଯାଇ ଘର ପ୍ରଦାନ କରାଯାଇଛି। କିଛି ବାଂଲାଦେଶୀ ସହରାଞ୍ଚଳରେ ଦୋକାନ କରି ନିଜର ସ୍ଥିତି ଜାହିର କରି ସାରିଲେଣି। ଆଉ କିଛି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳକୁ ପ୍ରତିଦିନ ବାଇକ୍ ଯୋଗେ ବିଭିନ୍ନ ସାମଗ୍ରୀ ନେଇ ବିକ୍ରି କରିବା ନାମରେ ଯାଉଛନ୍ତି। ତେବେ ଏହିମାନେ ପ୍ରତିଦିନ ଗୋଟିଏ ଗୋଟିଏ ଗ୍ରାମକୁ ବିକ୍ରି କରିବା ପାଇଁ ନା ଅନ୍ୟ କିଛି ଉଦ୍ଦେଶ୍ୟରେ ଯାଉଛନ୍ତି ବର୍ତ୍ତମାନ ଯାଏଁ କେହି ବି ଏହାର ଯାଞ୍ଚ କରି ନାହାନ୍ତି। କେବଳ ସେତିକି ନୁହେଁ, ଜିଲ୍ଲାର ବିଭିନ୍ନ ସ୍ଥାନରେ ରହୁଥିବା ବାଂଲାଦେଶୀ ସରଣାର୍ଥୀମାନେ ଏବେବି ବାଂଲାଦେଶ ସହିତ ଯୋଗାଯୋଗରେ ରହିଥିବା ଆଶଙ୍କା କରାଯାଉଛି। ଦୀର୍ଘ ବର୍ଷ ଧରି ଓଡ଼ିଶାରେ ରହୁଥିଲେ ବି ସେମାନଙ୍କ ବାଂଲାଦେଶ ମୋହ ଏବେବି ରହିଛି। ଏହି ଅନୁପ୍ରବେଶକାରୀମାନେ ସେମାନଙ୍କ ସଂପର୍କୀୟମାନଙ୍କୁ ଆଣି ନିଜ ଘରେ ଆଶ୍ରୟ ବି ଦେଉଛନ୍ତି। ଫଳରେ ଜିଲ୍ଲାରେ ବାଂଲାଦେଶୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ମୁସଲିମ୍ ପର୍ବପର୍ବାଣି ସମୟରେ ବହୁ ସଂଖ୍ୟାରେ ମୁସଲିମ୍ ସଂପ୍ରଦାୟ ଏକତ୍ରିତ ହେଉଥିବା ଦେଖିବାକୁ ମିଳୁଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ନୂଆ ମୁହଁ ହୋଇଥିବା ଆଲୋଚନା ହେଉଛି। ଲେଡିଗୁଡ଼ କହୁଣିକୁ ବୋହିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ଏହାକୁ ଗୁରତର ସହ ନେବା ଉଚିତ। ଜିଲ୍ଲାରେ ରହିଥିବା ସମସ୍ତ ବାଂଲାଦେଶୀ ମାନଙ୍କ ଆଧାର ଓ ରାସନ କାର୍ଡ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ନଚେତ ଆଗାମି ଦିନରେ କିଛି ବି ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦେଇ ହେବ ନାହିଁ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ଅପ୍ରେଲ ୨୦୨୫ ମଙ୍ଗଳବାର





## ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

# ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କର ସ୍ୱପ୍ନ ଓ ସଂକଳ୍ପ ଥିଲା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ । ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ । ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛନ୍ତି ।

ମଧୁସୂଦନ ଦାସ ୧୮୪୮ ମସିହା ଅପ୍ରେଲ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କର ସ୍ୱପ୍ନ ଓ ସଂକଳ୍ପ ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦୁଇବର୍ଷ ପୂର୍ବରୁ ୧୯୩୪ ମସିହା ଫେବୃଆରୀ ମାସ ୪ ତାରିଖ ଦିନ ଉତ୍କଳ ଜନନୀର ଏହି ମହାନ୍ ବରପୁତ୍ରଙ୍କ ଜୀବନ ଦୀପ ଲିଭି ଯାଇଥିଲା । ଓଡ଼ିଆ ଜାତିର ଉତ୍ଥାନ ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ଓଡ଼ିଆ ଜାତି ପ୍ରତି ତାଙ୍କର ଆତ୍ମୀୟତାର ପଟାନ୍ତର ନାହିଁ । ପ୍ରକୃତରେ ସେ ଥିଲେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ। ସୋମବାର ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭାବାନୀଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ବାବୁ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଭୁବନେଶ୍ୱର : ରାମ ମନ୍ଦିର ପରିସରରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରତିକାନ୍ତ ମହାନ୍ତିଙ୍କ ଦ୍ୱାଦଶାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱର୍ଗତ ମହାନ୍ତିଙ୍କ ଦୁଇ କନ୍ୟା ଓ ପରିବାରବର୍ଗ। (ଫଟୋ : ସମ୍ବାଦ କଳିକା)

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜନ୍ମଜୟନ୍ତୀ

# ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ବିଜେଡି ନେତା ଓ କର୍ମୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜନ୍ମଜୟନ୍ତୀ । ଏହି ଅବସରରେ ବିଜେଡି ଦଳ ତରଫରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି ବିଜେଡି ନେତା ଓ କର୍ମୀ । ଏହି ଅବସରରେ ବିଜେଡି ନେତା କହିଛନ୍ତି ଯେ, ମଧୁବାବୁ ହେଉଛନ୍ତି ଉତ୍କଳ ପ୍ରଦେଶ ଗଠନର ମହାନ ବିନ୍ଧାଣୀ । ଭାଷା ଭିତ୍ତିକ ଓଡିଶା ପ୍ରଦେଶ ଗଠନରେ ତାଙ୍କର ଅତୁଳନୀୟ ଅବଦାନ ରହିଥିଲା । ସେ ଥିଲେ



ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ । ଓଡ଼ିଶାରେ ଶିଳ୍ପର ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଅନେକ ପ୍ରଚେଷ୍ଟା ରହିଥିଲା । ଏହାସହ ସାରା ବିଶ୍ୱ ଏବଂ ଦେଶରେ ବାରିଷ୍ଟର ଭାବରେ ମଧ ତାଙ୍କର ଅନେକ ଖ୍ୟାତି ରହିଥିଲା । ତାଙ୍କର ଚିନ୍ତା ଏବଂ ଚେତନାକୁ ଓଡ଼ିଆ ଜାତି ମାନେ ରଖିବ ଏହାକୁ ଯଦି କିଛି ମାତ୍ରାରେ ଆମେ ରୂପାୟତ କରିପାରିବା । ତେବେ ତାହାହିଁ ମଧୁବାବୁଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ।

# ସୃଜନଶୀଳତା ଓ ପ୍ରଗତିର ଭାବନା ନେଇ ନବସୃଜନ ଦିବସ-୨୦୨୫ ପାଳନ କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ସୃଜନଶୀଳତା, ସହଯୋଗ ଓ ନିରନ୍ତର ଉଦ୍ଭାବନର ସଂସ୍କୃତିକୁ ପ୍ରୋତ୍ସାହିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ବ୍ରହ୍ମପୁରସ୍ଥିତ ନିଜର କର୍ପୋରେଟ୍ କାର୍ଯ୍ୟାଳୟରେ ବିଶ୍ୱ ନବସୃଜନ ଦିବସ-୨୦୨୫ ପାଳନ କରିଛି । 'ଟିଆଣ୍ଡଡି ଇନୋଭେସନ୍ କାର୍ନିଭାଲ୍' ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଉଦଘାଟନ କରିଥିବା ବେଳେ ଏହି ଅବସରରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର ନେଟୱର୍କ ଇଞ୍ଜିନିୟରିଂ ଆଣ୍ଡ ପ୍ଲାନିଂ(ଏନଇପି), ସୁରକ୍ଷା, ଅପରେସନ୍, ଟେକ୍ନୋଲୋଜି ଓ ବାଣିଜ୍ୟ ଭଳି ବିଭିନ୍ନ ବିଭାଗ ପକ୍ଷରୁ ଅଭିନବ ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀମାନେ ନିଜର ସୃଜନଶୀଳ ଚେତନାକୁ ପରସ୍ପର ମଧ୍ୟରେ ବାଣ୍ଟିବା ସହ ଶକ୍ତି ତଥା ବିଜୁଳି ଯୋଗାଣ କ୍ଷେତ୍ର କିଭଳି ଅଧିକ ସୁଦୃଢ଼





ହୋଇପାରିବ ସେନେଇ ବିଚାରବିମର୍ଶ କରିଥିଲେ । ଦଳଗତ ପ୍ରଦର୍ଶନ, ଅଭିନବ ଉଦ୍ୟମ ଓ ନିରନ୍ତର ପ୍ରଗତି ନିମନ୍ତେ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ୟାନେଲ ଅଧିବେଶନ ସହ ଶକ୍ତି ବିଭାଗର ଅନେକ ପ୍ରମୁଖ ପ୍ରସଙ୍ଗ ଉପରେ ବିସ୍ତୃତରେ ଆଲୋଚନା ହୋଇଥିଲା । କିଭଳି ଭାବେ ସୃଜନଶୀଳତାକୁ ବ୍ୟାବହାରିକ ଜ୍ଞାନକୌଶଳରେ ପରିଣତ କରାଯାଇପାରିବ ସେନେଇ ବରିଷ୍ଠ ଅଧିକାରୀମାନେ ମତପୋଷଣ କରିଥିଲେ । ସ୍ମାର୍ଟ ଅଟୋମେସନ୍ କଣ୍ଟ୍ରୋଲର, ସ୍କାଡା ସିଷ୍ଟମର ଉନ୍ନତ ବ୍ୟବହାର, ଲୋ ଟେନସନ୍ (ଏଲ୍‌ଟି) ଅଟୋମେସନ୍ ଏବଂ ବିଦ୍ୟୁତ୍ ସମସ୍ୟାକୁ ଏଡ଼ାଇବା ପାଇଁ ନୂତନ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ଦେଖିବାକୁ ମିଳିଥିଲା। ଏହି ପଦକ୍ଷେପଗୁଡିକୁ ଆଗାମୀ ଦିନରେ ବାସ୍ତବତାର ରୂପ ଦିଆଯିବ, ଯାହାଫଳରେ ଉପଭୋକ୍ତାଙ୍କୁ ଅଧିକ ଭରସାଯୋଗ୍ୟ ବିଜୁଳି ଯୋଗାଣ ସମ୍ଭବ ହେବ । ସୁରକ୍ଷିତ ତଥା ଗୁଣାତ୍ମକ ବିଜୁଳି ଯୋଗାଣ ଟିପିଏସ୍‌ଓଡିଏଲର ମୂଳ ଲକ୍ଷ୍ୟ । ସ୍କାଡା, ଜିଆଇଏସ୍ ଓ ସ୍ମାର୍ଟ ଆଇସୋଲସନ୍ ସିଷ୍ଟମ୍ ଭଳି ଜ୍ଞାନକୌଶଳ ଗ୍ରହଣ କରି କମ୍ପାନୀ ବିଜୁଳି ଯୋଗାଣ କ୍ଷେତ୍ରକୁ ଅଧିକ ସଶକ୍ତ କରିପାରିଛି । ଟିପିଏସ୍‌ଓଡିଏଲ୍ ଓଡ଼ିଶା ପ୍ରଥମ ବିଜୁଳି ଯୋଗାଣ କମ୍ପାନୀ ଭାବରେ ନିଜର ସମସ୍ତ ସର୍କଲରେ ସ୍କାଡା ପରିଚାଳିତ ଏପିଏସଏସିସି ସ୍ଥାପନ କରିଛି, ଯାହା ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଅଧିକ ସହଜ କରିପାରିଛି । ସେହିଭଳି ଜିଆଇଏସ୍, ସ୍କାଡା ଓ ଏଡିଏମଏସର ଏକୀକରଣ, ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା ଓ ମୋବାଇଲ୍ ଟ୍ରାନ୍ସଫର୍ମର ଇତ୍ୟାଦି କମ୍ପାନୀର ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିଛି । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ଟିପିଏସ୍‌ଓଡିଏଲ୍ ସଦାସର୍ବଦା ଅଭିନବତା ତଥା ସୃଜନଶୀଳତାକୁ ପ୍ରୋତ୍ସାହିତ କରିଆସୁଛି । ଏହା ଉପଭୋକ୍ତାମାନଙ୍କୁ ଉନ୍ନତ ସେବା ପ୍ରଦାନରେ ସହାୟକ ହୋଇପାରିଛି । ଶକ୍ତି କ୍ଷେତ୍ରରେ ପ୍ରଗତି କରିବାକୁ ହେଲେ ଓ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ପ୍ରଦାନ କରିବାକୁ ହେଲେ ଅଭିନବ ଉଦ୍ୟମ କରିବା ଏକାନ୍ତ ଆବଶ୍ୟକ । କମ୍ପାନୀର କର୍ମଚାରୀମାନେ ସଦାସର୍ବଦ କିଛି ନୂଆ କରିବାର ପ୍ରୟାସ କରୁଛନ୍ତି ଯାହା ମୋତେ ସନ୍ତୁଷ୍ଟି ଦେଉଛି । ଆମେ ସମସ୍ତେ ଏକତ୍ରିତ ହୋଇ ଶକ୍ତି କ୍ଷେତ୍ରକୁ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ଆଡ଼କୁ ଅଗ୍ରସର କରାଇବାକୁ ପ୍ରଚେଷ୍ଟା କରୁଛୁ ।"

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଥମ ଦିନରେ...

ଚାଷୀ ସମବାୟ ଆନ୍ଦୋଳନ ସହିତ ଜଡ଼ିତ। ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହିତ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ପାକ୍ସ/ଲାମ୍ପସ୍ ଗଠନ କରାଯିବାର ମଧ୍ୟ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ନେବା ପରଠାରୁ ଦେଶର ବିଭିନ୍ନ କ୍ଷେତ୍ର ସହିତ ସମବାୟ କ୍ଷେତ୍ରକୁ ମଧ୍ୟ ସଶକ୍ତ କରିଛନ୍ତି। ସମବାୟକୁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ କରାଯାଇ ଅମିତ ଶାହାଙ୍କ ନେତୃତ୍ୱରେ ପରିଚାଳନା କରାଯାଉଛି। ଗୁଜରାଟ ହେଉଛି ସମବାୟର ଏନ୍ତୁଡ଼ିଶାଳ। ମୋଦୀଙ୍କ ନେତୃତ୍ୱରେ ସେଠାରେ ସମବାୟ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମତ ଦେଇ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୭୧୧ ଟି ପାକ୍ସ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ ପାକ୍ସ ଗଠନ କରାଯାଇଛି। ଏଇ ନୂଆ ପାକ୍ସ ଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ ସିଡ୍ ମନି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ଗୁଜରାଟ ଆନନ୍ଦ ସ୍ଥିତ ତ୍ରିଭୂବନ ସମବାୟ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ଇରମା ସ୍କୁଲ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟିଜ୍ ସିଦ୍ଧାର୍ଥ ଦାସ ଏବଂ ଇରମା ସ୍କୁଲର ନିର୍ଦ୍ଦେଶକ ଉମାକାନ୍ତ ଦାଶ ଏମଓୟୁ ସ୍ୱାକ୍ଷର କରିଥିଲେ। ସମବାୟ ସଂସ୍ଥାଗୁଡ଼ିକର ସୁପରିଚାଳନା ପାଇଁ ଏହା ଏକ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଲେ ଯେ, ଭାରତୀୟ ସଂସ୍କୃତିର ଚିନ୍ତାଧାରା 'ବହୁଜନ ହିତାୟ, ବହୁଜନ ସୁଖାୟ' ର ମୌଳିକ ଆଦର୍ଶରେ ସମବାୟ ଗୁଡ଼ିକ ଗଠନ କରାଯାଇଛି। ପୂର୍ବ ସରକାର ଜମାକାରୀଙ୍କ ଦୁଃଖ ବୁଝିବାକୁ ଚେଷ୍ଟା କରିନଥିଲେ। ତେବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଏକ ଦରଦୀ ହୃଦୟର ପରିଚୟ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜମାକାରୀଙ୍କ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଆଜି ସେହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ବୈଠକରେ ବିଭାଗୀୟ ସଚିବ ରାଜେଶ ପ୍ରଭାକର ପାଟିଲ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

### ରାଷ୍ଟ୍ରପତି ଭବନରେ ...

ଅଶ୍ୱିନୀ ଭୂଦେ-ଦେଶପାଣ୍ଡେ-ପଦ୍ମଶ୍ରୀ, ସଂଗୀତ ରଚନା ରିକି ଜିଆନ କେଜ-ପଦ୍ମ ଶ୍ରୀ, ଲୋକ ଗାୟକ ଭେରୁ ସିଂ ଚଙ୍କ ହାନ-ପଦ୍ମ ଶ୍ରୀ, ଗାୟକ ହରିନ୍ଦର ସିଂ ଶ୍ରୀନଗର ୱାଲେ-ପଦ୍ମଶ୍ରୀ, ଲୋକ ସଂଗୀତଜ୍ଞ ଜୋୟନାଚରନ ବାଥାରୀ-ପଦ୍ମଶ୍ରୀ , ଶାସ୍ତ୍ରୀୟ ଗାୟକ କେ ଓମାନକୁଟ୍ଟି ଆମ୍ମା-ପଦ୍ମଶ୍ରୀ, ଗାୟକ ମହାବୀର ନାୟକ ପଦ୍ମଶ୍ରୀ, ଅଭିନେତା ମମତା ଶଙ୍କର-ପଦ୍ମଶ୍ରୀ, ଅଭିନେତା ଅନନ୍ତ ନାଗ- ପଦ୍ମ ଭୂଷଣ ଏହି ସମ୍ମାନରେ ସମ୍ମାନୀତ ହୋଇଛନ୍ତି।

### ପ୍ରଶ୍ନପତ୍ର ବିଭ୍ରାଟରେ...

ସଂକ୍ରାନ୍ତୀୟ ବିଲ୍ ବିଧାନସଭାରେ ପାରିତ ହୋଇ ଆଇନରେ ପରିଣତ ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ ଆଜି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ୭ମ ସେମିଷ୍ଟର ପରୀକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଛି। ଭିଜୁଆଲ ଆର୍ଟର ୭୦୨ନଂ ପେପର ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ହୋଇଛି । ୧୦ଟି ପ୍ରଶ୍ନରୁ ୧୦ଟି ଯାକ ଭୁଲ ଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପରୀକ୍ଷାକୁ ବାତିଲ କରିଦେଇଛନ୍ତି କର୍ତ୍ତୃପକ୍ଷ।

### ଜଣେ ପାକିସ୍ତାନୀ...

କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଦୀର୍ଘକାଳୀନ ଭିସା ବଳରେ ଭାରତର ବିଭିନ୍ନ ରାଜ୍ୟରେ ପାକିସ୍ତାନୀ ନାଗରିକମାନେ ରହୁଛନ୍ତି । ସେମାନେ ବିଭିନ୍ନ କାମରେ କାର୍ଯ୍ୟରତ ଅଛନ୍ତି । ଏହିକ୍ରମରେ ଓଡ଼ିଶାରେ ୧୨ଜଣ ପାକିସ୍ତାନୀ ନାଗରିକ ରହୁଥିବା ଜଣାପଡ଼ିଛି । ଦୀର୍ଘକାଳୀନ ଭିସା ବଳରେ ପାକିସ୍ତାନୀ ନାଗରିକମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବସବାସ କରୁଛନ୍ତି।

### ପାକିସ୍ଥାନୀ, ବାଂଲାଦେଶୀଙ୍କ...

ବୋଲି ସେ କହିଛନ୍ତି । ମନ୍ତ୍ରୀ କହିଛନ୍ତି ରାସନ କାର୍ଡ ପାଇଥିବା ବିଦେଶୀଙ୍କୁ ଚିହ୍ନଟ କରିବା ପାଇଁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେମାନଙ୍କୁ ଚିହ୍ନଟ କରି ରାସନ କାର୍ଡ ତାଲିକାରୁ ନାମ କାଟିବାକୁ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଜାରି ହୋଇଛି। ଏସବୁ ବିଦେଶୀ ସୁଯୋଗ ଦେଖି ଓଡିଶାରେ ଅନୁପ୍ରବେଶ କରି ସମସ୍ତ ସରକାର ସୁବିଧା ହାସଲ କରିଛନ୍ତି। ସେମାନଙ୍କୁ ଚିହ୍ନଟ କରି ସେମାନଙ୍କର ରାସନ କାର୍ଡ କଟିବାପରେ ପ୍ରକୃତ ରାସନ କାର୍ଡ ହିତାଧିକାରୀଙ୍କ ସଂଖ୍ୟା ଜଣାପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ଅନୁରୂପ ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ କହିଛନ୍ତି ପଞ୍ଚାୟତସ୍ତରରେ ବାଂଲାଦେଶୀ-ପାକିସ୍ତାନୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଓଡ଼ିଶାର ପଞ୍ଚାୟତ ସ୍ତରରେ ବାଂଲାଦେଶୀ ଏବଂ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ସକ୍ରିୟ ଭାବରେ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ସରକାର ସନ୍ଦିଗ୍ଧ ବିଦେଶୀ ନାଗରିକଙ୍କ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିସାରିଛନ୍ତି ।

### ଲୋକଙ୍କ ସମର୍ଥନରେ...

କିନ୍ତୁ ଯଦି ଲୋକମାନେ ଆମ ସହିତ ଅଛନ୍ତି, ତେବେ ଆମେ ଆତଙ୍କବାଦୀଙ୍କୁ ଦୂର କରିପାରିବା। ଜମ୍ମୁ ଏବଂ କାଶ୍ମୀରରେ ହୋଇଥିବା ଅଭୂତପୂର୍ବ ଏବଂ ସ୍ୱତଃସ୍ଫୂର୍ତ୍ତ ପ୍ରତିବାଦ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ ପ୍ରଥମ ଥର ପାଇଁ ଶ୍ରୀନଗରର ଜାମିଆ ମସଜିଦରେ ଶୁକ୍ରବାର ନମାଜ ପୂର୍ବରୁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ପାଳନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ଏହାର ଅର୍ଥ ବୁଝିପାରିବା। ଆମେ ଏହି ପରିବର୍ତ୍ତନକୁ ସୁଦୃଢ଼ କରିବାକୁ ଚେଷ୍ଟା କରିବୁ।

### ଭୁବନେଶ୍ୱର ରେଳ...

ହ୍ୟାଣ୍ଡହେଲ୍ଡ ମେଟାଲ ଡିଟେକ୍ଟର ବ୍ୟବହାର କରି ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ। ସମସ୍ତ ଯାତ୍ରୀଙ୍କ ଲଗେଜ ସ୍କାନ କରାଯାଇଥିଲା ଏବଂ ବ୍ୟାଗଗୁଡ଼ିକର ଯାଞ୍ଚ କରାଯାଇଥିଲା। ଯାତ୍ରୀମାନଙ୍କୁ ସତର୍କ ରହିବାକୁ ସଚେତନ କରିବା ପାଇଁ ପବ୍ଲିକ ଆଡ୍ରେସ ସିଷ୍ଟମ ବ୍ୟବହାର କରାଯାଉଛି। ସାରା ଦେଶରେ ରେଳ ଷ୍ଟେସନ ଏବଂ ସାର୍ବଜନୀନ ସ୍ଥାନରେ ସମାନ ସୁରକ୍ଷା ଯାଞ୍ଚ ଲାଗୁ କରାଯାଉଛି। ଆରପିଏଫ କର୍ମଚାରୀମାନେ ଷ୍ଟେସନ ପରିସରରେ ଉନ୍ନତ ନିରୀକ୍ଷଣ ବ୍ୟବସ୍ଥା ବ୍ୟବହାର କରି ଲଗେଜ ଯାଞ୍ଚ ଏବଂ ଯାତ୍ରୀଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଯାଞ୍ଚ କାର୍ଯ୍ୟ କରିଥିଲେ। ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିବା ପାଇଁ ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନ, ପ୍ଲାଟଫର୍ମ ଏବଂ ପାର୍କିଂ କ୍ଷେତ୍ରରେ ଅତିରିକ୍ତ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏହି ଉତ୍ତେଜନାପୂର୍ଣ୍ଣ ସମୟରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି।

### ଆକ୍ରମଣ ପଛର...

ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ପରେ ଏନ୍‌ଆଇଏ ଅଧିକାରୀମାନଙ୍କ ଏକ ଟିମ ଆଇଜିଙ୍କ ନେତୃତ୍ୱରେ ସେଠାରେ ପହଞ୍ଚି ସ୍ଥାନୀୟ ପୋଲିସକୁ ତଦନ୍ତରେ ସହାୟତା କରିଥିଲା।

### ଓଡ଼ିଶା ଉପକୂଳରେ...

ପବନ ବହିବା ପାଇଁ ୟେଲୋ ଏବଂ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୨୯ ଏପ୍ରିଲରୁ ମେ୧ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ମଧ୍ୟ ସମ୍ଭାବନା ଅଛି। ଆଗାମୀ ୫ ଦିନ ମଧ୍ୟରେ ସାରା ରାଜ୍ୟରେ ଦିନର ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ଏବଂ ପରବର୍ତ୍ତୀ ୨ ଦିନରେ ତାପମାତ୍ରା ୨-୪ ଡିଗ୍ରି ସେଲସିୟସ ବୃଦ୍ଧି ପାଇବ ବୋଲି କୁହାଯାଇଛି। ପ୍ରବଳ ପବନ ପାଇଁ ସାତଟି ଜିଲ୍ଲା ଲାଗି ୨ ଦିନ ନିମନ୍ତେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବର୍ଷା ଯୋଗୁ ଚାଷ ଜମିରେ ଅମଳ ହୋଇ ନଥିବା ଫସଲ କ୍ଷତିଗ୍ରସ୍ତ ହୋଇପାରେ । ମଙ୍ଗଳବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଏବଂ ଯାଜପୁରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ଣ/ସନ୍ଧ୍ୟାରେ ୫୦-୬୦ କିଲୋମିଟର ବେଗରେ ପବନ ବହିବା ସହିତ ଘଡ଼ଘଡ଼ି ସହ ବର୍ଷା, କୁଆପଥର ବର୍ଷା ଏବଂ ପ୍ରବଳ ବର୍ଷା ହୋଇପାରେ। ୟେଲୋୱାର୍ଣ୍ଣିଂ ବଜ୍ରପାତ ସହିତ ବର୍ଷା ଏବଂ ୪୦-୫୦ କିଲୋମିଟର ବେଗରେ ପବନ ବହିବ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ ଏବଂ ଢେଙ୍କାନାଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ଣ/ସନ୍ଧ୍ୟାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତିର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ଣ/ସନ୍ଧ୍ୟା ସମୟରେ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବା ସହିତ ଝଡ଼ତୋଫାନ/ବିଜୁଳିପାତ ହେବାର ସତର୍କ ସୂଚନା ଜାରି କରାଯାଇଛି। ବଜ୍ରପାତରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ ପାଗ ଉପରେ ନଜର ରଖିବାକୁ ଏବଂ ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ପନିପରିବା ଏବଂ ଫସଲକୁ କୁଆପଥର ମାଡ଼ରୁ ରକ୍ଷା କରିବା ପାଇଁ ଚାଷୀମାନଙ୍କୁ କୁଆପଥର ବର୍ଷାରୁ ଫସଲକୁ ସୁରକ୍ଷିତ ରଖିବା ପାଇଁ ନେଟ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

### ଲଞ୍ଚ୍ ପ୍ୟାଡ ଚିହ୍ନଟ ...

ଏବଂ ହିଜବୁଲ ମୁଜାହିଦ୍ଦିନ (ଏଚଏମ) ଭଳି ସଂଗଠନଗୁଡ଼ିକ ବଙ୍କରରେ ଲୁଚି ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସଂଗ୍ରହ କରୁଛନ୍ତି । ଏହି ବଙ୍କରଗୁଡ଼ିକ ଲାଇନ ଅଫ କଣ୍ଟ୍ରୋଲ (ଏଲଓସି) ନିକଟରେ ଅବସ୍ଥିତ, ଯାହା ଭାରତରେ ଅନୁପ୍ରବେଶ ପାଇଁ ବ୍ୟବହୃତ ହେଉଛି। ପାହାଲଗାମ ଆତଙ୍କବାଦୀ ଆକ୍ରମଣ (୨୨ ଏପ୍ରିଲ ୨୦୨୫) ପରେ, ଯେଉଁଥିରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ, ଭାରତ ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଆକ୍ରମଣର ଦାୟିତ୍ୱ ଦେଖି ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ), ଯାହା ଲସ୍କର-ଏ-ତୋଇବାର ଏକ ଶାଖା, ନେଇଥିଲା। ଭାରତୀୟ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ଏଲଓସି ନିକଟରେ ସୁରକ୍ଷା ବଢ଼ାଇଛନ୍ତି ଏବଂ ଡ୍ରୋନ ଓ ସାଟେଲାଇଟ ମାଧ୍ୟମରେ ଲଞ୍ଚ ପ୍ୟାଡଗୁଡ଼ିକ ଉପରେ ନଜର ରଖିଛନ୍ତି। ଗୋଇନ୍ଦା ସୂଚନା ଅନୁଯାୟୀ, ଭାରତୀୟ ସେନା ପିଓକେରେ ଥିବା ଏହି ଶିବିରଗୁଡ଼ିକ ଉପରେ ସର୍ଜିକାଲ ଷ୍ଟ୍ରାଇକ କିମ୍ବା ଅନ୍ୟାନ୍ୟ ଲକ୍ଷ୍ୟଭିତ୍ତିକ ଅପରେସନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ୨୦୧୬ରେ ଉରୀ ଆକ୍ରମଣ ପରେ ଏବଂ ୨୦୧୯ରେ ପୁଲୱାମା ଆକ୍ରମଣ ପରେ ଭାରତ ଏଭଳି ଅପରେସନ କରିଥିଲା, ଯାହା ପାକିସ୍ତାନକୁ ଅନ୍ତର୍ଜାତୀୟ ସ୍ତରରେ ଅସହଜ କରିଥିଲା।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ପୃଥିବୀର ସୁରକ୍ଷା ପାଇଁ ପଦକ୍ଷେପ

ଝାରସୁଗୁଡା, ନ୍ୟୁଜ ବ୍ୟୁରୋ

ଏପ୍ରିଲରେ ବିଶ୍ୱ ପୃଥିବୀ ଦିବସ ୨୦୨୫ ପାଳନ କରିବାକୁ ଏକତ୍ରିତ ହେଉଥିବା ବେଳେ, ଏହି ବର୍ଷର ଆମର ଶକ୍ତି, ଆମ ଗ୍ରହ ବିଷୟବସ୍ତୁ ଏକ ଆକର୍ଷଣୀୟ ସ୍ମରଣକାରୀ ଯେ ଆମ ଗ୍ରହକୁ ସୁରକ୍ଷା ଏବଂ ପୋଷଣ କରିବାର କର୍ତ୍ତବ୍ୟ ଆମ ନିଜ ହାତରେ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟ ଉପରେ ନିର୍ଭର କରେ। ଓଡ଼ିଶାର ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପ କ୍ଷେତ୍ରରେ, ବେଦାନ୍ତ ଆଲୁମିନିୟମ ସକ୍ରିୟ ପରିବେଶଗତ ପରିଚାଳନାର ଏକ ଆଲୋକବର୍ତ୍ତିକା ଭାବରେ ଉଭା ହୋଇଛି। କମ୍ପାନୀ ବର୍ଷସାରା ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସ୍ଥାୟୀତ୍ୱକୁ କ୍ରମାଗତ ଭାବରେ ଚାମ୍ପିଅନ କରୁଥିବା ବେଳେ, ଏହା ସମ୍ପ୍ରତି ଏହାର ମାତୃଭନ ପ୍ରୟାସ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଝାରସୁଗୁଡାରେ ୧ ଲକ୍ଷ ଚାରା ରୋପଣ କରିବାକୁ ପ୍ରତିଶ୍ରୁତି ଦେବା ପରେ, ବେଦାନ୍ତ ଏବେ ଏହି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟର ସଫଳ ସମାପ୍ତି ଘୋଷଣା କରିଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି, କମ୍ପାନୀ ଏକ ବର୍ଷ ମଧ୍ୟରେ ଏହି ସଫଳତା ହାସଲ କରିଛି, ଯାହା ପରିବେଶଗତ ପୁନରୁଦ୍ଧାର ଏବଂ ସଂରକ୍ଷଣ ପ୍ରତି ଏହାର ଗଭୀର ପ୍ରତିବଦ୍ଧତାର ପ୍ରମାଣ। ମାତୃ ଭନ୍ ପ୍ରୟାସ ଜୁଲାଇ ୨୦୨୪ରେ ଭାରତ ସରକାରଙ୍କ ଏକ ପେଡ୍ ମା କେ ନାମ ଅଭିଯାନ ସହିତ ଏକ ଗଣ ରୋପଣ ଅଭିଯାନ ସହିତ ଆରମ୍ଭ ହୋଇଥିଲା। ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ଜିଲ୍ଲା ଅଧିକାରୀ, ବେଦାନ୍ତ କର୍ମଚାରୀ ଏବଂ ସ୍କୁଲ ପିଲାମାନେ ଝାରସୁଗୁଡା ଜିଲ୍ଲା ମଧ୍ୟରେ ଅବସ୍ଥିତ କପୁମାଲରେ ଏକ ପୁନଃପ୍ରାପ୍ତ ପାଉଁଶ ସଂରକ୍ଷଣ କ୍ଷେତ୍ରରେ ୨,୦୦୦ରୁ ଅଧିକ ଚାରା ରୋପଣ କରିବାକୁ ଏକାଠି ହୋଇଥିଲେ। ଏକ ଲକ୍ଷ ଚାରା ରୋପଣ ଲକ୍ଷ୍ୟର ସଫଳ ସମାପ୍ତି ଝାରସୁଗୁଡାର ସବୁଜ ଆବରଣ ବୃଦ୍ଧି କରିବା ଏବଂ ଏହି ଅଞ୍ଚଳରେ ବିବିଧ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ଏହା ଉନ୍ନତ ବାୟୁ ଗୁଣବତା, ଅଧିକ କାର୍ବନ ଶୋଷଣ ଏବଂ ବ୍ୟାପକ ପ୍ରାକୃତିକ ବାସସ୍ଥାନରେ ଅବଦାନ ଦେଇ ସ୍ଥାନୀୟ ପରିବେଶ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ, ସହିତ ପୂର୍ବରୁ ବ୍ୟବହୃତ ଜମିକୁ ସମୃଦ୍ଧ ସବୁଜ ସ୍ଥାନରେ ପରିଣତ କରିବାର ସମ୍ଭାବନାକୁ ମଧ୍ୟ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିବ। ଏହି ଐତିହାସିକ ସଫଳତା ହେଉଛି ବେଦାନ୍ତ ଆଲୁମିନିୟମର ନିରନ୍ତର ଧ୍ୟାନ ସ୍ଥାୟୀତ୍ୱ ପ୍ରୟାସର ସଦ୍ୟତମ ଫଳାଫଳ।





ବିଶ୍ୱର ସର୍ବବୃହତ ଏକକ-ସ୍ଥାନ ଆଲୁମିନିୟମ ସ୍ମେଲ୍ଟର ମଧ୍ୟରୁ ଗୋଟିଏ ଭାବରେ, ବେଦାନ୍ତର ଝାରସୁଗୁଡ଼ା ୟୁନିଟ୍ ବ୍ୟାପକ ଶିଳ୍ପର ସ୍ଥାୟୀ ପରିବର୍ତ୍ତନର ନେତୃତ୍ୱ ନେଉଛି। ଏହା ଏହାର ବୈଦ୍ୟୁତିକ ଲିଥିୟମ-ଆୟନ ଫୋକଲିଫ୍ଟର ଫ୍ଲିଟକୁ ପ୍ରାୟ ୫୦ ୟୁନିଟ୍ ପର୍ଯ୍ୟନ୍ତ ବିସ୍ତାର କରିଛି, ଯାହା ବେଦାନ୍ତ ଆଲୁମିନିୟମକୁ ଭାରତରେ ବୈଦ୍ୟୁତିକ ଲିଥିୟମ-ଆୟନ ଫୋକଲିଫ୍ଟର ସର୍ବବୃହତ ନିୟୋଜିତ ଭାବରେ ସୁଦୃଢ଼ କରିଛି। ବୈଦ୍ୟୁତିକ ଫୋକଲିଫ୍ଟଗୁଡ଼ିକ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ଏବଂ ପ୍ଲାଣ୍ଟର କାର୍ଯ୍ୟରୁ ସୃଷ୍ଟି ହେଉଥିବା ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ହ୍ରାସ କରିବାରେ ସିଧାସଳଖ ଯୋଗଦାନ କରେ। ଏହା ବ୍ୟତୀତ, ବେଦାନ୍ତର ଝାରସୁଗୁଡ଼ା ୟୁନିଟ୍ ଏହାର କାଷ୍ଟହାଉସ୍ କାର୍ଯ୍ୟକୁ ଶକ୍ତି ଦେବା ପାଇଁ ପ୍ରାକୃତିକ ଗ୍ୟାସର ନିରନ୍ତର ଯୋଗାଣ ପାଇଁ ଗେଲ ଗ୍ୟାସ୍ ଲିମିଟେଡ୍ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ୟାସ୍ ବିକ୍ରୟ ଚୁକ୍ତିନାମା (ଜିଏସଏ)ରେ ପ୍ରବେଶ କରିଛି। ଏଗୁଡ଼ିକ ବେଦାନ୍ତ ଆଲୁମିନିୟମର ସ୍ଥାୟୀ ଶକ୍ତି ଉତ୍ସକୁ ବୃହତ ପରିବର୍ତ୍ତନର ଅଂଶ, ଡିକାର୍ବୋନାଇଜେସନ୍ ଏବଂ ହ୍ରାସିତ କାର୍ବନ ପଦଚିହ୍ନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ପରିବେଶଗତ ସନ୍ତୁଳନକୁ ବୃଦ୍ଧି କରିବାର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱକୁ ସ୍ୱୀକାର କରି, ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ଏହାର ଜୈବ ବିବିଧତା ଏବଂ କାର୍ବନ ହ୍ରାସ ପ୍ରୟାସକୁ ବୃଦ୍ଧି କରିବା ପାଇଁ ପିଡବ୍ଲୁସି ସହିତ ଏକ ସହଭାଗୀତା ଗଠନ କରିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି ଯାହା ଏହାକୁ ବିଶ୍ୱ ଆଲୁମିନିୟମ କ୍ଷେତ୍ର ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସରେ ଏକ ନେତା ଭାବରେ ସ୍ଥାନିତ କରେ। ତେଣୁ, ଏହି ପୃଥିବୀ ଦିବସରେ, ଝାରସୁଗୁଡାରେ ରୋପଣ କରାଯାଇଥିବା ଏକ ଲକ୍ଷ ଚାରା ପରିବେଶ ସଂରକ୍ଷଣ ପାଇଁ ବେଦାନ୍ତର ଏକ ଦୃଶ୍ୟ ପ୍ରତିବଦ୍ଧତାର ପ୍ରତୀକ। ଏଗୁଡ଼ିକ ଏକ ଶକ୍ତିଶାଳୀ ସ୍ମରଣକାରୀ ଯେ ଗ୍ରହ ପ୍ରତି ପ୍ରକୃତ ଚିନ୍ତା ଦ୍ୱାରା ପରିଚାଳିତ ସାମୂହିକ କାର୍ଯ୍ୟ ଏକ ସ୍ଥାୟୀ ଆସନ୍ତାକାଲି ଗଠନରେ ଉଲ୍ଲେଖନୀୟ ଫଳାଫଳ ଆଣିପାରିବ।


**ପୂର୍ବ ତଟ ରେଳପଥ**
**ପେ ଆଣ୍ଡ୍ ୟୁଜ୍ ଶୌଚାଳୟର ଇ-ନିଲାମ**
ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PAY
**ଷ୍ଟେସନ ଏବଂ ସ୍ଥାନ :** (1) ମାଳତୀପାଟପୁର (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (2) ବଡ଼ବନ୍ଧ (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) କନ୍ଦରପୁର (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (4) ନିରାକାରପୁର (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (5) ଖଲିକୋଟ (ପରିଚଳନ କ୍ଷେତ୍ରରେ), (6) ରାହାମା (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (7) ନରାଜ ମାର୍ଥାପୁର (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (8) ନୟାଗଡ଼ ଟାଉନ୍ (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (9) ଗୋରଖନାଥ (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (10) ନିର୍ଗୁଣ୍ଡି (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ) ଏବଂ (11) ଜଖପୁରା (ପ୍ରି-ଫେବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ)।
**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ:** 13.05.2025, 1000 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।
**ନିଲାମ ବନ୍ଦ ହେବା ତାରିଖ ଓ ସମୟ:** ତା.13.05.2025ରିଖ 1030 ଘଟିକା (କ୍ରମ ସଂ.1 ପାଇଁ), 1040 ଘଟିକା (କ୍ରମ ସଂ.2 ପାଇଁ), 1050 ଘଟିକା (କ୍ରମ ସଂ.3 ପାଇଁ), 1100 ଘଟିକା (କ୍ରମ ସଂ.4 ପାଇଁ), 1110 ଘଟିକା (କ୍ରମ ସଂ.5 ପାଇଁ), 1120 ଘଟିକା (କ୍ରମ ସଂ.6 ପାଇଁ), 1130 ଘଟିକା (କ୍ରମ ସଂ.7 ପାଇଁ), 1140 ଘଟିକା (କ୍ରମ ସଂ.8 ପାଇଁ), 1150 ଘଟିକା (କ୍ରମ ସଂ.9 ପାଇଁ), 1200 ଘଟିକା (କ୍ରମ ସଂ. 10 ପାଇଁ) ଏବଂ 1210 ଘଟିକା (କ୍ରମ ସଂ.11 ପାଇଁ)।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-75/Q/25-26

## ଟାଇମପାସ୍ ପକ୍ଷରୁ ବହି ବୈଶାଖୀ ଉତ୍ସବ

# ପଦ୍ମବିଭୂଷଣ କବି ଦିବଂଗତ ରମାକାନ୍ତ ରଥଙ୍କ ଶ୍ରେଷ୍ଠ କବିତା ପୁସ୍ତକ ଉନ୍ମୋଚନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶ୍ରୀରାଧାର ବରେଣ୍ୟ କବି ତଥା ପଦ୍ମ ବିଭୂଷଣ ଦିବଂଗତ ରମାକାନ୍ତ ରଥଙ୍କ "ଶ୍ରେଷ୍ଠ କବିତା" ସଙ୍କଳନ ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ଟାଇମ୍‌ପାସ ପବ୍ଲିକେସନ ପକ୍ଷରୁ ବହି ବୈଶାଖୀ ଉତ୍ସବ ଅବସରରେ ଆୟୋଜିତ ପୁସ୍ତକ ଲୋକାର୍ପଣ ପର୍ବରେ ରମାକାନ୍ତ ରଥଙ୍କ ପରିବର୍ଦ୍ଧିତ ଶ୍ରେଷ୍ଠ କବିତା ସଙ୍କଳନକୁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଔପନ୍ୟାସିକ ଓ କଥାକାର ପବିତ୍ର ପାଣିଗ୍ରାହୀ, ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ, ପୁସ୍ତକର ଅନ୍ୟତମ ସମ୍ପାଦକ ଅଭିଜିତ୍ ନାୟକ ଓ ଟାଇମ୍‌ପାସ୍‌ର ଅଧ୍ୟକ୍ଷ ତଥା କବି



ସରୋଜ ବଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କବି ରମାକାନ୍ତ ରଥଙ୍କ କାବ୍ୟ ପ୍ରତିଭା ଉପରେ ପବିତ୍ର ପାଣିଗ୍ରାହୀ ଆଲୋକପାତ କରିଥିଲେ । ଏହି ସଙ୍କଳନକୁ ଔପନ୍ୟାସିକ ପବିତ୍ର ପାଣିଗ୍ରାହୀ ଓ ସାହିତ୍ୟିକ ଅଭିଜିତ୍ ନାୟକ ସମ୍ପାଦନା କରିଛନ୍ତି ଏବଂ ଟାଇମ୍‌ପାସ୍ ଏହି ସଙ୍କଳନଟିକୁ ପ୍ରକାଶିତ କରିଛି।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୯ ଅପ୍ରେଲ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ବଢ଼ିଲା ଶ୍ରୀମନ୍ଦିର ସୁରକ୍ଷା : ସ୍ୱତନ୍ତ୍ର ବାହିନୀ ମୁତୟନ



**ପୁରୀ, ୨୮/୪ ନ୍ୟୁଜ ବ୍ୟୁରୋ**
ଶ୍ରୀମନ୍ଦିରର ସୁରକ୍ଷା ଓ ଶୃଙ୍ଖଳା ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ କମାଣ୍ଡାଣ୍ଟଙ୍କ ସହ ୨ଜଣ ଡେପୁଟି କମାଣ୍ଡାଣ୍ଟ ଓ ୩ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିୟୋଜିତ ହୋଇଛନ୍ତି। ଚଳିତ ମାସ ୨୮ତାରିଖ ପୂର୍ବରୁ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଡିଜିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଗଠନ ପାଇଁ ଗୃହ ବିଭାଗ ପକ୍ଷରୁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ମନୋନୟନ କମିଟିରେ ଜଣେ ଆଇଜି, ଡିଆଇଜି ଏବଂ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରହିଥିଲେ। ଚଳିତ ମାସ ୧ ରୁ ୫ ମଧ୍ୟରେ ମନୋନୟନ ପ୍ରକ୍ରିୟାରେ ଯୋଗ ଦେବାକୁ ବିଭିନ୍ନ ର୍ୟାଙ୍କର ୧୬୭୧ ଜଣଙ୍କୁ ପୁରୀ ରିଜର୍ଭ ପୁଲିସ ଲାଇନ୍‌ରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦିନକୁ ଦିନ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆଗକୁ ଦର୍ଶନ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣି ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ଯୋଗାଇଦେବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ ନାମରେ ଏହି ଟିମ୍ ଶ୍ରୀମନ୍ଦିର ସୁରକ୍ଷା ଓ ଶୃଙ୍ଖଳା ଦାୟିତ୍ୱରେ ରହିବେ। ବାଟାଲିୟନରେ ଅଭିଜ୍ଞତା ଥିବା ପୁଲିସଙ୍କୁ ୩ ବର୍ଷ ପାଇଁ ଡେପୁଟେସନରେ ଅଣାଯିବ। ରାଜ୍ୟ ସଶସ୍ତ୍ର ସୁରକ୍ଷା ବାହିନୀର ଜଣେ କମାଣ୍ଡାଣ୍ଟ, ୨ଜଣ ଡେପୁଟି କମାଣ୍ଡାଣ୍ଟ, ୩ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ସମେତ ୮ ଇନ୍ସପେକ୍ଟର, ୩୧ ସବ୍ ଇନ୍ସପେକ୍ଟର, ୨୪ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ନିଯୁକ୍ତ ହେବେ। ଏମାନେ ଆତଙ୍କବାଦ ନିରୋଧୀ ଅପରେସନ ସହ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବେ। ଶ୍ରୀଗୁଣ୍ଡିଚା ମନ୍ଦିର, ପରିକ୍ରମା ପ୍ରକଳ୍ପ, ମାଉସୀ ମା' ମନ୍ଦିର ଏବଂ ଧାଡ଼ି ଦର୍ଶନ ବ୍ୟବସ୍ଥାର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବେ। ୧୦୮୩ ଜଣଙ୍କୁ ନିଯୁକ୍ତି ଦେବାକୁ ପୂର୍ବରୁ ଯୋଜନା ହୋଇଥିଲେ ହେଁ ବର୍ତ୍ତମାନ ସଂଖ୍ୟା ୧୨ ଶହରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଆଗକୁ ନାଟମଣ୍ଡପ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ରାଜ୍ୟ ସରକାର ଯୋଜନା କରିବାକୁ ଯାଉଥିବା ବେଳେ ଏହି ସଶସ୍ତ୍ର ସୁରକ୍ଷା ବାହିନୀ ନିଯୁକ୍ତି ଫଳପ୍ରଦ ହେବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି। ଏହି ବାଟାଲିୟନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ପରେ ସୁରକ୍ଷା ବ୍ୟବସ୍ଥା ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେବ ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଏହି କର୍ମଚାରୀଙ୍କୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ। ଏହି ସ୍ୱତନ୍ତ୍ର ବାହିନୀର ସ୍ଥାପନ ପାଇଁ ଜମି ଚିହ୍ନଟ ହୋଇ ସାରିଛି ବୋଲି ପୂର୍ବରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିଲେ।



ଭୁବନେଶ୍ୱର : ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବହୁ ମନ୍ତ୍ରୀ ଓ ବିଧାୟକମାନେ। (ଫଟୋ : ସମ୍ବାଦ କଳିକା)

## ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପାଇଁ ନୀତି ନିର୍ଘଣ୍ଟ ପ୍ରସ୍ତୁତ

# ଅପରାହ୍ଣ ସାଢ଼େ ୫ଟାରେ ହେବ ଚାପ ଖେଳ

**ଭୁବନେଶ୍ୱର, ୨୮/୪**
**ନ୍ୟୁଜ ବ୍ୟୁରୋ**



ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ପାଇଁ ସେବାୟତ ଓ ମନ୍ଦିର ପ୍ରଶାସନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଚନ୍ଦନ ଯାତ୍ରା ପାଇଁ ନୀତି ନିର୍ଘଣ୍ଟ କରିଛନ୍ତି। ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ କରାଯିବ। ୧୨ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମନ୍ଦିର ନୀତିକାନ୍ତି ହେବ। ଏହାପରେ ଠାକୁର ପାଲିଙ୍କିରେ ଅପରାହ୍ଣ ସାଢ଼େ ୫ଟାରେ ଚନ୍ଦନ ଯାତ୍ରା ପାଇଁ ବିନ୍ଦୁସାଗରକୁ ଯାତ୍ରା କରିବେ। ଚନ୍ଦନ ଯାତ୍ରା ସାରି ଫେରିବା ବେଳେ ଗୋଟିପୁଅ ନୃତ୍ୟ ପରିବେଷଣ ପୁଲିସ କର୍ଡନରେ ହେବ। ଏହି ଆଲୋଚନା ବେଳେ କପିଳନାଥ ଚନ୍ଦନ ଯାତ୍ରାକୁ ଆସିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ସେବାୟତମାନେ ଏହାକୁ ବିରୋଧ କରିଥିଲେ। ଯେହେତୁ ହାଣ୍ଡିଭଙ୍ଗା ଯାତଠୁ ପରମ୍ପରା ଭଙ୍ଗ ହୋଇଛି ଓ ଖୁଣ୍ଟିଆ ସେବାୟତ ସେବା ଆରମ୍ଭ କରି ନାହାଁନ୍ତି, ତେଣୁ କପିଳନାଥ ଚନ୍ଦନ ଯାତ୍ରାରେ ସାମିଲ ହୋଇପାରିବେନି ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ଖୁଣ୍ଟିଆ ସେବାୟତ କପିଳେଶ୍ୱରରେ ସେବା କଲେ କିମ୍ବା ହାଣ୍ଡିଭଙ୍ଗା ଯାତ ପରମ୍ପରା ରହିଲେ କପିଳନାଥ ଯୋଗଦେଇ ପାରିବେ ବୋଲି ସେବାୟତମାନେ କହିଥିଲେ। ଏଣୁ କପିଳନାଥ ଆସିବା ନେଇ ନିଷ୍ପତ୍ତି ହୋଇପାରି ନାହିଁ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ପ୍ରସାଦ ମହାନ୍ତି, କପିଳନାଥ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଡ଼ ମନୋରଞ୍ଜନ ସାହୁ, ମନ୍ଦିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ବାରିମଲ, ବ୍ରାହ୍ମଣ ନିଯୋଗ ପକ୍ଷରୁ ବିରଞ୍ଚି ପତି, ହେମାଦ୍ରୀ ମହାପାତ୍ର, ପୂଜାପଣ୍ଡା ନିଯୋଗର ସଚିକାନ୍ତ ପୂଜାପଣ୍ଡା, ପ୍ରଶାନ୍ତ ସମର୍ଥା, ମନ୍ଦିର ନୀତି ସୁପରଭାଇଜର ରାଜକିଶୋର ମହାପାତ୍ର, ରବୀନ୍ଦ୍ର ବିଶୋଇ, କୁନା ଖୁଣ୍ଟିଆ, ମହାରଣା ସେବାୟତ, ଅପାଟିଆ ସେବାୟତ ଆଦି ଉପସ୍ଥିତ ଥିଲେ। ତେବେ ରଥ କାଠ ଖୋଲା ଚାଲିଥିବା ବେଳେ ବିନ୍ଦୁସାଗର କୂଳରେ ମହରଣା ସେବାୟତମାନେ ଚାପ ଡ଼ଙ୍ଗାକୁ ପ୍ରସ୍ତୁତ କରିବେ ବୋଲି କୁହାଯାଇଛି। ଆସନ୍ତା ୩୦ତାରିଖରେ ଚନ୍ଦନ ଯାତ୍ରା। ଏହି ଦିନ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମା' ପାର୍ବତୀଙ୍କ ସହ ୨୨ଦିନର ଚାପ ଖେଳିବେ। ହେଲେ ବିନ୍ଦୁସାଗରରେ ଏବେ ଚିଙ୍ଗୁଡ଼ିଆ ଦଳ ଭର୍ତ୍ତି। ବିଏମ୍‌ସି ଏବେ ଦଳ ସଫା କରୁଛି।

# ବିଶ୍ୱ ବଜାରରେ ପ୍ରୋତ୍ସାହନ ପାଇଁ ରାଜ୍ୟର ଜିଆଇ ଉତ୍ପାଦର ଗବେଷଣା ଜରୁରୀ

**ଭୁବନେଶ୍ୱର, ୨୮/୪**
**ନ୍ୟୁଜ ବ୍ୟୁରୋ**





କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ (ଏପିଡା) ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱରର ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଡ. ଏମ୍.ଏସ୍. ସ୍ୱାମୀନାଥନ କକ୍ଷରେ ଓଡ଼ିଶାର କୃଷି ଉତ୍ପାଦ ରପ୍ତାନୀକୁ ପ୍ରୋତ୍ସାହନ ଦେବା ଲାଗି ଏକ କର୍ମଶାଳା ଆୟୋଜିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ (ଏଫପିଓ)/କୃଷକ ଉତ୍ପାଦକ କମ୍ପାନୀ, ମହିଳା କୃଷି ଉଦ୍ୟୋଗୀ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସମଗ୍ର ଓଡ଼ିଶାର ରପ୍ତାନିକାରୀଙ୍କ ପ୍ରତିନିଧିତ୍ୱରେ ୧୦ରୁ ଅଧିକ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟରେ କୋରାପୁଟର କଳାଜିରା ଚାଉଳ, ନୟାଗଡ କଣ୍ଟେଇମୁଣ୍ଡି ବାଇଗଣ, ଗଞ୍ଜାମ କିଆ ଫୁଲ ଉତ୍ପାଦ, କୋରାପୁଟ କଫି ଏବଂ କନ୍ଧମାଳ ହଳଦୀ ଭଳି ଜିଆଇ ଉତ୍ପାଦ, କେନ୍ଦ୍ରାପଡ଼ା ରସାବଳୀ, ସାଲେପୁର ରସଗୋଲା, ଖଜୁରୀ ଗୁଡ଼, ଢେଙ୍କାନାଳ ମଗଜୀ ଲଡ୍ଡୁ ଏବଂ ମୟୂରଭଞ୍ଜ କାଇ ଚଟଣୀ ଭଳି ରାଜ୍ୟର ଅନେକ ଜିଆଇ ଟ୍ୟାଗ୍ ଏବଂ କୃଷି ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ତାଙ୍କ ଅଭିଭାଷଣରେ ରାଜ୍ୟରୁ କୃଷି ରପ୍ତାନୀ, ବିଶେଷ କରି ଜୈବିକ ସାମଗ୍ରୀର ରପ୍ତାନୀ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ବଜାରରେ ପ୍ରୋତ୍ସାହନ ପାଇଁ ରାଜ୍ୟରୁ ଜିଆଇ ଉତ୍ପାଦ ସମେତ ଉତ୍ପାଦଗୁଡ଼ିକର ଗବେଷଣା ଜରୁରୀ। ଏଥିପାଇଁ ରପ୍ତାନିକାରୀମାନେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟରୁ କୃଷି ରପ୍ତାନୀ ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ସହ ଏପିଡାର ସକ୍ରିୟ ସହଯୋଗକୁ ସେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କୃଷି ରପ୍ତାନୀ ବୃଦ୍ଧି ପାଇଁ ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରି ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସଂଶୋଧିତ ଜାତୀୟ ଜୈବିକ ଉତ୍ପାଦନ କାର୍ଯ୍ୟକ୍ରମ (ଏନପିଓପି) ଅଧୀନରେ ଜୈବିକ ରପ୍ତାନୀର ପ୍ରୋତ୍ସାହନ, ଜୈବିକ ପ୍ରମାଣୀକରଣ, ମୂଲ୍ୟ ଶୃଙ୍ଖଳା ବିକାଶ ଏବଂ ବଜାର ପ୍ରବେଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନନ୍ୟ କିସମର ଲାଭ ଉଠାଇବା, ଲଜିଷ୍ଟିକ୍ସରେ ଉନ୍ନତି ଆଣିବା ଏବଂ ରପ୍ତାନି ଆହ୍ୱାନର ମୁକାବିଲା କରି ଓଡ଼ିଶାରୁ ଚାଉଳ ରପ୍ତାନୀ ବୃଦ୍ଧି କରିବାର ରଣନୀତି ଉପରେ ଆଲୋଚନା କରାଯାଇଥିଲା। ତୃତୀୟ ଅଧିବେଶନରେ ଲଜିଷ୍ଟିକ୍ସ, କୋଲ୍ଡ ଚେନ୍ ଭିତ୍ତିଭୂମି ଏବଂ ବଜାର ସଂଯୋଗକୁ ମଜବୁତ କରିବା ଉପରେ ଧ୍ୟାନ ଦେଇ କୃଷି-ପ୍ରକ୍ରିୟାକୃତ ଏବଂ ଜିଆଇ-ଟ୍ୟାଗ୍ ହୋଇଥିବା ଉତ୍ପାଦଗୁଡ଼ିକର ମୂଲ୍ୟ ବୃଦ୍ଧି ଏବଂ ରପ୍ତାନି ପ୍ରୋତ୍ସାହନ ପାଇଁ ସୁଯୋଗ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ, ଏଫପିଓ, ଏଫପିସି ଏବଂ ପ୍ରଗତିଶୀଳ କୃଷକଙ୍କ ସମେତ ୪୦୦ରୁ ଅଧିକ ଅଂଶୀଦାର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜାତୀୟ ଜୈବିକ ଉତ୍ପାଦନ କାର୍ଯ୍ୟକ୍ରମ (ଏନପିଓପି)ର ସଚିବାଳୟ ଭାବେ ଏପିଡା ରାଜ୍ୟର ୩୦ରୁ ଅଧିକ ଜୈବିକ ଉତ୍ପାଦକ ଗୋଷ୍ଠୀ ଏବଂ ଓଡ଼ିଶାରେ କାର୍ଯ୍ୟ କରୁଥିବା ଜୈବିକ ପ୍ରମାଣନ ସଂସ୍ଥାଗୁଡ଼ିକ ସହିତ ଏକ ସହଭାଗୀ ବାର୍ତ୍ତାଳାପ ଆୟୋଜନ କରିଥିଲା। ନିକଟରେ ୯ ଜାନୁଆରୀ, ୨୦୨୫ରେ ଆରମ୍ଭ ହୋଇଥିବା ଏନପିଓପି (ଅଷ୍ଟମ ସଂସ୍କରଣ)ର ସଂଶୋଧନ ଏବଂ ନୂତନ ବ୍ୟବସ୍ଥା ସମ୍ବନ୍ଧରେ କୃଷକମାନଙ୍କ ସନ୍ଦେହ ଓ ପ୍ରଶ୍ନଗୁଡ଼ିକର ସମାଧାନ ଉପରେ ଆଲୋଚନା ହୋଇଥିଲା। ସାଂସଦ ତଥା କୃଷି, ପ୍ରାଣୀସମ୍ପଦ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସଂସଦୀୟ ସ୍ଥାୟୀ କମିଟିର ସଦସ୍ୟ ସୁକାନ୍ତ କୁମାର ପାଣିଗ୍ରହୀ ତାଙ୍କ ଅଭିଭାଷଣରେ ଓଡ଼ିଶାରୁ କୃଷି ରପ୍ତାନୀକୁ ସହାୟତା କରିବା ପାଇଁ ଏଗ୍ରୀ-ଇନଫ୍ରା ପାଣ୍ଠିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି କହିଥିଲେ, ୨୦୪୭ ମସିହା ସୁଦ୍ଧା ସମଗ୍ର କୃଷି ରପ୍ତାନୀ ଇକୋସିଷ୍ଟମର ବିକାଶ ଦ୍ୱାରା 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହୋଇପାରିବ। ଏହା ପ୍ରତିଦ୍ୱନ୍ଦ୍ୱିତାମୂଳକ ଲାଭ ହାସଲ କରିବାରେ, ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ, ଉନ୍ନତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏବଂ ବୈଦେଶିକ ମୁଦ୍ରା ଆୟ ସୃଷ୍ଟି କରିବାରେ ସହାୟକ ହେବ। ଏପିଡାର ଅଧ୍ୟକ୍ଷ ଅଭିଷେକ ଦେବ ତାଙ୍କ ସ୍ୱାଗତ ଭାଷଣରେ ଜୈବିକ ଉତ୍ପାଦ ଉପରେ ବିଶେଷ ଗୁରୁତ୍ୱ ଦେଇ କୃଷି ଉତ୍ପାଦ ପାଇଁ ରପ୍ତାନୀ ଭିତ୍ତିକ ରଣନୀତି ଉପରେ ଆଲୋକପାତ କରିଥିଲେ।



ଭୁବନେଶ୍ୱର : ଜୟନ୍ତୀ ପାଳନ ଅବସରରେ ବିରୋଧିଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ରାଉରକେଲାରେ ପୋଲିସ ଡିଜି ୱାଇ.ବି. ଖୁରାନିଆ

# ମାଓ ଦମନ ପାଇଁ କେଲେ ସମୀକ୍ଷା

**ଭୁବନେଶ୍ୱର, ୨୮/୦୪ ନ୍ୟୁଜ ବ୍ୟୁରୋ**
ରାଉରକେଲାରେ ପୋଲିସ ଡିଜି ୱାଇ.ବି. ଖୁରାନିଆ। ରାଉରକେଲା ଏସ୍‌ପିଙ୍କ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି ସମୀକ୍ଷା ବୈଠକ। ଝାଡ଼ଖଣ୍ଡ ସିଆରପିଏଫ୍ ସହ ରାଉରକେଲା, ସୁନ୍ଦରଗଡ଼ ପୋଲିସର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଓ ଦମନ ପାଇଁ ଦୁଇ ରାଜ୍ୟର ସୁରକ୍ଷା କର୍ମୀଙ୍କ ସହ ଆଲୋଚନା କରାଯାଇଛି । ଏହି ବୈଠକରେ ଆଇଜି ଅପରେସନ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଉତ୍ତରାଞ୍ଚଳ ଇଆଇସି, ସୁନ୍ଦରଗଡ଼ ଏସପି, ରାଉରକେଲା ଏସପି, କେନ୍ଦୁଝର ଏସପି ଏବଂ ଝାଡ଼ଖଣ୍ଡ ସିଆରପିଏଫ୍ କମାଣ୍ଡର ସାମିଲ ଥିଲେ। ପହଲଗାମ୍ ଆକ୍ରମଣ ପରେ ଦେଶରେ ଯେପରି ସାମ୍ପ୍ରଦାୟିକ ଘଟଣା ନଘଟିବ ସେଥିପ୍ରତି ନଜର ରଖିବା ପାଇଁ ସମୀକ୍ଷା କରାଯାଇଛି।





ଭୁବନେଶ୍ୱର : କେନ୍ଦ୍ରାପଡା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ରାଜଧାନୀରୁ ୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ୨ ଗିରଫ

**ଭୁବନେଶ୍ୱର, ୨୮/୦୪ ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୋଲିସ। ଚଢଉ କରି ୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ କଲା ଖଣ୍ଡଗିରି ଥାନା ପୋଲିସ। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି । ସୂଚନା ମୁତାବକ, ଏକ ଟ୍ରକ୍ ଯୋଗେ ବିପୁଳ ପରିମାଣର ଗଞ୍ଜେଇ କନ୍ଧମାଳରୁ ବାହାର ରାଜ୍ୟକୁ ଚାଲାଣ ହେଉଥିଲା ।

# ଜିଲ୍ଲାପାଳ ଦେଖିଲେ ବିରଳ ପାଣିଚିରୀ ପକ୍ଷୀ

**କଟକ, ୨୮/୪ ନ୍ୟୁଜ ବ୍ୟୁରୋ**
ବିଲୁପ୍ତପ୍ରାୟ ବିରଳ ପାଣିଚିରୀ ପକ୍ଷୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇଛି। ଏହାର ସୁରକ୍ଷା ଓ ବଂଶ ବୃଦ୍ଧି କଥା ସେଭଳି ଆନ୍ତରିକତା ସହ କରାଯାଉନାହିଁ ଯାହା ଉଦ୍‌ବେଗର ବିଷୟ। ହେଲେ ପାଣିଚିରୀ ପକ୍ଷୀର ସୁରକ୍ଷା କଥା ମନରେ ସ୍ଥାନିତ କରିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ । ଜିଲ୍ଲାପାଳ ଶ୍ରୀ ସିନ୍ଧେ ଖୁଣ୍ଟୁଣୀ ବନାଞ୍ଚଳର କଖଡି ଫରେଷ୍ଟ ବିଟ୍ ଅନ୍ତର୍ଗତ ବ୍ରହ୍ମପୁର ଗାଁ ମହାନଦୀ ପଠାକୁ ଯାଇ ପାଣିଚିରୀ ପକ୍ଷୀ ଦେଖିଥିଲେ। ଉପସ୍ଥିତ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ପାଣିଚିରୀ ପକ୍ଷୀ ସଂଖ୍ୟା, କେତେ ଅଣ୍ଡା ଦେଇଛନ୍ତି, କୋଉଁଠୁ ଆସୁଛନ୍ତି ଆଦି ସମ୍ପର୍କରେ କହିଥିଲେ। ଏହାର ସୁରକ୍ଷା ପାଇଁ ଆବଶ୍ୟକ ସହଯୋଗ ବିଦ୍ୟାର୍ଥୀ ଓ ଗୋଷ୍ଠୀ ଗତ ସ୍ତରରେ ସଚେତନତା କରାଯାଉଥିବା ଜାଣି ଖୁସି ବ୍ୟକ୍ତ କରିବା ସହ ସୁରକ୍ଷା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ କହିଥିଲେ ଜିଲ୍ଲାପାଳ ଶ୍ରୀ ସିନ୍ଧେ । ପ୍ରକାଶ ଯୋଗ୍ୟ ସମଗ୍ର ବିଶ୍ୱରେ ପାଣିଚିରୀ ପକ୍ଷୀ ସଂଖ୍ୟା ୪୫୦୦ରୁ ୫୦୦୦ ଅଟନ୍ତି। ଏସିଆ ମହାଦେଶରେ ୨୬୦୦ ଅଛନ୍ତି। ଚଳିତ ବର୍ଷ ବ୍ରହ୍ମପୁର ମହାନଦୀ ପଠା ଓ ନାରାଙ୍ଗବସ୍ତ ଗାଁ ପନ୍ତେଇ ଠାକୁରାଣୀ ବିଜେସ୍ଥଳୀ ନିକଟସ୍ଥ ମହାନଦୀ ପଠାକୁ ଆସିଛନ୍ତି ୨୪୫ଟି ପାଣିଚିରୀ। ଏବେ ସୁଦ୍ଧା ୧୪୦ ଅଣ୍ଡା ଦେଇଥିବାବେଳେ ସେଥିରୁ ୧୪ ଛୁଆ ଫୁଟିଛି ।





**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ପାଖେଇ ଆସୁଛି ରଥଯାତ୍ରା : ମୁକୁଳା ଡ୍ରେନ୍ ଭକ୍ତଙ୍କ ପାଇଁ ପାଲଟିବ ମରଣଯନ୍ତା !

**ପୁରୀ, ୨୮/୪ ନ୍ୟୁଜ ବ୍ୟୁରୋ**
ପାଖେଇ ଆସୁଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ତେବେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ଆୟୋଜନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ହେଲେ ଦୁର୍ଭାଗ୍ୟର ବିଷୟ ମୁକୁଳା ଡ୍ରେନ୍ ଉପରେ ସ୍ଲାବ ପକାଇବା ପାଇଁ ବାରମ୍ବାର ଦାବି ହେଉଥିବାବେଳେ ପୌରପାଳିକା ଏହା ଉପରେ ଗୁରୁତ୍ୱ ଦେଉନାହିଁ। ଏଣୁ ଆଗାମୀ ଦିନରେ ମୁକୁଳା ଡ୍ରେନ୍ ଭକ୍ତ, ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମରଣଯନ୍ତା ପାଲଟିବାର ଆଶଙ୍କା ରହିଛି । କେତେବେଳେ ବି ମୁକୁଳା ଡ୍ରେନରେ ପଡ଼ି ଲୋକଙ୍କ ଜୀବନ ଚାଲିଯିବାର ଆଶଙ୍କା ରହିଛି। ପୁରୀ ସହରରେ ଏଭଳି ସ୍ଥିତି ଉପୁଜୁଥିବା ବେଳେ ଆଗାମୀ ରଥଯାତ୍ରା ସମୟରେ ଏହି ମୁକୁଳା ଡ୍ରେନ୍ ଭକ୍ତ ଓ ପର୍ଯ୍ୟଟକମାନଙ୍କ ପାଇଁ ମରଣଯନ୍ତା ପାଲଟିବାର ଆଶଙ୍କା ରହିଛି । ପୁରୀ ସହରରେ ଅନେକ ସ୍ଥାନରେ ବଡ଼ ବଡ଼ ନାଳ ରହିଥିବା ବେଳେ ଏଗୁଡିକ ଖୋଲାମେଲା ରହିଛି। ଫଳରେ ଅନେକ ସମୟରେ ମୁକୁଳା ଡ୍ରେନରେ ପଡ଼ି ଲୋକଙ୍କ ଜୀବନ ଯାଉଥିବା ବେଳେ ଅନେକ ମଧ୍ୟ ଆହତ ହୋଇଛନ୍ତି । ହେଲେ ଦୁର୍ଭାଗ୍ୟର ବିଷୟ ଏହାକୁ ନେଇ ପୁରୀ ପୌରପାଳିକାର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ । ପ୍ରତିବର୍ଷ ଡ୍ରେନ୍ ଉପରେ ସ୍ଲାବ ପକାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ହେଉଥିବା ବେଳେ ଏହି ଅର୍ଥ ବାଟମାରଣା ହେଉଛି । ତେବେ ଆଗକୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଥିବାରୁ ପୌର ପ୍ରଶାସନ ତୁରନ୍ତ ମୁକୁଳା ଡ୍ରେନ୍ ଉପରେ ସ୍ଲାବ ପକାଇବା ପାଇଁ ପୁରୀ ଜିଲ୍ଲା ନଗର କଂଗ୍ରେସ ସଭାପତି ଓ ସେବାୟତ ଦାବି କରିଛନ୍ତି । ଏନେଇ ତୁରନ୍ତ ପଦକ୍ଷେପ ନିଆନଗଲେ କଂଗ୍ରେସ ପୁରୀ ପୌରପାଳିକା ଅଫିସ୍ ଘେରାଉ କରିବ ବୋଲି ଚେତାବନୀ ଦେଇଛି ।



ଗତ ତିନି ବର୍ଷରେ ମୁକୁଳା ଡ୍ରେନରେ ପଡ଼ି ତିନି ଜଣ ଲୋକ ପ୍ରାଣ ହରାଇଲେଣି । ଗତ ୨୦୨୨ ମସିହାରେ ମୁକୁଳା ଡ୍ରେନରେ ପଡି ଦୁଇଜଣଙ୍କ ଜୀବନ ଯାଇଥିବା ବେଳେ ଗତ ୨୦୨୪ ମସିହା ଡ଼ିସେମ୍ବର ୨୪ ତାରିଖରେ ଜଣେ ବ୍ୟକ୍ତି ଡ୍ରେନରେ ପଡ଼ି ମଧ୍ୟ ମୃତ୍ୟୁବରଣ କରିଥିଲେ । ତେବେ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ପୌରପାଳିକାକୁ କଡ଼ା ସମାଲୋଚନା ପରେ ପୁରୀ ସହରର ସମସ୍ତ ମୁକୁଳା ଡ୍ରେନକୁ ସ୍ଲାବ ପକାଯିବ ବୋଲି ପୌର ଅଧିକାରୀ କହିଥିଲେ । ହେଲେ ଦୁର୍ଭାଗ୍ୟର ବିଷୟ ମୁକୁଳା ଡ୍ରେନରେ ପଡ଼ି ଲୋକଙ୍କର ମୃତ୍ୟୁ ଘଟଣାକୁ ଅତି ହାଲୁକା ଭାବେ ନେଉଛନ୍ତି ପୌର ପ୍ରଶାସନର ଅଧିକାରୀ । ସେପଟେ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା ପରେ ପୁରୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି ମୁକୁଳା ଡ୍ରେନ୍ ଉପରେ ସ୍ଲାବ ପକାଇବା କାର୍ଯ୍ୟ କରାଯିବ । ଏହାକୁ ଗୁରତ୍ୱର ସହ ପୁରୀ ଜିଲ୍ଲା ପ୍ରଶାସନ ନେଇ ତୁରନ୍ତ ରଥଯାତ୍ରା ପୂର୍ବରୁ ସମସ୍ତ ମୁକୁଳା ଡ୍ରେନ୍ ଉପରେ ସ୍ଲାବ ପକାଇବାର ଆବଶ୍ୟକତା ରହିଛି।

ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'କେବଳ ରଥଯାତ୍ରା ଆସିଲେ ପୁରୀ ଜିଲ୍ଲା ପ୍ରଶାସନ ତତ୍ପର ହେଉଛି। ରଥ ଯାତ୍ରା ଶେଷ ପରେ କୌଣସି କାର୍ଯ୍ୟ ହେଉନାହିଁ କି ସମୀକ୍ଷା ହେଉନାହିଁ। ମୁକୁଳା ଡ୍ରେନ ପ୍ରସଙ୍ଗରେ ବାରମ୍ବାର ଦାବି କରାଯାଇଛି । ମୁକୁଳା ଡ୍ରେନ ଯୋଗୁ ଅନେକ ଲୋକଙ୍କ ଜୀବନ ଚାଲି ଯାଇଛି । ହେଲେ ମୁକୁଳା ଡ୍ରେନ ଉପରେ କିଭଳି ସ୍ଲାବ ପଡ଼ିବ ସେ ନେଇ କୌଣସି ଆଖି ଦୃଶିଆ କାର୍ଯ୍ୟ ହେଉନାହିଁ । ଯେଭଳି ପୁରୀ ସହରକୁ ଭକ୍ତ ଓ ପର୍ଯ୍ୟଟକ ସଂଖ୍ୟା ବଢ଼ିବାରେ ଲାଗିଛି ମୁକୁଳା ଡ୍ରେନ ଯୋଗୁଁ ଅଘଟଣ ନିଶ୍ଚିତ ଘଟିବ। ଜନ ପ୍ରତିନିଧି ଓ ସାହି ମୁରବୀଙ୍କୁ ଡାକି ମୁକୁଳା ଡ୍ରେନ ସମସ୍ୟା କିଭଳି ସମାଧାନ ହେବ ସେ ନେଇ ପୁରୀ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଉଚିତ ।